୬ ବୁମ୍ରା ପାଇବେ 'ପ୍ଲେୟାର ଅଫ ଦି ମନ୍ଥ' ପୁରସ୍କାର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com
The Sambad Kalika

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୩୪୭ ● ୧୫ ଜାନୁଆରୀ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -31 ● Issue-347 ● 15th January 2025, Wednesday ● Bhubaneswar | Licensed to post without pre-payment of postage No- BN-60/25-27

## ୬୫ ହଜାର କୋଟି ଟଙ୍କା ବ୍ୟୟରେ କେନ୍ଦୁଝରରେ ପ୍ରତିଷ୍ଠା ହେବ ମେଗା ଷ୍ଟିଲ ପ୍ଲାଣ୍ଟ

**ଭୁବନେଶ୍ୱର, ୧୪।୧**
**ନ୍ୟୁଜ୍ ବ୍ୟୁରୋ**





କେନ୍ଦୁଝରରେ ପ୍ରତିଷ୍ଠା ହେବ ମେଗା ଷ୍ଟିଲ୍ ପ୍ଲାଣ୍ଟ। ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଥିବା ଶ୍ରୀ ମାଝୀ କହିଛନ୍ତି ଯେ, ଖଣିଜ ସମ୍ପଦରେ ସମୃଦ୍ଧ କେନ୍ଦୁଝରରେ ବୃହତ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଅନେକ ଦିନରୁ ଯୋଜନା ରହିଛି। ଆଗାମୀ ୨୮ ଓ ୨୯ ତାରିଖରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ସମୟରେ କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଏମ୍ଓୟୁ ସ୍ୱାକ୍ଷର କରାଯିବାକୁ ପ୍ରସ୍ତାବ ରହିଛି। ଏହି ସମୟରେ ଓଡ଼ିଶାକୁ ପୁଞ୍ଜିନିବେଶକମାନେ ଆସିବେ ଏବଂ ସେମାନଙ୍କ ସହ ଆଲୋଚନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଏହି ସୂଚନା ଦେଇ କହିଛନ୍ତି ଯେ ଏହି ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ୬୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ଏହି ପ୍ଲାଣ୍ଟ ମାଧ୍ୟମରେ ବେରୋଜଗାରୀଙ୍କୁ ପ୍ରତକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ସୁବିଧା ମିଳିବ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ଗତବର୍ଷ ନଭେମ୍ବର ୧ ତାରିଖରେ ପ୍ରଥମେ ସୂଚନା ଦିଆଯାଇଥିଲା। ସେହି ସମୟରେ ଦୁଇଦିନିଆ ଗସ୍ତରେ ଥିବା ବେଳେ ସେ କହିଥିଲେ ଯେ, ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋର ମିଳିତ ସହଯୋଗରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ହେବ।

ସୂଚନାଯୋଗ୍ୟ, କିଛି ମାସ ପୂର୍ବରୁ ଦିଲ୍ଲୀ ଓ ମୁମ୍ବାଇରେ ମେକ ଇନ ଓଡ଼ିଶାର ରୋଡ ସୋ'ର ଆୟୋଜନ ହୋଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ସିଙ୍ଗାପୁର ଗସ୍ତ କରି ନିବେଶକମାନଙ୍କ ସମ୍ମିଳନୀରେ ଆଲୋଚନା ମଧ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟ ସରକାରଙ୍କ ତରଫରୁ ପୁଞ୍ଜିନିବେଶକାରୀଙ୍କ ପାଇଁ ବିଭିନ୍ନ ପ୍ରକାର ସହାୟତା ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ରାଜ୍ୟରେ ଶିଳ୍ପ ଅନୁକୂଳ ବାତାବରଣ ଏବଂ ଭିତ୍ତିଭୂମିର ସୁବିଧା ରହିଥିବାରୁ ଏଠାରେ ବିଭିନ୍ନ ପ୍ରକାର ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ସହାୟକ ହେବ ବୋଲି ନିବେଶକମାନଙ୍କ ପାଇଁ ତଥ୍ୟ ଉପସ୍ଥାପନ କରାଯାଇଥିଲା।

## ମହାକୁମ୍ଭ: ୩.୫୦ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପକାଇଲେ ବୁଡ଼

**ପ୍ରୟାଗରାଜ, ୧୪।୧**



ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ପ୍ରୟାଗରାଜ ମହାକୁମ୍ଭ-୨୦୨୫ରେ ତ୍ରିବେଣୀ ଘାଟରେ ପ୍ରଥମ ଅମୃତ ସ୍ନାନ ପର୍ବ ଆରମ୍ଭ ହୋଇଛି। ପ୍ରଥମ ଅମୃତ ସ୍ନାନ ପର୍ବରେ ୩.୫୦ କୋଟିରୁ ଅଧିକ ସନ୍ଥ ଏବଂ ଶ୍ରଦ୍ଧାଳୁ ଆସ୍ଥାର ବୁଡ଼ ପକାଇଛନ୍ତି । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ସୂଚନା ଦେଇଛନ୍ତି।

ଆଦିତ୍ୟନାଥ ଏକ ପୋଷ୍ଟରେ ଲେଖିଛନ୍ତି, ବିଶ୍ୱାସ, ସମାନତା ଏବଂ ଏକତାର ମହାସଂଗମରେ ପବିତ୍ର ମକର ସଂକ୍ରାନ୍ତିର ପବିତ୍ର ଅବସରରେ ପବିତ୍ର ସଂଗମରେ ବିଶ୍ୱାସର ପବିତ୍ର ବୁଡ଼ ପକାଇଥିବା ସମସ୍ତ ପୂଜ୍ୟ ସନ୍ଥ, କଳ୍ପବାସୀ ଏବଂ ଭକ୍ତମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ପ୍ରୟାଗରାଜ ମହାକୁମ୍ଭ-୨୦୨୫ ଅବସରରେ ପ୍ରଥମ ଅମୃତ ସ୍ନାନ ଉତ୍ସବରେ, ୩.୫୦ କୋଟିରୁ ଅଧିକ ପୂଜ୍ୟ ସନ୍ଥ/ଭକ୍ତ ନିରବଚ୍ଛିନ୍ନ-ସ୍ୱଚ୍ଛ ତ୍ରିବେଣୀରେ ସ୍ନାନର ପବିତ୍ର ଲାଭ ଅର୍ଜନ କରିଛନ୍ତି।

ପ୍ରଥମ ଅମୃତ ସ୍ନାନ ଉତ୍ସବର ସଫଳ ସମାପ୍ତି ପାଇଁ, ସନାତନ ଧର୍ମ ଆଧାରରେ ସମସ୍ତ ପୂଜ୍ୟ ଆଖଡ଼ା, ମହା କୁମ୍ଭମେଳା ପ୍ରଶାସନ, ସ୍ଥାନୀୟ ପ୍ରଶାସନ, ପୋଲିସ ପ୍ରଶାସନ, ପରିମଳ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଧାର୍ମିକ ଅନୁଷ୍ଠାନ, ନାବିକ ଏବଂ ସମସ୍ତ ବିଭାଗକୁ ହୃଦୟର ସହିତ ଧନ୍ୟବାଦ । ମହାକୁମ୍ଭ ସହିତ ଜଡିତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ରାଜ୍ୟବାସୀଙ୍କୁ ଧନ୍ୟବାଦ ଏବଂ ଅଭିନନ୍ଦନ!

## ବିଏସ୍‌କେୱାଇକୁ ନେଇ ବର୍ଷିଲେ ଆଇନମନ୍ତ୍ରୀ

**ଭୁବନେଶ୍ୱର, ୧୪।୧**
**ନ୍ୟୁଜ୍ ବ୍ୟୁରୋ**




ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବା ଲାଗି ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ପୂର୍ବ ସରକାରଙ୍କ ଉପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବର୍ଷିଛନ୍ତି ।

ସେ କହିଛନ୍ତି, ପୂର୍ବରୁ ବିଭିନ୍ନ ସ୍ଥାନରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ (ବିଏସ୍‌କେୱାଇ) ଥାଇ କି ଲୋକେ ପ୍ରତ୍ୟାଖ୍ୟାତ ହେଉଥିଲେ। ବହୁତ ସ୍ଥାନରେ ଲୋକେ ଶୋଷିତ ହେଉଥିଲେ। ହସ୍ପିଟାଲମାନେ ମନ ଇଚ୍ଛା ବିଲ୍ କରୁଥିଲେ। ପୂର୍ବ ସରକାରର ଅନେକ ଲୋକ ଦୁର୍ନୀତିରେ ସମ୍ପୃକ୍ତ ଥିଲେ। ସେ ବାବଦରେ ଖୁବ ଶୀଘ୍ର ତଦନ୍ତର ପ୍ରକ୍ରିୟା ଆରମ୍ଭ ହେବ।

ଆୟୁଷ୍ମାନ ଭାରତ ଯୋଜନା ପାଇଁ ସୋମବାର ଏମଓୟୁ ସ୍ୱାକ୍ଷର ହୋଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତରେ ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ଏମଓୟୁ ଅନୁସାରେ ୧.୩ କୋଟି ପରିବାରକୁ ଆୟୁଷ୍ମାନ ଭାରତ କାର୍ଡ ମିଳିବ। ୱାନ ନେସନ ୱାନ ହେଲଥ କାର୍ଡ ଯୋଜନାର ପରିସରଭୁକ୍ତ ଏହି ଯୋଜନା ୩୦ ହଜାର ହସ୍ପିଟାଲ ସହ ଅନୁବନ୍ଧିତ ରହିବ। ସାରା ଭାରତରେ ଏହି କାର୍ଡ କାର୍ଯ୍ୟକାରୀ (ପୃଷ୍ଠା ୭ରେ)

## ସମସ୍ତେ ଏବେ ଭାରତ ସହ ବନ୍ଧୁତା କରିବାକୁ ଚାହୁଁଛନ୍ତି: ଏସ. ଜୟଶଙ୍କର

**ମାଦ୍ରିଦ୍, ୧୪।୧**

ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଭାରତର ବଢ଼ୁଥିବା ବିଶ୍ୱସ୍ତରୀୟ ପ୍ରତିଷ୍ଠା ଏବଂ ଚ୍ୟାଲେଞ୍ଜିଂ ସମୟରେ ଅର୍ଥପୂର୍ଣ୍ଣ ସମର୍ଥନ ପ୍ରଦାନ କରିବାର କ୍ଷମତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସ୍ପେନ ଗସ୍ତ ସମୟରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରି ଜୟଶଙ୍କର କହିଥିଲେ ଯେ ଭାରତ-ସ୍ପେନ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ଆଡ଼କୁ ଗତି କରୁଛି।

ସ୍ପେନର କୂଟନୈତିକ ସମ୍ପ୍ରଦାୟ ସହିତ ତାଙ୍କର ସମ୍ପର୍କ ବିଷୟରେ ଉଲ୍ଲେଖ କରି ଜୟଶଙ୍କର କହିଛନ୍ତି ଯେ ସ୍ପେନର ବୈଦେଶିକ ମନ୍ତ୍ରୀ ତାଙ୍କୁ ଏକ ବିଶ୍ୱ ସମ୍ମିଳନୀରେ ଦେଶର ରାଷ୍ଟ୍ରଦୂତମାନଙ୍କୁ ସମ୍ବୋଧିତ କରିବା ପାଇଁ ନିମନ୍ତ୍ରଣ କରିଥିଲେ। ସେ କହିଥିଲେ ଯେ ଏହା ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଛି।

ଭାରତର ବର୍ଦ୍ଧିତ ପ୍ରଭାବ ବିଷୟରେ ସେ କହିଥିଲେ, ଯେତେବେଳେ କୌଣସି ବୈଦେଶିକ ମନ୍ତ୍ରଣାଳୟ କିମ୍ବା ରାଷ୍ଟ୍ରଦୂତ ଆପଣଙ୍କୁ ସେମାନଙ୍କ ସହ କଥା ହେବାକୁ କୁହନ୍ତି, ଏହା ଆଶ୍ଚର୍ଯ୍ୟର (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଭାଇରାଲ ରୋକିବ ମାଟ୍ରିକ ପ୍ରଶ୍ନପତ୍ରର ନମ୍ବରିଂ, ବାରକୋର୍ଡ ବ୍ୟବସ୍ଥା

**କଟକ, ୧୪।୧ : ନ୍ୟୁଜ୍ ବ୍ୟୁରୋ**

ବିଗତ କିଛି ବର୍ଷ ହେଲା ମାଟ୍ରିକ ପରୀକ୍ଷାରେ ବିଭ୍ରାଟ ହେଉଥିବା ନେଇ ଖବର ଆସୁଛି। ଏହା ଦ୍ୱାରା ଭଲ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ନିରାଶ ହେବାକୁ ପଡୁଛି । ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା-୨୦୨୫ର ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ମାଧ୍ୟମିକ ଶିକ୍ଷା ବୋର୍ଡ ବଡ଼ ପଦକ୍ଷେପ ନେବାକୁ ଯାଉଛି। ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ଚଳିତ ଥର ଦଶମ ଶ୍ରେଣୀର ବୋର୍ଡ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ନମ୍ବରିଂ ବ୍ୟବସ୍ଥା କରାଯିବ। ପ୍ରଶ୍ନପତ୍ରକୁ ନମ୍ବରିଂ କରାଯିବା ସହ ଏଥିରେ ୱାଟର ମାର୍କ ଲାଗିବ। ବାର କୋର୍ଡ ସହ ସିକ୍ୟୁରିଟି କୋର୍ଡ ମଧ୍ୟ ରହିବ । ଫଳରେ ପ୍ରଶ୍ନପତ୍ର ଭାଇରାଲ ହେଲେ, କେଉଁଠୁ ହୋଇଛି ତାହା ଜଣାପଡ଼ିବ। ଏନେଇ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା-୨୦୨୫ ଆସନ୍ତା ଫେବ୍ରୁଆରୀ ୨୧ ତାରିଖ ଠାରୁ ଆରମ୍ଭ ହେବ। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ କ୍ୟାରିୟରର ଏହି ସ୍ମରଣୀୟ ପରୀକ୍ଷା ମାର୍ଚ୍ଚ ୬ ତାରିଖ ଯାଏଁ ଜାରି ରହିବ । ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ପରୀକ୍ଷା ହେବ। ୨୪ ତାରିଖରେ ଇଂରାଜୀ, ୨୭ ତାରିଖରେ ଗଣିତ, ମାର୍ଚ୍ଚ ୧ରେ ବିଜ୍ଞାନ, ମାର୍ଚ୍ଚ ୩ରେ ସାମାଜିକ ବିଜ୍ଞାନ, (ପୃଷ୍ଠା ୭ରେ)

## ଏକାଳ ପଖାଳ




ମାର୍ଚ୍ଚ ମାସରେ ଆଇପିଏଲ୍ ହେବ
ହେବ କିରିକେଟ୍ ମାଡ
ଫ୍ୟାନ୍ ଗୁଡାକ ଡିଅଁନ୍ତି ଏବେଠୁଁ
କି ନିଆଁ ଲଗା ଖେଳ....ଛାଡ...
ଏବେ ବି ଯାଇନି ଜାଡ
ମଣ୍ଡିରେ ଚାଷୀ କାନ୍ଦୁଥାଏ ବସି
ମିଳୁନାହିଁ ଦରଦାମ ତୋଡ

## ପରମାଣୁ ଶକ୍ତି ଦିଗରେ ଭାରତ ନେଲା ବଡ଼ ପଦକ୍ଷେପ

**ନୂଆଦିଲ୍ଲୀ, ୧୪।୧**

କେନ୍ଦ୍ର ସରକାର ପରମାଣୁ ଶକ୍ତି ଆୟୋଗ (ଏଇସି) ପୁନଃଗଠନ କରିଛନ୍ତି। ଏଥିରେ ଟିଭି ସୋମନାଥନ ଏବଂ ମନୋଜ ଗୋଏଲ ଅଛନ୍ତି । ଦୁହେଁ କ୍ୟାବିନେଟ ସଚିବ ଏବଂ ବ୍ୟୟ ସଚିବ ପଦବୀରେ କାର୍ଯ୍ୟ କରିଛନ୍ତି।

ଗତ ବର୍ଷ ଅକ୍ଟୋବର ୨୧ରେ ଜାରି ହୋଇଥିବା ଏବଂ ଜାନୁଆରୀ ୯ରେ ଗେଜେଟରେ ପ୍ରକାଶିତ ଏକ ବିଜ୍ଞପ୍ତି ଅନୁଯାୟୀ, ଏଇସିରେ ପଙ୍କଜ କୁମାର ମିଶ୍ରଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି, ଯିଏ ଗତ ବର୍ଷ ସଦସ୍ୟ (ଅର୍ଥ) ଭାବରେ ଦାୟିତ୍ୱ ନେଇଥିଲେ।

ପୁନର୍ଗଠିତ ଏଇସିର ଅଧ୍ୟକ୍ଷ ଅଛନ୍ତି ପରମାଣୁ ଶକ୍ତି ବିଭାଗର ସଚିବ ଅଜିତ ମହାନ୍ତି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର, ବୈଦେଶିକ ସଚିବ ବିକ୍ରମ ମିଶ୍ରି, ସୋମନାଥନ ଏବଂ ଗୋଭିଲ କମିଶନର ପଦାଧିକାରୀ ସଦସ୍ୟ।

ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏଇସି ଅଧ୍ୟକ୍ଷ ଏମ ଆର ଶ୍ରୀନିବାସନ ଏବଂ ଅନିଲ କାକୋଡକର, ପୂର୍ବତନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ପି ରାମା ରାଓ, ପୂର୍ବତନ ପ୍ରମୁଖ ପରାମର୍ଶଦାତା (ଡିଏଇ) ରବି ବି ଗ୍ରୋଭର ଏବଂ ପୂର୍ବତନ ମହାକାଶ ଆୟୋଗ ଅଧ୍ୟକ୍ଷ କେ. କସ୍ତୁରିରଞ୍ଜନ ସାମିଲ (ପୃଷ୍ଠା ୭ରେ)

## ମଧ୍ୟାହ୍ନ ଭୋଜନରେ ମିଳିବ କ୍ଷୀର: ଆରମ୍ଭ ହେଲା ପାଇଲଟ ପ୍ରୋଜେକ୍ଟ



**ଭୁବନେଶ୍ୱର, ୧୪।୧ : ନ୍ୟୁଜ୍ ବ୍ୟୁରୋ**

ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ମିଳିପାରେ କ୍ଷୀର। ପିଲାଙ୍କୁ ପୋଷଣ ଓ ପ୍ରୋଟିନ ଯୋଗାଇବାକୁ ରାଜ୍ୟ ସରକାର ଏପରି ଏକ ଯୁଗାନ୍ତକାରୀ ପଦକ୍ଷେପ ନେବାକୁ ଯାଉଛନ୍ତି । ଏଥିନିମନ୍ତେ ପାଇଲଟ ପ୍ରୋଜେକ୍ଟ ଆରମ୍ଭ ହୋଇଛି । ଆଗାମୀ ଦିନରେ ଏହାକୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ ହେଉଥିବା କହିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।

ରାଷ୍ଟ୍ରପତିଙ୍କ ଜିଲ୍ଲା ମୟୂରଭଞ୍ଜର ରାଇରଙ୍ଗପୁରରେ ପାଇଲଟ ପ୍ରୋଜେକ୍ଟ ଭାବେ ଏହାର ଶୁଭାରମ୍ଭ କରାଯାଇଛି। ଗିଫ୍ଟ ମିଲ୍କ ମାଧ୍ୟମରେ ୨୯ଟି ସ୍କୁଲରେ ୧୧୮୪ ପିଲାଙ୍କୁ ୨ଶହ ଗ୍ରାମ ଲେଖାଏଁ ଭିଟାମିନ ଏ ଓ ଡି ଯୁକ୍ତ କ୍ଷୀର ଦେବା କାର୍ଯ୍ୟକ୍ରମର ଶୁଭାରମ୍ଭ (ପୃଷ୍ଠା ୭ରେ)

DSPL-324





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଚାଷୀ କଲ୍ୟାଣ ପାଇଁ ପ୍ରତିବଦ୍ଧ ସରକାର
ସଶକ୍ତ କୃଷକ, ସମୃଦ୍ଧ ଓଡ଼ିଶା

ଅଦ୍ୟାବଧି ୫,୧୬,୯୨୭ ଜଣ ଚାଷୀଙ୍କୁ କ୍ୱିଣ୍ଟାଲ ପିଚ୍ଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦/- ଟଙ୍କା ହିସାବରେ ୫୭୯୬/- କୋଟି ଟଙ୍କା ପ୍ରଦାନ କରାଯାଇଛି
ଏବଂ ଏହା ଉପରେ
୮୦୦ ଟଙ୍କାର ଅତିରିକ୍ତ ଇନ୍‌ପୁଟ୍ ସହାୟତା ହିସାବରେ ୨୦୧୬/- କୋଟି ଟଙ୍କା ପ୍ରଦାନ କରାଯାଇଛି

ଦେୟମୁକ୍ତ ନମ୍ବର
୧୯୬୭
ଉପରୋକ୍ତ ଦେୟମୁକ୍ତ ନମ୍ବର ରେ ଅଦ୍ୟାବଧି ୪,୯୫,୫୨୭ ସଂଖ୍ୟକ ଅଭିଯୋଗ, ମତାମତ ଓ ସୂଚନା ସମ୍ବନ୍ଧୀୟ କଲ ପ୍ରାପ୍ତ ହୋଇଅଛି ।
ଏଥି ମଧ୍ୟରୁ ୪,୯୩,୫୭୦ ସଂଖ୍ୟକ କଲ ର ଉତ୍ତର ଦିଆଯାଇ ଅଭିଯୋଗ ଗୁଡିକର ଆଶୁ ସମାଧାନ କରାଯାଇଅଛି ।



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର
OIPR : 07002/13/0022/2425

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୫ ଜାନୁଆରୀ ୨୦୨୫ ବୁଧବାର





# ଶିକ୍ଷକମାନେ ହେଉଛନ୍ତି ମଣିଷ ତିଆରି କାରଖାନାର ବିଶ୍ୱକର୍ମା:ସାଂସଦ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଦିନ ଅପରାହ୍ନରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ତଥା ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଅନନ୍ତ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି ସୁନାମଧନ୍ୟ ବିଦ୍ୟାଳୟରରୁ ବହୁ ଛାତ୍ରଛାତ୍ରୀ ସରକାରୀ ଓ ବେସରକାରୀ ସ୍ତରରେ ଭଲ ପଦପଦବୀରେ ଅବସ୍ଥାପିତ ହୋଇପାରିଥିବା ସେ କହିଥିଲେ । ଛାତ୍ରଛାତ୍ରୀମାନେ ପାଠପଢାରେ ମନନିବେଶ କରି ନିଜକୁ ସମାଜରେ ପ୍ରତିଷ୍ଠା ଲାଭ କରି ଜିଲ୍ଲା ତଥା ରାଜ୍ୟର ସୁନାମ ପାଇଁ କାମ କରିବାକୁ ସେ ପରାମର୍ଶ ଦେଇଥିଲେ । ଶିକ୍ଷକମାନେ ହେଉଛନ୍ତି ମଣିଷ ତିଆରି କାରଖାନାର ବିଶ୍ୱକର୍ମା ହୋଇଥିବାରୁ ଶିକ୍ଷକମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ମୁଖ୍ୟ ବକ୍ତାଭାବେ ଇଂ ବସନ୍ତ କୁମାର ଦାନୀ ଉତ୍ତମ ଛାତ୍ର ଗଠନ ପାଇଁ ଏକ ଆଦର୍ଶ ବିଦ୍ୟାଳୟ ଶ୍ରେଷ୍ଠ କାରଖାନା ବୋଲି ନିଜ ନିଜର ବକ୍ତବ୍ୟ ମାଧ୍ୟମରେ କହିଥିଲେ । ସମ୍ମାନିତ ଅତିଥିଭାବେ କେନ୍ଦୁଝର ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ରବିନ୍ଦ୍ର ନାଏକ ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ତଥା ପିତାମାତାଙ୍କୁ ଭକ୍ତି, ମାତୃଭୂମି ଓ ମାତୃଭାଷା ପ୍ରତି ଆଦର ଦ୍ୱାରା ଜଣେ ସୁନାଗରିକ ହୋଇପାରିବ ବୋଲି ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ ସଞ୍ଜୟ କୁମାର ଧଳ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ଗଠନରେ ଶିକ୍ଷକମାନଙ୍କର ଦାୟିତ୍ୱ ସଫଳଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ନରଣପୁର ସରପାଞ୍ଚ ରୀନା ନାଏକ ଓ ସମାଜସେବୀ ଦିଲ୍ଲୀପ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମୟାନୁବର୍ତ୍ତୀ ହେବା ସଂଗେ ସଂଗେ ଭଲ ପାଠପଢି ନିଜ ଜୀବନକୁ ଗଢିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ଛାତ୍ରଛାତ୍ରୀ ମାନଙ୍କୁ ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତ ଭାବେ ଅଭିହିତ କରି ସେମାନେ ପାଠପଢା ସମୟରେ ଗଭିର ଅଧ୍ୟବସାୟ, ନିଷ୍ଠା ଓ ପ୍ରଚେଷ୍ଟା ଜାରି ରଖିଲେ ଭବିଷ୍ୟତରେ ଜଣେ ଜଣେ ସଫଳ ମଣିଷ ହୋଇପାରିବେ ବୋଲି କହିଥିଲେ । ଜୀବନରେ ବଡ ମଣିଷ ହେବା ପାଇଁ ସ୍ୱପ୍ନ ମନସ୍କ ହୋଇ ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ନିମନ୍ତେ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ । ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅପରିମିତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଓ ଶିକ୍ଷା କ୍ଷେତ୍ରରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପରେ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପ୍ରାରମ୍ଭରେ ସାଂସଦଙ୍କୁ ସ୍ୱାଗତ କରି ମଞ୍ଚକୁ ନେବା ସମୟରେ ସେ ପିଲାଙ୍କ ସହିତ ଆଦିବାସୀ ସଙ୍ଗୀତର ତାଳେ ତାଳେ ନୃତ୍ୟ କରିଥିଲେ । ଯାହାକି ବେଶ୍ ମନୋମୁଗ୍ଧକର ହୋଇଥିଲା । କାର୍ଯ୍ୟକ୍ରମ ସଫଳ ପରିଚାଳନାରେ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀମାନେ ସହଯୋଗ କରିଥିଲେ । ନରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ କିଶୋର ଚନ୍ଦ୍ର ରାଉତ କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକଙ୍କୁ ସମ୍ବର୍ଦ୍ଧନା ଦେବା ଅବସରରେ ଏକ ବୃକ୍ଷ ଏବଂ ଉତ୍ତରୀୟ ପ୍ରଦାନ କରିଥିଲେ ।

# ଆଦିବାସୀମାନଙ୍କ ଜୀବନଶୈଳୀକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ



**ବାଲେଶ୍ୱର, ନ୍ୟୁଜ୍**

ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଏବଂ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ପକ୍ଷରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦ୍ଭାବନା ସଭାଗୃହ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନାର ସୁପରିଚାଳନା ଏବଂ ଏହାଦ୍ୱାରା ଜିଲ୍ଲାରେ ଥିବା ଆଦିବାସୀ ମାନଙ୍କର ଜୀବନଶୈଳୀକୁ ତ୍ୱରାନ୍ୱିତ କରିବା ପାଇଁ ଯୋଜନାର କାର୍ଯ୍ୟକାରିତା ବିଷୟରେ ଅଧିକ ତଥ୍ୟ ଦିଆଯାଇଥିଲା । ସୂଚନାନୁସାରେ, ବାଲେଶ୍ୱରରେ ଥିବା ୧୦ଟି ବ୍ଲକରେ ଚିହ୍ନଟ ହୋଇଥିବା ଆଦିବାସୀ ବହୁଳ ଗ୍ରାମ ମାନଙ୍କରେ ବିକାଶକୁ ତ୍ୱରାନ୍ୱିତ କରିବା, ସେଠାକାର ଅନୁଷ୍ଠାନର ଉନ୍ନତି କରିବା, ଆଦିବାସୀମାନଙ୍କୁ ସଶକ୍ତ କରିବା, ସେମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା, ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ଯୋଗାଇ ଦେବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଜିଲ୍ଲା ସ୍ତରୀୟ ମ୍ୟନ ଶିବିର ନୀଳଗିରି ଆଇଟିଡିଏ ପରିଚାଳିତ ହୋଇଥିବା ବେଳେ ୟୁଏନଡିପିର ଏକ୍ସପର୍ଟଙ୍କ ଦ୍ୱାରା ବୈଷୟିକ ଅଧିବେଶନ ଆୟୋଜିତ ହେଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୭ ଗୋଟି ବିଭାଗର ବିଭାଗୀୟ ଅଧିକାରୀ ସାମିଲ୍ ହୋଇଥିଲେ ଏବଂ ସେମାନଙ୍କ ବିଭାଗ ଦ୍ୱାରା ଚାଲୁଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଆଦି କିପରି ଆଦିବାସୀ ଜନଜାତି ରହୁଥିବା ଅଞ୍ଚଳ ମାନଙ୍କରେ ପରିପୂର୍ଣ୍ଣ ହୋଇପାରିବ ତାହା ନେଇ ଯୋଜନା ପ୍ରସ୍ତୁତ କରିବା ପାଇଁ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା । ଅନୁଷ୍ଠିତ ବୈଠକରେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ନୀଳଗିରି ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ କାରୁ ସୋରେନ୍, ଜିଲ୍ଲା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ସମେତ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ମାନେ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉକି ଏହି ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଗତ ନଭେମ୍ବର ୧୫ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଓଡ଼ିଶାର ୨୭ଟି ଜିଲ୍ଲାର ୨୪୩ ଗୋଟି ବ୍ଲକର ୭୬୬୭ ଗୋଟି ଗ୍ରାମରେ ଏହି ଅଭିଯାନ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଚାଲିବ ।

# ବିଧାୟକଙ୍କ ଦ୍ୱାରା ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ବ୍ଲକ କୁଲାବୀର ପଞ୍ଚାୟତ ଅନ୍ତର୍ଗତ ଆର୍ଲାବପୁଟ, ପାଡୁଆ, ପୁଜାରିପୁଟ ଗାଁରେ ନୂତନ ଭାବେ ମାଣ୍ଡିଆ ମଣ୍ଡିକୁ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଉଦ୍‌ଘାଟନ କରିଥିଲେ । ଏହି ମଣ୍ଡିର ଉଦ୍‌ଘାଟନୀ ଉତ୍ସବରେ କୋରାପୁଟ ଜିଲ୍ଲାପାଳ ଭି କିର୍ତ୍ତିଭାସନ୍, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ନନ୍ଦପୁର ବିଡ଼ିଓ ଦୂର୍ଗା ପ୍ରସାଦ ଦୋରା, ପୂର୍ବତନ ସରପଞ୍ଚ ପ୍ରମିଳା ମୁଦୁଲି ଓ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ । ନନ୍ଦପୁର ବ୍ଲକ ସହ କୋରାପୁଟ ଜିଲ୍ଲା ଆଦିବାସୀ ମାନଙ୍କ ପାରମ୍ପାରିକ ଖାଦ୍ୟ ମାଣ୍ଡିଆ କିପରି ସାରା ବିଶ୍ୱରେ ଆଦୃତ ହେବ ଏବଂ ଏଥିସହ ମାଣ୍ଡିଆ କିପରି ଆମର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ ଏହା ଉପରେ ବିଧାୟକ ଲୋକକୁ ଦିଗ୍‌ଦର୍ଶନ ଦେଇଥିଲେ । ମାଣ୍ଡିଆ ମଣ୍ଡି ଉଦ୍ଘାଟନ ପରେ ଜିଲ୍ଲାପାଳ ଓ ବିଡିଓ ନିଜ ଟିମ୍ ସହ ଖୁର୍ଜି ପଞ୍ଚାୟତର କିରଝୋଲା ଗ୍ରାମ ଗସ୍ତ କରି ଅଦା ପ୍ରୋସେସିଂ ୟୁନିଟ୍ ପରିଦର୍ଶନ କରି ଏସ୍‌ଏଚ୍‌ଜି ମହିଳା ମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ ।

# ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ




**ନରଣପୁର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କେନ୍ଦୁଝର ଉନ୍ନୟନ ଟ୍ରଷ୍ଟ, ପ୍ରଗତି ଫାଉଣ୍ଡେସନ୍ ଟ୍ରଷ୍ଟ ମଇଦାନକେଲା ଓ ହରିହରପୁର ସ୍ଥିତ ମା' ଭବାନୀ ସ୍ୱୟଂ ସହାୟକ ଗୋଷ୍ଠୀ ମିଳିତ ସହଯୋଗରେ ମଇଦାନକେଲ ଗ୍ରାମରେ ଏକ ଦୁଇଦିନିଆ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କ ଦକ୍ଷତା ବୃଦ୍ଧି ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି । ଏହି ତାଲିମ୍ ଶିବିରକୁ ମଇଦାନକେଲର ନାଏବ ସରପଞ୍ଚ ତଥା ଆଞ୍ଚଳିକ ମଞ୍ଚର ସଭାପତି କଳ୍ପନା ମହାନ୍ତ ପ୍ରଦ୍ୱୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଆର୍‌ପି ରଞ୍ଜୁଲତା ମହାନ୍ତ ଓ ବ୍ୟାଙ୍କ ମିତ୍ର କାଞ୍ଚନବାଳା ମହାନ୍ତ ଯୋଗଦେଇ ଉପସ୍ଥିତ ମହିଳା ମାନଙ୍କ ତାଲିମ୍ ପ୍ରଦାନ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏଥିରେ ନରଣପୁର ଉପଖଣ୍ଡର ମଇଦାନକେଲ, ହରିହରପୁର,ବାସୁଦେବପୁର, ବାଳିଆ ବେଡା ଆଦି ଗ୍ରାମର ୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୬୦ ଜଣ ଅଗ୍ରଣୀ ମହିଳା ସକ୍ରିୟ ଅଂଶଗ୍ରହଣ କରି ତାଲିମ୍ ଗ୍ରହଣ କରିଥିଲେ । ଦୁଇଦିନିଆ ତାଲିମ୍ କାର୍ଯ୍ୟକ୍ରମରେ ଜନଧନ ଯୋଜନା, ନାବାର୍ଡ ସହଯୋଗରେ ଅଣୁ ଶିଳ୍ପ ଯୋଜନା, କୃଷି, ଉଦ୍ୟାନ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଗ୍ରାମାଭିମୁଖୀ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପରମ୍ପରା ଗତ କୃଷି ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଜଙ୍ଗଲ ଓ ଜୈବ ବିବିଧତାର ସୁରକ୍ଷା ବିଷୟରେ ଅନେକ ତଥ୍ୟ ଭିତ୍ତିକ ତାଲିମ୍ ପ୍ରଦାନ କରାଯାଇଥିଲା । ତାଲିମ୍‌ର ଶେଷ ଭାଗରେ ମହିଳାମାନେ ଏକାଠି ହୋଇ ଗୋଷ୍ଠୀ ଜଙ୍ଗଲ ଅଧିକାର ଆଇନ୍ ଅନୁସାରେ ଜଙ୍ଗଲ ସୁରକ୍ଷା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରିବେଶ ସୁରକ୍ଷା ପାଇଁ ଗ୍ରାମ ନିକଟରେ ବିଭିନ୍ନ ଦେଶୀୟ ପ୍ରଜାତିର ଆମ୍ବ, ପଣସ, ପିଜୁଳି, ଜାମୁ, ଅଁଳା, ବର, ଓସ୍ତ ଓ ବାଉଁଶ ଇତ୍ୟାଦି ଗଛ ରୋପଣ କରିବା ଓ ସେମାନଙ୍କର ଉଚିତ୍ ଯତ୍ନ ନେଇ ବଢାଇବା ପ୍ରଣାଳୀ ତାଲିମ୍ ପ୍ରଦାନ ମଧ୍ୟ ଏହି ଅବସରରେ ଶିକ୍ଷା ଦିଆଯାଇଥିଲା । ମହିଳାମାନଙ୍କ ସୁରକ୍ଷା ପାଇଁ ଘରୋଇ ହିଂସା ସୁରକ୍ଷା ଆଇନ୍ ୨୦୦୫, ବାଲ୍ୟ ବିବାହ ନିଷେଧ ଆଇନ୍ ୨୦୦୬ ବିଷୟରେ ମଧ୍ୟ ତାଲିମ୍ ଦିଆଯାଇଥିଲା । ଏଥିରେ ଆଇନଜୀବୀ ଜଗତଜିତା ଦାସ, ବରିଷ୍ଠ ସମାଜସେବୀ ଭକ୍ତବତ୍ସଳ ମହାନ୍ତି, ସିନ୍ଦୂର ଗୌରୀ ଜନଧନ ବିକାଶ କେନ୍ଦ୍ରର ସଭାପତି ସବିତା ନାୟକ, ସଂଯୋଗ ସଭାପତି କଳ୍ପନା ସାମଲ୍, ସ୍ୱସ୍ତି ଫାଉଣ୍ଡେସନ୍‌ର ସମ୍ପାଦକ ମାନସ ରଞ୍ଜନ ପଣ୍ଡା, ତାଲିମ୍ ଦାତ୍ରି ସୁଶ୍ରୀ ମୁର୍ଗାବତି ବେହେରା, ଅଭିଜ୍ଞ ଚାଷୀ କମଳା ମହାନ୍ତ, କୃଷକ ସାଥୀ ଅନନ୍ତ ମହାନ୍ତ ପ୍ରମୁଖ ତାଲିମ୍ ପ୍ରଦାନ କରିଥିଲେ । ଏହି ଶିବିରକୁ ସୁପରିଚାଳନା କରିବାରେ ପ୍ରଗତି ଫାଉଣ୍ଡେସନ୍ ଟ୍ରଷ୍ଟର ସଭାପତି ମନୋଜ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ତାଲିମ୍ ପ୍ରଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ ଜୁନିୟର୍ ରେଡ଼କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**




ତିରିଂ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ତିରିଂ ପରିସରରେ ଜିଲ୍ଲାସ୍ତରୀୟ ଜୁନିୟର୍ ରେଡ଼କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିୟର୍ ରେଡ଼କ୍ରସ୍ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗ ଦର୍ଶନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶୀଧର ସିଂଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ଯୋଗଦେଇ ରେଡ଼କ୍ରସ୍‌ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁଶ୍ରୀ ଶ୍ରଦ୍ଧା ସୁମନ ଯୋଗଦେଇ ବିଶ୍ୱର ସର୍ବଶ୍ରେଷ୍ଠ ସେବା ସଂସ୍ଥା ରେଡ଼କ୍ରସ୍‌ର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଶିବିରାର୍ଥୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ବିଶିଷ୍ଟ ଅତିଥି ରୂପେ ଉପଖଣ୍ଡ ଚିକିତ୍ସାଳୟ ରାଇରଙ୍ଗପୁରର ଅଧକ୍ଷ ରବୀନ୍ଦ୍ରନାଥ ମାରାଣ୍ଡି ଯୋଗଦେଇ ସେବା, ପରୋପକାରିତା ଓ ସର୍ବପରି ରକ୍ତଦାନ ଭଳି ମହତ ଗୁଣର ଅଧିକାରୀ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଶାରିରିକ ଶିକ୍ଷା ଅଧିକାରୀ ତଥା ଜୁନିୟର୍ ରେଡ଼କ୍ରସ୍ ସମ୍ପାଦକ ଭାଗିରଥି ମଲ୍ଲିକ ଶିବିରର ଆଭିମୁଖ୍ୟ ଓ ନିୟମାବଳୀ ବର୍ଣ୍ଣନା କରିଥିଲେ । ଜିଲ୍ଲା ଜୁନିୟର୍ ରେଡ଼କ୍ରସ୍ ଅଧିକାରୀ ସ୍ମୃତିରଞ୍ଜନ ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଜିଲ୍ଲା ସଂଯୋଜକ ଡ. ଶଶୀଧର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ତିରିଂ ତହସିଲଦାର ସୁଶାନ୍ତ କୁମାର ବେହେରା, ତିରିଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା, ଜିଲ୍ଲା ପରିଷଦ ଜନତା ବସା ପ୍ରମୁଖ ଯୋଗଦେଇଥିଲେ । ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ । ସେହିପରି ଦ୍ୱିତୀୟ ଦିବସ ସନ୍ଧ୍ୟା କାଳୀନ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ତିରିଂ ବ୍ଲକ ଅଧକ୍ଷ ପରମେଶ୍ୱର ସାମାଡ଼, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ପରେଶ ଚନ୍ଦ୍ର ମୁଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ ସଂସ୍କୃତି ପ୍ରେମୀ ନିରଞ୍ଜନ ପାଣି,ସମ୍ମାନୀୟ ଅତିଥି ଭାବେ ସଚ୍ଚିଦାନନ୍ଦ ମହାନ୍ତ, ବହଳଦା ବିଇଓ ଶୁଭଶ୍ରୀ ସିଂ, ତିରିଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସିପନ କୁମାର ନାୟକ, ବହଳଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ଗିରି, ଓଷ୍ଟା ରାଜ୍ୟ ଉପ ସଭାପତି ଜ୍ଞାନ ରଞ୍ଜନ ପାଣିଗ୍ରାହୀ, ଓଷ୍ଟା ବହଳଦା ବ୍ଲକ ସଭାପତି ରାଜ କିଶୋର ମହାନ୍ତ, ରେଡ଼କ୍ରସ୍ ଆଜୀବନ ସଦସ୍ୟ ରବି ନାରାୟଣ କୁଅଁର, ଓଷ୍ଟା କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ । ପ୍ରଶିକ୍ଷକ ଭାବେ ରାଜ୍ୟ ସାଧନକର୍ମୀ ଉମାକାନ୍ତ ବେହେରା, ରାଜ୍ୟ ସାଧନକର୍ମୀ ବାମନ ଚରଣ ମହାନ୍ତି, ରାଜ୍ୟ ସାଧନକର୍ମୀ ଡ଼ ରମାକାନ୍ତ ମହାନ୍ତ, ଜିଲ୍ଲା ରେଡ଼କ୍ରସ୍ ସଂଯୋଜକ ଡ଼ ଶଶୀଧର ବିଶ୍ୱାଳ, ରାଜ୍ୟ ସାଧନକର୍ମୀ ସତ୍ୟ ନାରାୟଣ ଦାସ, ରାଜ୍ୟ ସାଧନକର୍ମୀ ତଥା ଜିଲ୍ଲା ଜୁନିୟର୍ ରେଡ଼କ୍ରସ୍ ଅଧିକାରୀ ସ୍ମୃତିରଞ୍ଜନ ପାଣି, ସୀମାନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡକ୍ଟର ରାଧାକାନ୍ତ ମହାରଣା ପ୍ରମୁଖଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟ ବିପର୍ଯ୍ୟୟ ପରିଚାଳନାର ସାଧନକର୍ମୀ ଚନ୍ଦନ କୁମାର ଦାସ, ପ୍ରାଥମିକ ଚିକିତ୍ସା ସାଧନକର୍ମୀ ମିତା ହାଁସଦା ପ୍ରମୁଖ ଯୋଗ ଦେଇଥିଲେ । ସେଣ୍ଟ୍ରାଲ ଅଫିସିୟାଲ୍ ଭାବେ ହରିଶ୍ଚନ୍ଦ୍ର ରାଉତ, କେଶବ ଚନ୍ଦ୍ର ବେହେରା, ବୀରେନ୍ଦ୍ର ଦଲେଇ, ଦୀପକ ରାମ, ମଦନ ମହାନ୍ତ, ପଙ୍କଜ ବେହେରା, ପ୍ରଦୀପ ଚୌଧୁରୀ, ଅଭିନନ୍ଦନ ମହୁରୀ, ମନୋରଞ୍ଜନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ତିରିଂ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସେଠୀ ଧନ୍ୟବାଦ ଦେଇଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଓ ତିରିଂ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

# ରିଜର୍ଭ ପୋଲିସ ପରିସରରେ ମେଗା ସ୍ୱାସ୍ଥ୍ୟ ପରୀକ୍ଷା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ରିଜର୍ଭ ପୋଲିସ ପରିସରରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଇଣ୍ଡିଆନ୍ ବାଇବାର୍ଥ ଆନୁକୂଲ୍ୟରେ ଆୟୋଜିତ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ ଶିବିରରେ ଭୂମିକା ଚକ୍ଷୁ ଚିକିତ୍ସାଳୟ ଓ ସୋମ ଅଲ୍‌ଟିମେଟ୍ ଭୁବନେଶ୍ୱରର ମେଡିକାଲ୍ ଟିମ୍ ମିଳିତ ଭାବେ ଉପସ୍ଥିତ୧୫୦ ଜଣ ପୋଲିସ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଇଣ୍ଡିଆନ୍ ବାଇବାର୍ଥ ଦ୍ୱାରା ଆୟୋଜିତ ଏହି ମେଗା ସ୍ୱାସ୍ଥ୍ୟ ଶିବିରର ସଂଯୋଜକ ସତ୍ୟଜିତ୍ ତରାଇ ପ୍ରତିଷ୍ଠାତା ସଦସ୍ୟ ଇଂ ସୁନୀଲ କୁମାର ବେହେରା ଓ ସହ ପ୍ରତିଷ୍ଠାତା ସତ୍ୟ ରଞ୍ଜନ ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ନିଦାନ କରାଯାଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ, ଜିଲ୍ଲା ଗୋଇନ୍ଦା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିର୍ମୟ ଭୁକ୍ତା, ଇଣ୍ଡିଆନ୍ ବାଇବାର୍ଥର ଜିଲ୍ଲା ସଭାପତି ପ୍ରଭାସ ସାହୁ, ଉପ ସଭାପତି ଅଭିଜିତ ମହାନ୍ତି, ସମ୍ପାଦକ ମାନସ ରଞ୍ଜନ ସାହୁ ପ୍ରମୁଖ ଉଦ୍‌ଘାଟନ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ହୃଦ୍‌ରୋଗ, ମଧୁମେହ, ରକ୍ତଚାପ, ବୋନ୍ ଡେନ୍ସିଟି, ଭେଷଜ ପରୀକ୍ଷା ସହିତ ଚକ୍ଷୁ ପରୀକ୍ଷା ଅଭିଜ୍ଞ ଡାକ୍ତର ମାନଙ୍କ ଉପସ୍ଥିତିରେ କରାଯାଇଥିଲା । ବିଭିନ୍ନ ପରୀକ୍ଷାର ନିଦାନ ଓ ପରାମର୍ଶ ଅଭିଜ୍ଞ ଡାକ୍ତରମାନଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା । ଆଗାମୀ ଦିନରେ ଏହିପରି ଅନେକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯିବ ବୋଲି ଇଣ୍ଡିଆନ୍ ବାଇବାର୍ଥ ପକ୍ଷରୁ କୁହାଯାଇଛି ।

# ଛାତ୍ରୀଙ୍କୁ ଛୁରାମାଡ଼ କରିଥିବା ଅଭିଯୁକ୍ତ କୋର୍ଟ ଚାଲାଣ



**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ଥାନା ଖେମୁଣ୍ଡୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କୁର୍ମାପୁଟ ଗାଁର ଛାତ୍ରୀଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୁକ୍ତକୁ କୋର୍ଟ ଚାଲାଣ ହୋଇଛି । ଅଭିଯୁକ୍ତକୁ ନେଇ ଘଟଣାସ୍ଥଳ ଯାଇ ସିନ୍ ରିକ୍ରିଏସାନ ପରେ ଅଭିଯୁକ୍ତକୁ ବିଭିନ୍ନ ଦଫାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । କୁରୁମାପୁଟ ଗାଁର ନବମ ଶ୍ରେଣୀ ଛାତ୍ରୀଙ୍କୁ ଅଭିଯୁକ୍ତ ଲୁକୁ ଖରା ଏକ ଛୁରୀରେ ବେକ ଏବଂ ଶରୀରର ବିଭିନ୍ନ ଅଙ୍ଗକୁ କାଟି ହତ୍ୟା ଉଦ୍ୟମ କରିଥିଲା । ଝିଅଟି ଚିତ୍କାର କରିବାରୁ ଗାଁ ଲୋକେ ଘଟଣାସ୍ଥଳକୁ ଦୌଡ଼ିଥିଲେ । ଏହା ଦେଖି ଅଭିଯୁକ୍ତ ଜଣକ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା । ପରିବାର ଏବଂ ଗ୍ରାମବାସୀ ଝିଅକୁ ପ୍ରଥମେ କୁନ୍ଦୁଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍‌ରେ ଭର୍ତ୍ତି କରିଥିଲେ । ପରିବାର ପକ୍ଷରୁ ନନ୍ଦପୁର ଥାନାରେ ଏତଲା ଦେବାପରେ ନନ୍ଦପୁର ପୋଲିସ ଏସ୍‌ଡିପିଓ ସମ୍ବିତ କୁମାର ମାଝିଙ୍କ ନିର୍ଦ୍ଦେଶରେ ପ୍ରବେଶନ ଅଧିକାରୀ ପାଣ୍ଡବ ଶବର, ଥାନା ଅଧିକାରୀ ମମତା କୁମାରୀ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲେ ।

# ସୁକତେଲ ମହୋତ୍ସବ ଉଦ୍‌ଯାପିତ:ବହୁ ବିଶିଷ୍ଟ ବ୍ୟକ୍ତି ସମ୍ବର୍ଦ୍ଧିତ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**



ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ଗ୍ରାମ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ ପଡିଆରେ ନ୍ୟାସ୍‌ନାଲ୍ ସର୍ଭିସ୍ ଫାଉଣ୍ଡେସନ୍ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାର ଆନୁକୂଲ୍ୟରେ ଆୟୋଜିତ ସୁକତେଲ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ମହୋତ୍ସବର ତୃତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିନେଇଥିଲା । ବଲାଙ୍ଗିରର ସୁନାମଧନ୍ୟ ଅନୁଷ୍ଠାନ ସଂଜ୍ୟୋତ କଳାକେନ୍ଦ୍ର ନିର୍ଦ୍ଦେଶିକା ତଥା ନୃତ୍ୟ ଗୁରୁ ସଂଗିତା ଦାଶଙ୍କ ମଡୁଆଶାଳ, ପଞ୍ଚରଶି, ଡାଲଖାଇ ଆଦି ଲୋକ ନୃତ୍ୟ ଓ ଲୋକ ଗୀତ ମଡୁଆଶାଳର ବିଶେଷ ଆକର୍ଷଣ ବିହା ବେଦିରେ ମଡୁଆ ମାରିବା ଠୁ ନେଇ ଝିଅ ଶାଶୁ ଘର ଯିବା ପର୍ଯ୍ୟନ୍ତ ଲୋକ ଗୀତ ଓ ଲୋକନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା । ଦଣ୍ଡନୃତ୍ୟ, ରାମଲିଳା, ଆଦିବାସୀ ନୃତ୍ୟ, କୀର୍ତ୍ତନ ପାର୍ଟି ସହ ବହୁ କଳାକାର ଯୋଗଦେଇଥିଲେ । ମୁଖ୍ୟତଃ ସଂସ୍କୃତି ଗବେଷକ ନବୀନ କୁଅଁର, ବ୍ୟାସଦେବ ପୁରୋହିତ, ଶାଶ୍ୱତ ତ୍ରିପାଠୀ, ମୁରଲିଧାରୀ ପତି, କପିଳେଶ୍ୱର ଖମାରୀ, ମଧୁସୂଦନ ନାୟକଙ୍କ ଉପସ୍ଥିତି ବହୁ କଳାକାରଙ୍କୁ ଉତ୍ସାହିତ କରିଥିଲା । ବରେଣ୍ୟ ଅତିଥି ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ଅମଜିତ ପଟେଲ ଓ ପୁରୁଷୋତ୍ତମ ସାହୁ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ବରେଣ୍ୟ ଅତିଥି ଉପ-ଜିଲ୍ଲାପାଳ ଆଲୋକ ରଞ୍ଜନ ପଟେଲ, ଗୋଲାପ ବାଗ, ଦେଓଗାଁ ବିଡ଼ିଓ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ବିଶିଷ୍ଟ କଳାକାର ଦଣ୍ଡ ଶିରୋମଣୀ ସାନନ୍ଦ ସିକା, ବିଶିଷ୍ଟ ସମାଜସେବୀ ଲୋକନାଥ କୁମୁରା ଚୁଡାପାଲି, ମୋର ସମିଆ ରିପୋର୍ଟର ନିବେଶ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ ସନ୍ଧ୍ୟାରେ ଆର.ଆର. କଲୋନୀ ଡୁଙ୍ଗୁରିପାଲି, ଘୁଙ୍ଗୁରୁ କଳାପରିଷଦ, ଦେଓଗାଁ ବିଡିଓ, ବିଶିଷ୍ଟ କଣ୍ଠ ଶିଳ୍ପୀ ପ୍ରତାପ ସାହୁ କଳା ପରିବେଷଣ କରିଥିଲେ । ଆୟୋଜକ କମିଟି ସଭାପତି ବିଧୁଭୂଷଣ ସିଂଦେଓ, ସଂପାଦକ ପ୍ରଣୟ ଆନନ୍ଦ ତ୍ରିପାଠୀ, ଆବାହକ ଚିଙ୍କୁ ପ୍ରଧାନ, ଉପଦେଷ୍ଟା ମଳୟ ଆନନ୍ଦ ତ୍ରିପାଠୀ, ସୁକତେଲ ମହୋତ୍ସବର ଉଦ୍ୟୋକ୍ତା ସଂଜୟ ଆନନ୍ଦ ତ୍ରିପାଠୀ, ସଂଯୋଜକ ସତ୍ୟନାରାୟଣ ଗହିର, ଉପ ସଭାପତି ସୁବଳ ଗୁରହାଣ୍ଡି, ସୁରେଶ ମେହେର, କାର୍ଯ୍ୟ କ୍ରମ ନିଷ୍ପାଦକ ହାଡିବନ୍ଧୁ ତ୍ରିପାଠି ପ୍ରମୁଖ ନେତୃତ୍ୱ ନେଇଥିଲେ ଏବଂ ସଂଯୋଜକ ସଂଗଠକ ଜୟକୃଷ୍ଣ ମିଶ୍ର ଧନ୍ୟବାଦ୍ ଜ୍ଞାପନ କରିଥିଲେ ।




# ଅଙ୍ଗନବାଡ଼ି କର୍ମୀ ନିଯୁକ୍ତିରେ ଅନିୟମିତତା ପ୍ରତିବାଦରେ ଗଣଧାରଣା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଲମ୍ବସରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋହିରାପାଲି ଅଙ୍ଗନବାଡି କେନ୍ଦ୍ରରେ କର୍ମୀ ନିଯୁକ୍ତିରେ ଅନିୟମିତତା ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣ ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଗୋହିରାପାଲି ଅଙ୍ଗନବାଡି କେନ୍ଦ୍ରରେ କର୍ମୀ ନିଯୁକ୍ତିରେ ଦୁର୍ନୀତି ହୋଇ ଗ୍ରାମ ବାହାରର ଜଣେ ପ୍ରାର୍ଥିନୀଙ୍କୁ ନିଯୁକ୍ତି ଦିଆଯାଇଛି । ପୂର୍ବରୁ ସିଡିପିଓ ଉପ ଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମର ମହିଳାମାନେ ବାରମ୍ବାର ଅଭିଯୋଗ କରିଛନ୍ତି । ସେ ସମ୍ପର୍କରେ ପ୍ରଶାସନ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣାରେ ବସିଛନ୍ତି ।

# ବୁଲାପଶୁଙ୍କ ପ୍ରାଦୁର୍ଭାବ ପ୍ରତିରୋଧ ପାଇଁ ମହାନଗର ନିଗମର ଅଭିଯାନ



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବୁଲା ଗୋରୁଗାଈଙ୍କ ନିଗମ ଅଞ୍ଚଳରେ ରାସ୍ତା ଅବରୋଧ ଓ କୁକୁରଙ୍କ ପ୍ରାଦୁର୍ଭାବରେ ସହରବାସୀଙ୍କ ଜନଜୀବନ ପ୍ରଭାବିତକୁ ଦୃଷ୍ଟିରେ ରଖି ଶୁକ୍ରବାର ଦିନ ବ୍ରହ୍ମପୁର ମହାନଗର ନିଗମ ତରଫରୁ ମେୟର ସଂଘମିତ୍ରା ଦଳାଇଙ୍କ ସଭାପତିତ୍ୱରେ ତାଙ୍କ କାର୍ଯ୍ୟାଳୟ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଆହୁତ ହୋଇଯାଇଛି । ଏହି ବୈଠକରେ ବୁଲାପଶୁଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା । ଏଥି ମଧ୍ୟରେ ବୁଲା ଗାଈଗୋରୁଙ୍କ ଦ୍ୱାରା ରାସ୍ତା ଅବରୋଧ, ବୁଲା କୁକୁରଙ୍କ ପ୍ରାଦୁର୍ଭାବ, ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରାଯିବା ସହ କୁକୁର ପ୍ରଜନନ ନିୟନ୍ତ୍ରଣ ପାଇଁ ଆହୁତ ବୈଠକରେ ସହମତି ପ୍ରକାଶ ପାଇଥିଲା । ଗୋରୁଗାଈଙ୍କୁ ସେମାନଙ୍କ ମାଲିକର ଆଦାୟ କଲା ପରେ ରାସ୍ତାରେ ନଛାଡ଼ିବା ପାଇଁ ମାଲିକଙ୍କୁ ତାଗିଦ କରିଛି ବି.ଇ.ଏମ୍.ସି । ଏହାକୁ ଅମାନ୍ୟ କଲେ ଶନିବାର ଠାରୁ ରାସ୍ତାରେ ବୁଲୁଥିବା ଗୋରୁଗାଈଙ୍କୁ ଉଠାଇ ନେଇ ପ୍ରାଣୀ ଚିକିତ୍ସାଳୟ ଠାରେ ରୋଗିଣୀ ଗାଈଙ୍କ ପାଇଁ ନିର୍ମିତ ହୋଇଥିବା ଆଶ୍ରୟସ୍ଥଳୀ ଠାରେ ସାମୟିକ ଭାବେ ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଗାଈ ମାଲିକ ତାଙ୍କ ଗାଈ ନେବାକୁ ଆସିଲେ ତାଙ୍କ ଠାରୁ ତିନି ହଜାର ଟଙ୍କା ଜରିମାନା ଆଦାୟ କରାଯିବା ପାଇଁ ଦର ଧାର୍ଯ୍ୟ କରାଯାଇଛି । ସେହିପରି ଧରାଯାଇଥିବା କୁକୁରଙ୍କୁ ସେମାନଙ୍କ ବନ୍ଧ୍ୟାକରଣ ପର୍ଯ୍ୟନ୍ତ ପ୍ରାଣୀ ଚିକିତ୍ସାଳୟ ଠାରେ ନିର୍ମିତ କୋଠରିରେ ରହିବା ଓ ଖାଇବା ବ୍ୟବସ୍ଥା କରାଯିବା ପାଇଁ ଏବଂ ସେମାନଙ୍କ ଖାଦ୍ୟ ଯୋଗଣ ପାଇଁ ଟେଣ୍ଡର ଆହ୍ୱାନ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏଥିସହ ବୁଲା ଗାଈଗୋରୁଙ୍କ ରାସ୍ତା ଅବରୋଧକୁ ପ୍ରତିରୋଧ କରିବା ପାଇଁ ଆଗାମୀ ଦିନରେ ଗୋଷାଣୀ ନୂଆଗାଁ, ୱାର୍ଡ ନମ୍ବର -୨୭ ଅନ୍ତର୍ଗତ ଶ୍ମଶାନ୍ ପଛପଟ ସ୍ଥାନରେ ସ୍ଥାୟି କାଞ୍ଜିଆହୁଦା ନିର୍ମିତ କରିବା ପାଇଁ ନିଷ୍ପତ୍ତି ହୋଇଛି । ସେଠାରେ ପ୍ରାୟ ୬୦ ଗୋରୁଗାଈଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବୁଲା କୁକୁର ରହିବା ବ୍ୟବସ୍ଥା ରହିବ । ସେହିପରି ପାଗଳ କୁକରଙ୍କୁ ନିକଟସ୍ଥ ହୁଗୁଳା ପଟା ଠାରେ ନିର୍ମିତ କୋଠରୀରେ ରଖିବା ପାଇଁ ବି.ଇ.ଏମ୍.ସି ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆହୁତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିଗମର ଉପ ଆୟୁକ୍ତ ଆଶୀର୍ବାଦ ପରିଡ଼ା, ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ ବିଶେଷଜ୍ଞ ଡଃ. ସତ୍ୟନାରାୟଣ କର, ଡଃ. ସୋମିକ ସ୍ୱାଇଁ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ସୁଶାନ୍ତ ଡୁଙ୍ଗୁ, କନିଷ୍ଠ ଯନ୍ତ୍ରୀ ଇଂ. ସ୍ମୃତିକା କୁମାରୀ ପାତ୍ର, ବିଦ୍ୟୁତ୍ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ମିଶ୍ର, ସାନିଟାରୀ ଇନ୍ସପେକ୍ଟର ଏ. ମୁରଲୀ କ୍ରିଷ୍ଣା, ଏସ୍‌ପିସିଏ ତଥା ମହାନଗର ନିଗମ ଏବିସି କମିଟି ସଦସ୍ୟ ଲଲାଟେନ୍ଦୁ ଚୌଧୁରୀଙ୍କ ସମେତ ବି.ଇ.ଏମ୍.ସିର ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

## ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ବାର୍ଷିକ ଉତ୍ସବ

# 'ସାହିତ୍ୟ ଓ ସମ୍ପର୍କ ସମାଜର ଉନ୍ନତିରେ ସହାୟକ ହୋଇଥାଏ'

**କଟକ, ନ୍ୟୁଜ୍ ବ୍ୟୁରୋ**




ସାହିତ୍ୟ ଓ ସମ୍ପର୍କ ଦୁଇଟି ଶବ୍ଦ ପରିପୁରକ । ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ସାହିତ୍ୟ ମାଧ୍ୟମରେ ବିଭିନ୍ନ ବିଭାଗ ସହ ସମ୍ପର୍କ ସ୍ଥାପନ କରି ସ୍ଥାନୀୟ ଅଞ୍ଚଳର ଉନ୍ନତି କରିବାରେ ସହାୟକ ହୋଇଥାନ୍ତି ବୋଲି ପ୍ରାକ୍ତନ ସଂସ୍କୃତି ସଚ୍ଚିବ ମନୋରଂଜନ ପାଣିଗ୍ରାହୀ କହିଛନ୍ତି । ସାରସ୍ୱତ ଅନୁଷ୍ଠାନ, ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ଜଗତପୁର ସ୍ଥିତ ଓଡ଼ିଶା ଶିଳ୍ପମହାସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀ ପାଣିଗ୍ରାହୀ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେବା ସହ ସାହିତ୍ୟର ଉନ୍ନତିରେ ସମାଜର ଉନ୍ନତି ହୋଇଥାଏ ବୋଲି କହିଥିଲେ । ସଂସଦର ସଭାପତି ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡଃ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ବିଶିଷ୍ଟଅତିଥି ଭାବେ ଶଶଧର ପଣ୍ଡା, ସମ୍ମାନୀୟ ଅତିଥି ଭାବେ ଲୋକସେବା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ହିମାଂଶୁ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ପ୍ରଫେସର ଯୁଧିଷ୍ଠିର ଖଟୁଆ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ସମ୍ପର୍କର ସେତୁକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ଶଶଧର ପଣ୍ଡାଙ୍କୁ 'ସମ୍ପର୍କ ସାହିତ୍ୟ ସଂସ୍କୃତି ସମ୍ମାନ-୨୦୨୪', ବୈଦ୍ୟନାଥ ଖିଲାରଙ୍କୁ 'ସମ୍ପର୍କ ସାହିତ୍ୟ ସଂସ୍କୃତି ଗୀତିକବି ସମ୍ମାନ-୨୦୨୪', ଅଭିମନ୍ୟୁ ସାମନ୍ତ ସିଂହାର ସାହିତ୍ୟ ସୃଜନୀ ଅନୁଷ୍ଠାନକୁ 'ରାଜକିଶୋର ପଟ୍ଟନାୟକ ସ୍ମୃତି ସଂଗଠନ ସମ୍ମାନ-୨୦୨୪', କାନ୍ତକବି ସାହିତ୍ୟ ପରିଷଦ ଅନୁଷ୍ଠାନକୁ 'ପାର୍ବତୀ-ଗୋବିନ୍ଦ ସ୍ମୃତି ସଂସ୍କୃତି ସମ୍ମାନ-୨୦୨୪', ଗୀତାଂଜଳି ପୃଷ୍ଟି ଓ ଚୈତନ୍ୟ ରାଉତଙ୍କୁ 'ସମ୍ପର୍କ ସାହିତ୍ୟ ସଂସ୍କୃତି ଶୁଆ-ଶାରୀ ସମ୍ମାନ-୨୦୨୪', ଉତ୍ତମ ଚରଣ ପ୍ରଧାନଙ୍କୁ 'ଲକ୍ଷ୍ମୀଦେବୀ-ରାଧୁଜେନା ସ୍ମୃତି କବିସୌରଭ ସମ୍ମାନ-୨୦୨୪', ଡଃ ଲୋପାମୁଦ୍ରା ଜେନାଙ୍କୁ 'ସମ୍ପର୍କ ସାହିତ୍ୟ ସଂସ୍କୃତି ସାରସ୍ୱତ ସମ୍ମାନ-୨୦୨୪', ସୌମ୍ୟକାନ୍ତ ସାମନ୍ତରାୟଙ୍କୁ 'ସମ୍ପର୍କ ସାହିତ୍ୟ ସଂସ୍କୃତି ସାମ୍ବାଦିକ ଗୌରବ ସମ୍ମାନ-୨୦୨୪', କେଶବ ଚରଣ ରାଉତଙ୍କୁ 'ନଟବର ବେହେରା ସ୍ମୃତିସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା । ପ୍ରଥମ ଅଧିବେସନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପତିତ ପାବନ ମହାପାତ୍ର, ଉଦୟ କେଶରୀ ବର୍ମା, ସାଗରିକା ଜେନା ଯୋଗଦେଇଥିଲେ । ଦ୍ୱିତୀୟ ଅଧିବେସନ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଡଃ ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ନୀଳକଣ୍ଠ ରାଉତ, ପ୍ରଫେସର ଆଦିତ୍ୟ ପ୍ରତାପ ଧଳ, ଡଃ ପଣ୍ଡିତ ଅଭୟ କୁମାର ଦାଶ, ଚୈତନ୍ୟ କୁମାର ରାଉତ ଅତିଥି ଭାବେ ଯୋଗ ଦେଇଥିଲେ । କବି ମନୋରଂଜନ ପଣ୍ଡା, ଗୀତାଂଜଳି ପୃଷ୍ଟି, ବିଶ୍ୱମିତ୍ରା ମିଶ୍ରଙ୍କ ସଂଯୋଜନାରେ ଶତାଧିକ କବିତା ପାଠ କରାଯାଇଥିଲା । ବିପଦ ବାନ୍ଧବ ମହାନ୍ତି, ସୁରେନ୍ଦ୍ର ଜେନା, କୁଳମଣି ବେହେରା, ରୀତା ଦାସ, ଅଭୟ ପଟ୍ଟନାୟକ, ବ୍ରଜବନ୍ଧୁ ପୃଷ୍ଟି ସହଯୋଗ କରିଥିଲେ । ମହେନ୍ଦ୍ର ସାହି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରାଜୀବ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଦିତ୍ୟ ରଂଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଜାନୁଆରୀ ୨୦୨୫ ବୁଧବାର





# ଅଚ୍ୟୁତାନନ୍ଦଙ୍କ ପୀଠର ଉନ୍ନତିକରଣ ଶିଳାନ୍ୟାସ କଲେ ମନ୍ତ୍ରୀ

**ନେମାଳ, ନ୍ୟୁଜ୍**



ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ କଟକ ଜିଲ୍ଲାର ପ୍ରସିଦ୍ଧ ନେମାଳ ସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ପୁଷ୍ୟାଭିଷେକ ଉତ୍ସବ ମହାସମାରୋହରେ ପାଳିତ ହୋଇଛି । ମହାପୁରୁଷଙ୍କ ଦର୍ଶନ କରି ସାନିଧ ଲାଭ କରିବାକୁ ପୀଠରେ ସକାଳୁ ସନ୍ଧ୍ୟା ଯାଏ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ପବିତ୍ର ଦିନରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଏହି ପୀଠର ଉନ୍ନତି କରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ପ୍ରଥମ ପର୍ଯ୍ୟାୟରେ ପୀଠର ଉନ୍ନତିକରଣ କାର୍ଯ୍ୟ ପାଇଁ ୨୫ କୋଟି ଟଙ୍କାର ବ୍ୟୟବରାଦରେ କାର୍ଯ୍ୟ ଆରମ୍ଭ ହେବ ଓ ଆଗକୁ ଯେତେ ଟଙ୍କା ଦରକାର ରାଜ୍ୟ ସରକାର ଯୋଗାଇଦେବେ ବୋଲି କହିଥିଲେ ମନ୍ତ୍ରୀ । ଅନ୍ୟପଟେ ପୂର୍ବ ସରକାର ସମୟରେ କେବଳ ନିର୍ବାଚନକୁ ଆଖି ଆଗରେ ରଖି ବିନା ପ୍ରୋଜେକ୍ଟ ଆପ୍ରୁଭାଲ୍‌ରେ ତରବରିଆ ଭାବେ ଭୋଟ ହାତେଇବାକୁ ଶିଳାନ୍ୟାସ କରାଯାଇଥିଲା । ମାତ୍ର ଏବେ କିନ୍ତୁ ଆମ ସରକାର ଏହି ପ୍ରସିଦ୍ଧ ପୀଠର ଯାହା ଉନ୍ନତି କରଣ କରିବା କଥା ଆଗକୁ କରିବେ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ । ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ବିଜେପି ନେତା ଅରିନ୍ଦମ ରାୟ ପ୍ରମୁଖ ଯୋଗ ଦେଇଥିଲେ ।

# ୧୦ କୋଟିର ବହୁତଳ ପାର୍କିଂ କମ୍ପ୍ଲେକ୍ସ ନିର୍ମାଣରେ ବିଳମ୍ବ ନେଇ ଅସନ୍ତୋଷ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହର ମଧ୍ୟରେ ଯାନବାହନ ପାର୍କିଂ ସୁବିଧା ନଥିବାରୁ ଟ୍ରାଫିକ୍ ଯନ୍ତ୍ରଣା ବୃଦ୍ଧି ପାଇଛି । ବିଶେଷ କରି ପୁରୁଣା ବସ୍‌ଷ୍ଟାଣ୍ଡ ଠାରୁ ଆରମ୍ଭ କରି ଗିରିଜା ରୋଡ୍, ବଡ଼ ବଜାର ଓ ସାନ ବଜାର ଯାଏଁ ପାର୍କିଂ ସୁବିଧା ନାହିଁ । ଫଳରେ ବିଏମ୍‌ସି ଫାୟର ଷ୍ଟେସନ୍ ରୋଡ୍ ଓ ମୟୁରୀ ଟାୱାର ନିକଟତରେ ରାସ୍ତା ମଝିକୁ ପାର୍କିଂ ସ୍ଥଳ ଭାବେ ବାଛିଛି । ଯେଉଁଠାରେ ସହରବାସୀ ସମେତ ଜିଲ୍ଲାବାସୀରୁ ଆସୁଥିବା ଲୋକେ ଏହି ସ୍ଥାନରେ ଦୁଇ ଚକିଆ ଯାନ ପାର୍କିଂ କରୁଛନ୍ତି । କିନ୍ତୁ ପାର୍ବଣ ସମୟରେ ଅଧିକ ମାତ୍ରାରେ ପାର୍କିଂ କାରଣରୁ ସମଗ୍ର ଅଞ୍ଚଳ ଜାମ୍ ହୋଇଯାଉଛି । ଅନ୍ୟପଟେ ୪ ଚକିଆ ଯାନ ପାର୍କିଂ ପାଇଁ କୌଣସି ସୁବିଧା ନାହିଁ । ଫଳରେ ରାସ୍ତା ପାର୍ଶ୍ୱରେ ସେଗୁଡ଼ିକ ରହିବାରୁ ଟ୍ରାଫିକ୍ ସମସ୍ୟା ବହୁଗୁଣିତ ହେଉଛି । ବିଏମ୍‌ସି ପକ୍ଷରୁ କେତେବେଳେ ପାର୍କିଂ ଫି' ଆଦାୟ କରାଯାଉଛି । ଅନ୍ୟ କେତେବେଳେ ଫ' ଆଦାୟ ବନ୍ଦ ରହୁଛି । ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ସହରର ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥିତ ପୂର୍ବରୁ ଥିବା ୟୁ ମାର୍କେଟ୍ ଠାରେ ବହୁ ତଳ ପାର୍କିଂ କମ୍ପ୍ଲେକ୍ସ ଯୋଜନା କରିଥିଲା । ୨୦୨୨ ଜୁନ୍ ୪ ତାରିଖରେ ବିଡ଼ିଏ ସାଧାରଣ ପରିଷଦ ବୈଠକରେ ଉକ୍ତ କମ୍ପ୍ଲେକ୍ସ ନିର୍ମାଣ ନିଷ୍ପତି ହୋଇଥିଲା । ୯.୮୦ କୋଟି ବ୍ୟୟରେ ୪ ମହଲା ବିଶିଷ୍ଟ କମ୍ପ୍ଲେକ୍ସ ନିର୍ମାଣ ସ୍ଥିର ହୋଇଥିଲା । ଗିରି ମାର୍କେଟ୍, ଅନ୍ନପୂର୍ଣ୍ଣା ମାର୍କେଟ୍ ଓ ରାମଲିଙ୍ଗେଶ୍ୱର ଭଳି ବିଭିନ୍ନ ସ୍ଥାନରୁ ଆସୁଥିବା ଯାନବାହନ ପାର୍କିଂ ଏଠାରେ ହୋଇପାରିବ । କୋଠା କାର୍ଯ୍ୟ ଦୁଇ ପର୍ଯ୍ୟାୟରେ ସାରିବା ଲକ୍ଷ୍ୟ ଥିଲା । ସାରଥୀ ଇନ୍‌ଫ୍ରାଷ୍ଟ୍ରକଚର ନାମକ ଘରୋଇ ସଂସ୍ଥାକୁ କାର୍ଯ୍ୟଭାର ଦିଆଯାଇଥିଲା । ନିଷ୍ପତି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୨ ମହଲା କୋଠା ନିର୍ମାଣ ହେବ । ଏଠାରେ ୩୨୮ଟି ୨ ଚକିଆ ଓ ୨୦୬ଟି ୪ ଚକିଆ ଯାନ ପାର୍କିଂ ସହ ୪୨ ଦୋକାନ ଘର କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ୩ୟ ଓ ୪ର୍ଥ ମହଲା କୋଠାରେ ୩୧୬ ବର୍ଗ ମିଟରରେ ୧୮୦ କାର୍ ପାର୍କିଂ ହୋଇପାରିବ । ଏଥିସହ ଉପର ମହଲାରେ ଖୋଲା ରେଷ୍ଟୁରାଣ୍ଟ ହେବ । ୨୦୨୩ ଏପ୍ରିଲ୍ ୯ ତାରିଖ ସୁଦ୍ଧା ପ୍ରଥମ କାର୍ଯ୍ୟ ସାରିବା ଲକ୍ଷ୍ୟ ଥିଲା । ତେଣୁ ସେଠାକାର ବ୍ୟବସାୟୀଙ୍କୁ ବିଏମ୍‌ସି ପକ୍ଷରୁ ଉଚ୍ଛେଦ କରାଯାଇଥିଲା । ଧାର୍ଯ୍ୟ ସମୟର ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ଏଯାବତ୍ ପ୍ରଥମ ପର୍ଯ୍ୟାୟ କାମ ସରିନି । କେବଳ ପିଲର ଉଠାଇ ଗୋଟିଏ ପାର୍ଶ୍ୱ ଛାତ ପକାଇ ଛାଡ଼ିଦିଆଯାଇଛି । ଫଳରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକୁ ନେଇ ଅନିୟମିତତା ଦେଖାଦେଉଛି । ଅନ୍ୟପକ୍ଷରେ କାର୍ଯ୍ୟ ହେଉଥିବା ସ୍ଥାନର ଚତୁଃପାର୍ଶ୍ୱରେ ଟିଣ ବାରିକେଡ୍ କରାଯାଇଛି । ଯଦ୍ୱାରା ସମଗ୍ର ଅଞ୍ଚଳର ରାସ୍ତା ସଙ୍କୁଚିତ ହେବାରୁ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ଲୋକଙ୍କ ବ୍ୟବହୃତ ଶୌଚାଳୟକୁ ବି ଭାଙ୍ଗି ଦିଆଯାଇଛି । ଫଳରେ ଏଠାକୁ ଆସୁଥିବା ଓ ସ୍ଥାନୀୟ ଲୋକେ ଶୌଚ ପାଇଁ ବହୁ ଅସୁବିଧା ଭୋଗୁଛନ୍ତି । ବିଡ଼ିଏ ପକ୍ଷରୁ ନିର୍ମାଣ କାର୍ଯ୍ୟ ସାରିବାରେ କୌଣସି ତତ୍ପରତା ଦେଖାଇନଥିବା ଅଭିଯୋଗ ହୋଇଛି । ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ବିଡ଼ିଏ ପକ୍ଷରୁ ବାରମ୍ବାର ଡ଼ିଜାଇନ୍ ପରିବର୍ତ୍ତନ କରାଯାଉଛି । ଗତ ୩ ମାସ ତଳେ ବିଡ଼ିଏ ପକ୍ଷରୁ ପୁଣି ଏକ ଡ଼ିଜାଇନ୍ ପ୍ରଦାନ କରାଯାଇଛି । ବିଭାଗ ପକ୍ଷରୁ ବାରମ୍ବାର ଡ଼ିଜାଇନ୍ ପରିବର୍ତ୍ତନ କାରଣରୁ କାର୍ଯ୍ୟ ବିଳମ୍ବ ହେଉଛି । ଆସନ୍ତା ୧୫ ମାସ ମଧ୍ୟରେ କୋଠା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି । ଏ ନେଇ ବିଡ଼ିଏ ସଚିବ ଉମେଶ ହାଂସଦାଙ୍କୁ ଯୋଗାଯୋଗ କରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି ।



# ଅସହାୟ ବୃଦ୍ଧ ଦମ୍ପତିଙ୍କ ନିକଟରେ ପହଞ୍ଚିଲା ବ୍ଲକ୍ ପ୍ରଶାସନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ବଘିଆପଡା ଗ୍ରାମ ପଞ୍ଚାୟତ ନୂଆପାଲି ଗ୍ରାମର ଅସହାୟ ଦମ୍ପତ୍ତିଙ୍କ ନିକଟରେ ବୌଦ୍ଧ ବ୍ଲକ୍ ପ୍ରଶାସନ ପହଞ୍ଚି ସହାୟତାର ହାତ ବଢାଇଛି । ମିଳିଥିବା ସୂଚନା ଅନୁଯାୟୀ ନୂଆପାଲି ହରିଜନ ସାହିର ଯୋଗୀନ୍ଦ୍ର ସାହାଣୀ ଗୋଡ ଭାଙ୍ଗି ଶଯ୍ୟାଶାୟୀ ହୋଇପଡିବା ପରେ ଚିକିତ୍ସା ପାଇଁ ଚାଉଳ କାର୍ଡ ଓ ଭତ୍ତା କାର୍ଡ ବନ୍ଧକ ରଖି ସର୍ବସ୍ୱାନ୍ତ ହୋଇଯାଇଛନ୍ତି । ଭୋକ ଉପାସରେ ନିଜ ପତ୍ନୀଙ୍କ ସହ ଦୁର୍ଦ୍ଦିନରେ କାଳ କାଟୁଥିବାବେଳେ ଗତ ଶନିବାର ଦିନ ସ୍ୱେଚ୍ଛାସେବୀ ସଂସ୍ଥା କାର୍ଡର ସମ୍ପାଦକ ଧର୍ମୁଧର ପୋଢ ଏ ଘଟଣା ଲୋକ ଲୋଚନକୁ ଆଣି ପ୍ରଥମେ ସହାୟତାର ହାତ ବଢାଇ ଥିଲେ । ଏ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବାପରେ ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର ଗ୍ରାମରେ ପହଞ୍ଚି ସହାୟତାର ହାତ ବଢାଇଛନ୍ତି । ଦୁସ୍ଥ ପରିବାରକୁ ୫୦ କେଜି ଚାଉଳ ଓ ଏକ ହଜାର ଟଙ୍କା ପ୍ରଦାନ କରିବାସହ ଯୋଗୀନ୍ଦ୍ରଙ୍କୁ ଏକ ତିନିଚକିଆ ସାଇକେଲ୍ ପ୍ରଦାନ ପାଇଁ ପ୍ରତିଶୃତି ଦେଇଥିବା ସୂଚନା ମିଳିଛି । ସହାୟତା ପ୍ରଦାନ ସମୟରେ ବିଡିଓଙ୍କ ସହ କାର୍ଡର ସମ୍ପାଦକ ଧର୍ମୁଧର ପୋଢ ଓ ଅନ୍ୟ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ ।

# ଇଥାନଲ ଫ୍ୟାକ୍ଟ୍ରି ଡ୍ରାୟର୍‌ରେ ଲାଗି ଶ୍ରମିକ ମୃତ:କ୍ଷତିପୂରଣ ଦାବିରେ ଚାପା ଉତ୍ତେଜନା





**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପାଣିମୋରା ଠାରେ ଥିବା ମାସ୍ ବାୟୋ ପ୍ରାଇଭେଟ୍ ଲିମିଟେଡ୍‌ରେ ଘଟିଛି ଅଘଟଣ । ସୂଚନା ଅନୁଯାୟୀ ରବିବାର ଦିନ ରାତି ପ୍ରାୟ ୮.୩୦ ବେଳେ ସେଠାରେ କାମ କରୁଥିବା ସ୍ଥାନୀୟ ଅରଖପଦର୍ ଗ୍ରାମର ଅଜୟ ମହାକୁର (୨୫) ବର୍ଷ ଡ୍ରାୟରରେ ଗଳି ପଡ଼ିଥିଲେ । ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପରେ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ପ୍ଲାଣ୍ଟ ବିରୋଧରେ ବ୍ୟାପକ ଅଭିଯୋଗ କରିବା ସହ ମୃତ କର୍ମଚାରୀଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ କରିବା ପାଇଁ ଦାବି କରିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ ପ୍ଲାଣ୍ଟ ଭିତରେ ଶ୍ରମିକ ମାନେ ଅସୁରକ୍ଷିତ ଭାବରେ ବିନା ହେଲମେଟ୍, ଗ୍ଲୋବ୍ ତଥା ଅନ୍ୟାନ୍ୟ ବିନା ସୁରକ୍ଷା ସାମଗ୍ରୀରେ କାମ କରୁଥିବା ଓ ଆଗରୁ ମଧ୍ୟ ବାହାର ରାଜ୍ୟର ଅନେକ ଶ୍ରମିକ ମୃତାହତ ହୋଇଥିବା ବେଳେ ମରଶରୀରକୁ ଭିତିରି ଭାବରେ ପାର୍ସଲ୍ କରିଦିଆଯାଇଛି । ଘଟଣା ସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ତରଭା ଏଡିସିନାଲ୍ ତହସିଲଦାର, ସୋନପୁର ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ, ତରଭା ଆଇଆଇସି ଅନିତା କିଡୋ ପହଞ୍ଚି ତଦନ୍ତ କରିବା ସହ ଲୋକଙ୍କୁ ବୁଝାସୁଝା କରୁଥିବା ଜଣାପଡିଛି ।

# ମୃତ ଡ୍ରାଇଭରଙ୍କ ପରିବାରକୁ ସରକାରଙ୍କ ସହାୟତା




**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ହରିଭବନ ଠାରେ ଓଡ଼ିଶା ଡ୍ରାଇଭର ମହାସଂଘ କଣ୍ଟାବାଞ୍ଜି ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ୍ରାଇଭର ମହାସଂଘ ପକ୍ଷରୁ ଚାଲୁଥିବା ସଚେତନତା ସମ୍ପର୍କରେ ଜଣାଇଥିଲେ । ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଡ୍ରାଇଭର ମହାସଂଘ ପକ୍ଷରୁ ନିଶାମୁକ୍ତ ଭାବେ ଗାଡିଚାଳନା, ଲୋକଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସହ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ସଚେତନ କରାଯାଇଥିଲା । କଣ୍ଟାବାଞ୍ଜି ଏନ୍‌ଏସି ଅଞ୍ଚଳର ମୃତ ଦୁଇ ଜଣ ଡ୍ରାଇଭରଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ମୃତ୍ୟୁ କାଳୀନ ସହାୟତା ରାଜ୍ୟ ସରକାରଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ସଂଘକୁ ମଜବୁତ୍ କରିବା ସହ ଡ୍ରାଇଭର୍ ମାନଙ୍କ ବିଭିନ୍ନ ସମସ୍ୟାରେ ସଂଘ ଛିଡା ହୋଇ ରହିବ ବୋଲି ପ୍ରକାଶ କରିଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଡ୍ରାଇଭର୍ ୟୁନିୟନ୍ କଣ୍ଟାବାଞ୍ଜି ସଭାପତି ପରମାନନ୍ଦ ହାତୀ, ଉପସଭାପତି ନନ୍ଦଲାଲ କୁମ୍ଭାର, ଉପଦେଷ୍ଟା ଦେବରାଜ ଯାଦବ, ସମ୍ପାଦକ ବିଜୟ ଦାସ, ଓଡ଼ିଶା ଡ୍ରାଇଭର ମହାସଂଘ କଣ୍ଟା ବାଞ୍ଜି ସଭାପତି ଜିତ୍ ଧରୁଆ, ସମ୍ପାଦକ କାର୍ତ୍ତିକ ବରିହା ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ମଦ୍ୟପ ଚାଳକର ବାଇକ୍ ଧକ୍କାରେ ମା' ଝିଅ ଗୁରୁତର

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ମଦୁଆ ବାଇକ୍ ଚାଳକଙ୍କୁ ସାବାଡ଼ କରିବା ପାଇଁ ପୋଲିସ ପକ୍ଷରୁ ବାଇକ୍ ପିସିଆର ଯୋଗେ ପାଟ୍ରୋଲିଙ୍ଗ ଜାରି ରହିଥିବା ବେଳେ ମଦୁଆ କିନ୍ତୁ ସୁଧୁରିବାର ନାଆଁ ଧରିନାହାନ୍ତି । ସୋମବାର ସନ୍ଧ୍ୟାରେ ଜଣେ ମଦ୍ୟପ ବାଇକ୍ ଚାଳକ ଏକ ବାଇକ୍‌କୁ ଖୁବ୍ ଦ୍ରୁତ ଗତିରେ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଅନ୍ୟ ବାଇକ୍‌ରେ ଆସୁଥିବା ମାଆ ସୁମିତ୍ରା ମୁଣ୍ଡା ଓ ଝିଅ ମୋନାଲିସା ମୁଣ୍ଡା ଗୁରୁତର ଅବସ୍ଥାରେ ତଳେ ପଡି ରହିଥିଲେ । ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ସେମାନଙ୍କୁ ଉଦ୍ଧାର କରାଯାଇ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା । ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅସୁସ୍ଥ ଦ୍ୱୟଙ୍କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ଅତ୍ୟଧିକ ନିଶାସକ୍ତ ବାଇକ୍ ଚାଳକ ପଣ୍ଡାପଡା ଅଞ୍ଚଳର ଅଲେଖ ମହାକୁଡ଼ଙ୍କୁ ସ୍ଥାନୀୟ ଲୋକେ ସୁରକ୍ଷିତ ଭାବେ ତାଙ୍କ ଘରକୁ ପଠାଇଥିଲେ । ସୂଚନାଯୋଗ୍ୟ ଯେ ନରଣପୁର ଛକରେ ଅଲୋକିକରଣ ବ୍ୟବସ୍ଥା ନଥିବା ଯୋଗୁ ଏହି ଛକରେ ବାରମ୍ବାର ଦୁର୍ଘଟଣା ଘଟି ଜନଜୀବନ ହାନି ଘଟୁଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଲୋକଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଉଛି ।



# ଶିତଳେଶ୍ୱରରେ ମା' ରକ୍ଷାକାଳୀଙ୍କ ବାର୍ଷିକ ପୂଜା

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ସହର ଶିତଳେଶ୍ୱର ଗ୍ରାମରେ ମା' ରକ୍ଷାକାଳୀଙ୍କ ବାର୍ଷିକ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ପ୍ରଥମେ ମାଆଙ୍କର କଳସ ପୂଜା ପାଇଁ ପୂଜା ବିଧି ନୀତି ନିୟମ ଅନୁସାରେ ପୂଜକ ଓ ସେବାୟତଙ୍କ ଦ୍ୱାରା ମା' ପୂର୍ଣ୍ଣ ତ୍ୱୟା ବୈତରଣି ନଦୀର ଜଳ ଆଣି କଳସ ପୂଜା ପ୍ରଥମେ ଆରମ୍ଭ କରି ମାଆଙ୍କର ଯଥାବିଧି ପୂଜାର୍ଚ୍ଚନା ପାଠ ବ୍ରାହ୍ମଣ ଓ ସେବାୟତଙ୍କ ଦ୍ୱାରା କରାଯାଇଥିଲା । ସେହି ପୂଜାରେ ମା'ଙ୍କର ହୋମ ଯଜ୍ଞ ନାନା ପ୍ରକାର ପୂଜା ପାଠ କରି ରାତ୍ରି ସମୟରେ ବ୍ରାହ୍ମଣମାନେ ନିଷ୍ଠାର ସହିତ ପୂଜା କରି ମା'ଙ୍କୁ ସନ୍ତୁଷ୍ଟ କରିଥିଲେ । ଶେଷରେ କଖାରୁ ବଳି ମା'ଙ୍କୁ ଅର୍ପଣ କରାଯାଇଥିଲା । ସକାଳୁ ସକାଳୁ ମା'ଙ୍କୁ ଦର୍ଶନ କରିବା ପାଇଁ ସହରର କୋଣ ଅନୁକୋଣରୁ ଭକ୍ତ ମାନଙ୍କର ଭିଡ ଲାଗି ରହିଥିଲା । ଭକ୍ତ ମାନେ ମା'ଙ୍କୁ ଦର୍ଶନ କରି ବେଶ୍ ଭାବ ବିହ୍ୱଳ ହୋଇ ଘଣ୍ଟ ହୁଳ ହୁଳି ଦେଇ ମାଆଙ୍କର ଆଶିଷ ଭିକ୍ଷା କରିଥିଲେ । ତାପରେ ସମସ୍ତ ଭକ୍ତ ମା'ଙ୍କ ପ୍ରସାଦ ସେବନ କରି ମହା ଆନନ୍ଦିତ ହୋଇଥିଲେ । ଶେଷରେ ମା'ଙ୍କ ଭସାଣି ଶୋଭାଯାତ୍ରାରେ ଭକ୍ତମାନେ ଭଜନ କୀର୍ତ୍ତନ ଘଣ୍ଟ ବଜାଇ ମା'ଙ୍କୁ ମେଲାଣି ଦେବା ପାଇଁ ଶହ ଶହ ଭକ୍ତ ମାନଙ୍କ ଦ୍ୱାରା ଦେବିଗଡା ନିକଟରେ ଥିବା ବୈତରଣୀ ନଦୀରେ ମା'ଙ୍କୁ ମେଲାଣି ଦେଇଥିଲେ ।

# ନିଆଁ ଲାଗି ୮ ବଖରା ଘର ଜଳିଗଲା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ତହସିଲ ଅଧିନ ବାରୁଅ ପଞ୍ଚାୟତର ଗିଗିଡିଆ ଇଟିପୁର ଗ୍ରାମରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ପ୍ରାୟ ୮ ବଖରା ଘର ଜଳି ଧ୍ୱଂସ ହେବା ସହ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତି ନଷ୍ଟ ହୋଇଥିବା ଜଣାପଡିଛି । ସୋମବାର ମଧ୍ୟାହ୍ନରେ ସେହି ଗ୍ରାମର ଚୈତନ୍ୟ ନାୟକ, ଜିତେନ୍ଦ୍ର ନାୟକ ଓ ରାକେଶ ନାୟକ ପ୍ରଭୃତି ବିଲରେ ଧାନ କାଟୁଥିବା ବେଳେ ସେମାନଙ୍କର ଗ୍ରାମରେ ଥିବା ଘରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା । ଘରେ ଥିବା ମହିଳାମାନେ ପାଟି କରିବାରୁ ସ୍ଥାନୀୟ ଲୋକେ ଦୌଡି ଆସିଥିଲେ ମଧ୍ୟ ଅଗ୍ନି ତୀବ୍ର ରୂପ ଧାରଣ କରି ଘରର ସମସ୍ତ ଆସବାବ ପତ୍ର, ପ୍ରାୟ ୧୦୦ ବସ୍ତା ଧାନ, ଲୁଗାପଟା ଓ ଅନ୍ୟାନ୍ୟ ସମସ୍ତ ବ୍ୟବହାର ଯୋଗ୍ୟ ସାମଗ୍ରୀ, ଟଙ୍କା ପାଇସା, ସୁନା ରୂପା ପ୍ରଭୃତି ଜାଳିପୋଡି ଧ୍ୱଂସ କରି ଦେଇଛି । ସ୍ଥାନୀୟ ସରପଞ୍ଚ ଗୋପୀନାଥ ମଲିକ ଘଟଣା ସ୍ଥଳରେ ପହଞ୍ଚି ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିଥିଲେ । ତୁରନ୍ତ ସରକାରୀ ସହାୟତା ଦେବାକୁ ସରପଞ୍ଚ ଶ୍ରୀ ମଲିକ ଦାବି କରିଛନ୍ତି ।

# ଉଦ୍ଘାଟିତ ହେଲା ବାଲେଶ୍ୱର ଜିଲ୍ଲାସ୍ତରୀୟ ମେଳା କୋଶମ୍ବ-୨୦୨୫

**ବାଲେଶ୍ୱର, ନ୍ୟୁଜ୍**



ବହୁ ପ୍ରତୀକ୍ଷିତ ବାଲେଶ୍ୱର ଜିଲ୍ଲାସ୍ତରୀୟ ମେଳା କୋଶମ୍ବ-୨୦୨୫ ଓ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସ୍ଥାନୀୟ ପୋଲିସ ଲାଇନ୍ ପଡିଆରେ ଉଦ୍ଘାଟିତ ହୋଇଯାଇଛି । ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ତଥା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏହି ବିଶାଳ ମହୋତ୍ସବର ଆୟୋଜନ କରାଯାଇଛି । ଏହି ମହୋତ୍ସବର ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦାନ କରି ଏହି ୭ ଦିନ ବ୍ୟାପି ହେବାକୁଥିବା ବାର୍ଷିକ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ମାନୀୟ ଅତିଥିଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟକ ସୁବାସିନୀ ଜେନା, ସୋର ବିଧାୟକ ମାଧବ ଧଡ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ ଯୋଗଦାନ କରିଥିଲେ । ଏଥି ସହିତ ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର ରାଜ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିଶ୍ୱରଞ୍ଜନ ନାୟକ ଓ ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେ ମଧ୍ୟ ମଞ୍ଚାସୀନ ଥିଲେ । ଉଦ୍ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ତଥା ସମ୍ମାନୀୟ ଅତିଥିମାନେ ଫିତା କାଟି ସମାରୋହକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହା ପରେ ଅତିଥିବୃନ୍ଦ ସମସ୍ତ ଷ୍ଟଲ୍ ପରିଦର୍ଶନ କରି ଗୋଟିଏ ସ୍ଥଳରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳର ସଂସ୍କୃତି ଓ ବିଭିନ୍ନତାକୁ ଏକ ସାଙ୍ଗରେ ସଙ୍ଗଠିତ କରିପାରିଥିବାରୁ ଜିଲ୍ଲା ପ୍ରଶାସନର ଏହି ପ୍ରୟାସକୁ ଭୁରି ଭୁରି ପ୍ରଶଂସା କରିଥିଲେ । ଏହି ମେଳାରେ କୃଷି, ମିଶନ ଶକ୍ତି, ଶିକ୍ଷା, କ୍ରୀଡ଼ା, ସଂସ୍କୃତି, ନିୟୋଜନ, ସମାଜ ମଙ୍ଗଳ ଏବଂ ଅନ୍ୟାନ୍ୟ ଲାଇନ୍ ବିଭାଗର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ୍ ଏବଂ କୃଷି ଯନ୍ତ୍ରୀକରଣ ଉପରେ ୪୦ ଷ୍ଟଲ୍ ରହିଛି । ବିଭିନ୍ନ କୃଷିଜାତ, ଗ୍ରାମୀଣ, ହସ୍ତଶିଳ୍ପ, କୁଟୀର ଶିଳ୍ପ ଆଦି ଅନେକ ବ୍ୟବହାର୍ଯ୍ୟ ସାମଗ୍ରୀର ପ୍ରଦର୍ଶନ ସହ ବିକ୍ରୟ ଚାଲିଛି । ଆମ ଜିଲ୍ଲା ବାଲେଶ୍ୱରର ରହିଛି ସ୍ୱତନ୍ତ୍ର ବୈଶିଷ୍ଟ୍ୟ । କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା, ଭାସ୍କର୍ଯ୍ୟ, କ୍ରୀଡା, କ୍ଷେତ୍ରରେ ବାଲେଶ୍ୱରର ସ୍ଥାନ ଅନନ୍ୟ । ଅମାପ ସବୁଜ ବଣ ଜଙ୍ଗଲ, ପ୍ରାକୃତିକ ଶୋଭାରାଜି, ଦେବାଦେବୀ ପୀଠ, ପର୍ଯ୍ୟଟନ ସ୍ଥଳୀ ପାଇଁ ବାଲେଶ୍ୱର କେବଳ ଓଡ଼ିଶାରେ ନୁହେଁ ସମଗ୍ର ଦେଶରେ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିଛି । କୋଶମ୍ବ-୨୦୨୫ ମେଳା ବାଲେଶ୍ୱର ଜିଲ୍ଲାର ଉନ୍ନୟନ ଓ ସାଂସ୍କୃତିକ ପ୍ରସାରଣର ଦର୍ପଣ ସାଜିବ ବୋଲି ମୋର ଦୃଢ଼ ବିଶ୍ୱାସ ବୋଲି ନିଜ ଅଭିଭାଷଣରେ ମୁଖ୍ୟ ଅତିଥି ଶାସକ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ, ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ ମତ ପ୍ରକାଶ କରିଥିଲେ । ଏହି ମହୋତ୍ସବର ଉଦ୍ଘାଟନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ତଥା ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଜାତୀୟସ୍ତରର ଖ୍ୟାତିସମ୍ପନ୍ନ ତାରକା ଶାଶ୍ୱତ ଯୋଶୀଙ୍କ କଳାତ୍ମକ ପରିବେଷଣ ସମସ୍ତ ଦର୍ଶକମାନଙ୍କ ମନୋରଞ୍ଜନ କରି ନିଜ କଳା ଦ୍ୱାରା ସମସ୍ତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ । ଜିଲ୍ଲାପାଳ ଶ୍ରୀ ବିକାଶ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଡ଼କ ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ





**ରାଇଘର, ନ୍ୟୁଜ୍ ବ୍ୟୁରୋ**


ସଡ଼କ ଦୁର୍ଘଟଣାରେ ଗୋଟିଏ ଗ୍ରାମର ଦୁଇଜଣ ଯୁବକଙ୍କ ଲୁଚିଗଲା ଅକାଳରେ ଜୀବନ । ସୂଚନା ଅନୁଯାଇ ସୋନପୁର ଡିଏନ୍‌କେ ଗ୍ରାମର ମଳୟ ଚକ୍ରବର୍ତ୍ତୀ ଏବଂ ତାଙ୍କ ସାଙ୍ଗ ପଲାଶ ରାୟ ଗୋଟେ କେଟିଏମ୍ ବାଇକ୍‌ରେ ଉମରକୋଟ୍‌ରେ କୌଣସି କାମ ପାଇଁ ଯାଇଥିଲେ । ସୋମବାର ରାତି ୯ଟା ସମୟରେ ଉମରକୋଟ୍‌ରୁ ନିଜ ଘର ସୋନପୁରକୁ ଫେରିବାବେଳକୁ ବୁର୍ଲା ୫ ନମ୍ବର ଛକ ଠାରେ ଗାଡ଼ି ନିୟନ୍ତ୍ରଣ ହରେଇ ଦୁର୍ଘଟଣାର ଶୀକାର ହୋଇ ଦୁଇଜଣ ଛିଟିକି ପଡ଼ିଥିଲେ । ଫଳରେ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ପଲାଶକୁ ଚିକିତ୍ସା ପାଇଁ ରାୟପୁର ମେଡିକାଲ୍ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା ଏବଂ ମଳୟର ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ପରିବାର ଲୋକେ ବିଶାଖାପାଟଣା ମେଡିକାଲ୍‌କୁ ଚିକିତ୍ସା ପାଇଁ ନେଇଯାଇଥିଲେ । ଗୋଟେ ଦିନ ଚିକିତ୍ସା ପରେ ବହୁତ ଗୁରୁତର ଥିବାରୁ ଡକ୍ଟର ମଳୟକୁ ମୃତ ଘୋଷଣା କରିଛନ୍ତି । ସୂଚନାଥାଉ କି ସୋନପୁର ଡିଏନ୍‌କେ ଗ୍ରାମର ତରୁଣ ଚକ୍ରବର୍ତ୍ତୀଙ୍କ ଗୋଟିଏ ମାତ୍ର ୨୨ ବର୍ଷୀୟ ପୁଅ ମଳୟ ଚକ୍ରବର୍ତ୍ତୀ ଏବଂ ମୋତି ରାୟଙ୍କ ଗୋଟିଏ ମାତ୍ର ୨୧ ବର୍ଷୀୟ ପୁଅ ପଲାଶ ରାୟକୁ ହରେଇ ଦୁଇ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି । ଦୁଇଜଣ ଯୁବକଙ୍କ ଏହିଭଳି ଅକାଳରେ ମୃତ୍ୟୁକୁ ନେଇ ସୋନପୁର ଡିଏନ୍‌କେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୧୫।୧।୨୦୨୫, ମାଘ ଦି୨ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୬।୨୪।୪୦** **ଚନ୍ଦ୍ରୋଦୟ- ସଂଘ ୬।୫୨।୧୦**

**ଦ୍ୱିତୀୟା-** ରାଘ ୩।୨୪ ପର୍ଯ୍ୟନ୍ତ । **ପୁଷ୍ୟା ନକ୍ଷତ୍ର-** ଦିଘ ୧୦।୩୦ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ରାଘ ୩।୨୪ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୫୫ ମଧ୍ୟେ । ଦିଘ ୧।୪୬ ଗତେ ଘ ୪।୪୦ ମଧ୍ୟେ । **ପର୍ବୋତ୍ସବ-** ରାଜାଭିଷେକ, ପୁଷ୍ୟାଭିଷେକ, ଭାରତୀୟ ସେନା ଦିବସ ।




**ମେଷ:** ଶତ୍ରୁ ଆପଣଙ୍କ ଠାରୁ ପରାସ୍ତ ହେବେ । ବାହାରେ ଯନ୍ତ୍ରଣା ଅନୁଭବ କରିବେ । ପ୍ରଚୁର ଧନର ଅଧିକାରୀ ହେବେ । ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବ । ଶୁଭ ଖବର ପାଇ ଆନନ୍ଦିତ ହେବେ ।



**ବୃଷ:** ଯାନବାହାନ କ୍ରୟ କରିବେ । କର୍ମକ୍ଷେତ୍ରରେ ସମସ୍ୟା ବହୁଳ ହୋଇପାରେ । ବନ୍ଧୁଙ୍କ ଠାରୁ କୌଣସି କ୍ରମେ କାର୍ଯ୍ୟ ହାସଲ କରିବେ । ଆୟର ପରିମାଣ ବଢ଼ିବ । ଗୃହରେ ଆନନ୍ଦ ପ୍ରାପ୍ତ ହେବାର ସୂଚନା ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ । ମହିଳାମାନେ ସ୍ୱାର୍ଥପର ହେବେ । ଲୋକମାନେ ଆପଣଙ୍କ ପ୍ରତି ଈର୍ଷା କରିବେ । ରୋଜଗାର ବୃଦ୍ଧି ହେବ । ପରିବାରରେ ସମସ୍ୟା ଦେଖାଦେବ । ମନ ଅସ୍ଥିର ରହିବ ।



**କର୍କଟ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । ସତ୍ ପଥରେ ଚାଲିବେ । ନୂତନ ଦ୍ରବ୍ୟ କ୍ରୟ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।




**ସିଂହ:** ସବୁଠାରୁ ସମ୍ମାନ ପାଇବେ । ପୁରୁଣା ରୋଗ ଭଲ ହେବ । ଜାଗା ବାଡ଼ି କିଣିପାରନ୍ତି । ଦୟାଳୁ ହେବେ । ମୂଲ୍ୟବାନ୍ ଦ୍ରବ୍ୟ ଲାଭ କରିବେ । ପରିବାରରେ ସମସ୍ୟା ଯୋଗୁ ଚିନ୍ତିତ ହୋଇପାରନ୍ତି ।



**କନ୍ୟା:** ଶରୀର ସୁସ୍ଥ ରହିବ । ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିବେ । ଅପେକ୍ଷା କରିଥିବା ଶୁଭ ଖବର ମିଳିବ । କର୍ମକ୍ଷେତ୍ରରେ ସହଯୋଗୀଙ୍କ ସାନ୍ନିଧ୍ୟ ଲାଭ କରିବେ । ଗୃହେ ଶାନ୍ତି ଲାଭ ହେବାର ସୂଚନା ।



**ତୁଳା:** ସାଧନାରେ ସିଦ୍ଧି ଲାଭ କରିବେ । କାର୍ଯ୍ୟ କ୍ଷେତ୍ରରେ ଲୋକପ୍ରିୟତା ବଢ଼ିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ଶାନ୍ତି ବଜାୟ ରହିବ । ପରିଶ୍ରମର ପରିମାଣ ବଢ଼ିବ ।




**ବିଛା:** କୌଣସି କାମରେ ମନ ଲାଗିବ ନାହିଁ । ମନରେ ବିରକ୍ତି ଭାବ ଲାଗି ରହିବ । ଅଳସୁଆମିରୁ କାର୍ଯ୍ୟ ନାଶ ହେବାର ସମ୍ଭାବନା । ଆୟ ଠାରୁ ବ୍ୟୟ ବଢ଼ିବ । ଘରେ ଶାନ୍ତି ପ୍ରାପ୍ତି ହେବାର ସୂଚନା ।



**ଧନୁ:** କର୍ମକ୍ଷେତ୍ରରେ ମାନସିକ ଦୁଶ୍ଚିନ୍ତା ରହିବ । କୌଣସି ସୁସମ୍ବାଦ ଲାଭ କରିବେ । ରୋଜଗାରର ପରିମାଣ ବଢ଼ିବ । ଶାରୀରିକ ଅସୁସ୍ଥତା ଅନୁଭବ ହେବ । ବନ୍ଧୁ ଦର୍ଶନର ସୂଚନା । ଭ୍ରମଣ ଯୋଗ ରହିଛି ।



**ମକର:** ବନ୍ଧୁ ସହଯୋଗ ଲାଭ କରି ନିଜର କୃତକର୍ମର ଜୟଯୁକ୍ତ ଲାଭ କରିବେ । ବନ୍ଧୁ ମିଳନ ତଥା ବନ୍ଧୁ ମତାନ୍ତର ସୂଚନା । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଲାଭ ହେବ ।



**କୁମ୍ଭ:** କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ । ଦୃଢ଼ ମନୋବଳ ଓ ସ୍ୱାଧିନ ଚେତ ପ୍ରବୃତ୍ତି କର୍ମ ପ୍ରାପ୍ତିର ଆଶଙ୍କା ଦୃଢ଼ କରିବ । ଆୟରେ ଅଗ୍ରଗତି ହେବ । ଘରେ ଶାନ୍ତି ଲାଭ । ଲୋକପ୍ରିୟତା ହାସଲ ହେବ ।



**ମୀନ:** ସମ୍ମାନ ଉପରେ ଆଞ୍ଚ ଆସିପାରେ । ଅଧିକ ପରିଶ୍ରମୀ ହେବେ । କର୍ମକ୍ଷେତ୍ରରେ ଆଧିପତ୍ୟର ବିସ୍ତାର ବିପଦ ସୃଷ୍ଟି କରିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । କୁଟୁମ୍ବେ କଳହ ଯୋଗ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୬।୧।୨୦୨୫, ମାଘ ଦି୩ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୬।୨୪।୪୩** **ଚନ୍ଦ୍ରୋଦୟ- ରାଘ ୭।୪୮।୦୬**

**ତୃତୀୟା-** ରାଘ ୪।୦୬ ପର୍ଯ୍ୟନ୍ତ । **ଅଶ୍ଳେଷା ନକ୍ଷତ୍ର ଓ କର୍କଟ ଚନ୍ଦ୍ର-** ଦିଘ ୧୧।୧୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । ଦିଘ ୧୧।୧୮ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଦିଘ ୧୧।୧୮ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୪।୦୬ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୫୫ ମଧ୍ୟେ । ଦିଘ ୧୦।୫୧ ଗତେ ଘ ୧।୦୨ ମଧ୍ୟେ ।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

# ୬ ବର୍ଷରେ ସୁନା ୪୬ ପ୍ରତିଶତ ବୃଦ୍ଧି

ସୁନା ଗହଣାର ଲୋଭ ସମସ୍ତଙ୍କର ରହିଛି । ବିଶେଷ କରି ମହିଳାମାନେ ଅଳଙ୍କାର ଆକାରରେ ସୁନା କିଣିବାକୁ ଅଧିକ ପସନ୍ଦ କରନ୍ତି । ବିବାହ ବେଳେ ମଧ୍ୟ ସୁନା ଗହଣା ଉପହାର ଦେବାର ପରମ୍ପରା ରହିଛି । ତେବେ ସୁନାକୁ କେବଳ ସାଧାରଣ ଲୋକମାନେ ନୁହେଁ, ଭାରତୀୟ ରିଜର୍ଭ ବ୍ୟାଙ୍କ ବି ବହୁତ ପସନ୍ଦ କରୁଛି । ସେଥିପାଇଁ ଏହା ଚଳିତ ବର୍ଷରେ ୧୩.୩ ଟନ୍ ସୁନା କିଣି ଏହାର ଭଣ୍ଡାର ଭର୍ତ୍ତି କରିଛି । ସୁନା ମୂଲ୍ୟ ଏବେ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ରହିଛି । ସ୍ଥାନୀୟ ବଜାରରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୭୩ ହଜାର ଟଙ୍କା ସ୍ତର ଅତିକ୍ରମ କରିଛି । ଅନ୍ତର୍ଜାତିକ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ୨୪୦୦ ଡଲାରରୁ ଅଧିକ ରହିଛି । ଏଭଳି ଏକ ସମୟରେ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରେ ଅଧିକ ସୁନା ଭର୍ତ୍ତି କରି ମୁଦ୍ରା ଭଣ୍ଡାରକୁ ଆହୁରି ସଶକ୍ତ କରିବା ଦିଗରେ କାମ କରୁଛି । ବୈଦେଶିକ ମୁଦ୍ରା ଭଣ୍ଡାରରେ ବିବିଧତା ଆଣିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ସୁନାର ଏକ ସ୍ୱତନ୍ତ୍ର ଭଣ୍ଡାର ରଖିଛି । ବିଶେଷ କରି ଆମେରିକୀୟ ଡଲାରରେ ଅସ୍ଥିରତା ଭଳି ଅଭାବନୀୟ ସମୟର ମୁକାବିଲା କରିବାରେ ସେହି ସୁନା କାମରେ ଆସିବ । ଭାରତୀୟ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ଚଳିତ ୫ ମାସରେ ରେକର୍ଡ ୬୪,୪୮୦ କୋଟି ଡଲାରକୁ ବୃଦ୍ଧି ପାଇଥିଲା । ୨୦୨୩ରେ ରିଜର୍ଭ ବ୍ୟାଙ୍କ ବର୍ଷ ସାରାରେ ଯେତିକି ସୁନା କିଣିଥିଲା, ତାହାର ୮୦ ପ୍ରତିଶତ ସୁନାକୁ ଏହା ଚଳିତ ବର୍ଷରେ କିଣିଛି । କିଛି ଦିନ ପୂର୍ବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ ଆମେ ବିଭିନ୍ନ ବିଷୟ ବିଚାରକୁ ନେଇ ବୈଦେଶିକ ମୁଦ୍ରା ଭଣ୍ଡାରକୁ ବଢ଼ାଇବା ନିଷ୍ପତ୍ତି ଗ୍ରହଣ କରୁଛୁ । ଭଣ୍ଡାରରେ ବିବିଧତା ଆଣିବା ଲାଗି ୨୦୧୭ ଡିସେମ୍ବର ପରଠାରୁ ରିଜର୍ଭ ବ୍ୟାଙ୍କ ବ୍ୟାପକ ସୁନା କିଣୁଛି । ୨୦୧୭ ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ପାଖରେ ୧୭.୯୪ ନିୟୁତ ଟ୍ରୟ ଆଉନ୍ସ ସୁନା ଥିଲା । ୨୦୨୪ ତାହା ୨୬.୨୬ ନିୟୁତ ଟ୍ରୟ ଆଉନ୍ସକୁ ବୃଦ୍ଧି ପାଇଛି । ଗତ ୬ ବର୍ଷ ଭିତରେ ରିଜର୍ଭ ବ୍ୟାଙ୍କର ସୁନା ଭଣ୍ଡାରରେ ୪୬ ପ୍ରତିଶତ ବୃଦ୍ଧି ଘଟିଛି । କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ନୁହେଁ ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ରହିଛି ।

# ଗାନ୍ଧାରୀଙ୍କ ଅଭିଶାପ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

"ହେ ଯଦୁପତି ! ଆପଣ ଚାହିଁଥିଲେ ମହାଭାରତ ମହାସମର ରୋକାଯିବାସହ ଆଜି ବିଶାଳ ବସୁନ୍ଧରା ଯୋଦ୍ଧା ଶୂନ୍ୟ ହୋଇନଥାନ୍ତା । ମୋର ଶତପୁତ୍ର ବି ମରି ନଥାନ୍ତେ । ଆଜି ମୁଁ ପୁତ୍ର ଶୂନ୍ୟ । ବିଶାଳ କୌରବକୁଳର ମୃତକମାନଙ୍କୁ ପିଣ୍ଡଦାନ କରିବାକୁ କେହି ନାହାନ୍ତି । ମୁଁ ଶୋକାତୁରା ଗାନ୍ଧାରୀ ଆପଣଙ୍କୁ ଅଭିଶାପ ଦେଉଛି କୁରୁବଂଶ ଭଳି ଆପଣଙ୍କର ଯଦୁବଂଶକୁ ସେହିଭଳି ଦଶା ଭୋଗିବାକୁ ପଡୁ ।" ଗାନ୍ଧାରୀଙ୍କ ଅଭିଶାପ ଶୁଣି ପ୍ରଭୁଙ୍କ ରଙ୍ଗାଧରରେ କ୍ଷୀଣ ହସର ରେଖାଟିଏ ଝଲସି ଉଠିଲା । ଆଉ ସେହି ଅଭିଶାପକୁ ସାଦରେ ଗ୍ରହଣ କରି କହିଥିଲେ, "ହଁ ମାତା ! ତାହା ହିଁ ହେବ ।" ଗାନ୍ଧାରୀଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଏପରି କଠୋର ଅଭିଶାପରେ ଚକିତ ହୋଇଗଲେ ଉପସ୍ଥିତ ଥିବା ସମଗ୍ର ପାଣ୍ଡବକୁଳ । ସେଭଳି ଅଭିଶାପକୁ ଫେରାଇ ନେବା ନିମନ୍ତେ ସେମାନେ କରିଥିଲେ ଆକୁଳ ନିବେଦନ । ମାତ୍ର ନିରବ ରହିଥିଲେ ଗାନ୍ଧାରୀ । ସେ ଜାଣିନଥିଲେ ଯେ ଯାହାଙ୍କୁ ସେ ଏପରି ଅଭିଶାପ ଦେଉଛନ୍ତି, ସେ କିଏ ଏବଂ ଯାହାଙ୍କ ପ୍ରତି ଅଭିଶାପର ଲେଶ ମାତ୍ର ପ୍ରଭାବ ମଧ୍ୟ ପଡ଼ିପାରେ ନାହିଁ । ତେଣୁ ତାଙ୍କଠାରୁ ଆଉ କିଭଳି ବା ଉତ୍ତର ଆଶା କରାଯାଉଥିଲା ? ଅପର ପକ୍ଷରେ ପାଣ୍ଡବ କୁଳବଧୂ ଅଯୋନୀସମ୍ଭୂତା କୃଷ୍ଣାଙ୍କର ଅଟ୍ଟହାସରେ ଥରି ଉଠିଥିଲା ସମଗ୍ର ହସ୍ତିନାପୁର । ଦୂରରୁ ଦୂରକୁ ତାହା ପ୍ରତିଧ୍ୱନିତ ହେବାପରେ ଚମକି ଉଠିଥିଲେ ସମଗ୍ର ନଗରବାସୀ । ମହାଶକ୍ତି କୃଷ୍ଣାଙ୍କର ଅଟ୍ଟହାସର ଯଥାର୍ଥତା କ'ଣ ଥିଲା ତାହା କଳନା କରିପାରି ନଥିଲେ ଗାନ୍ଧାରୀ ବା ଧୃତରାଷ୍ଟ୍ର ଓ ବଞ୍ଚି ରହିଯାଇଥିବା କୌରବକୁଳ ସମର୍ଥକ ।

ମହାଭାରତରେ ଗାନ୍ଧାରୀ ଥିଲେ ଗାନ୍ଧାର ରାଜ୍ୟର ଦୁହିତା । କୁରୁକୁଳ ସମ୍ରାଟ ଅନ୍ଧ ଧୃତରାଷ୍ଟ୍ରଙ୍କ ପଟ୍ଟମହିଷୀ ତଥା କୌରବକୁଳ ସମ୍ଭୂତ ଦୁର୍ଯ୍ୟୋଧନ ସମେତ ଶତପୁତ୍ରଙ୍କର ଜନନୀ । ଅନ୍ଧ ଧୃତରାଷ୍ଟ୍ରଙ୍କ ସହିତ ବିବାହ ପରେ ସେ ମଧ୍ୟ ନିଜ ଦୃଷ୍ଟିଶକ୍ତିକୁ ଘୋଡ଼ାଇ ରଖିବା ପାଇଁ ଆଖିରେ ପୁଟୁଳି ବାନ୍ଧୁଥିଲେ । ରାଜ ଦରବାରରେ ସ୍ୱାମୀ ଧୃତରାଷ୍ଟ୍ରଙ୍କ ପାଖେ ପାଖେ ରହିଥିଲେ ମଧ୍ୟ ପୁତ୍ର ଯୁବରାଜ ଦୁର୍ଯ୍ୟୋଧନର ସମସ୍ତ ନିଷ୍ପତ୍ତିକୁ ସେ ସମର୍ଥନ ଦେଉଥିଲେ । ମିଥ୍ୟା, ଅନ୍ୟାୟ ଓ ଅଧର୍ମର ପ୍ରତୀକ ଥିଲେ ଦୁର୍ଯ୍ୟୋଧନ ସହିତ ତାହାର ଅନ୍ୟ ଭାଇମାନେ । ସେମାନଙ୍କ କାର୍ଯ୍ୟସବୁର ସେ ଥିଲେ ନୀରବ ସମର୍ଥିକା । ପୁତ୍ରମାନଙ୍କ ପ୍ରତି ତାଙ୍କର ଥିଲା ଅହେତୁକ ସ୍ନେହ । ସେ ଥିଲେ ବିଦୁଷୀ, ଗାନ୍ଧାର ରାଜା ସୁବଳଙ୍କର ଝିଅ, ସେହି ରାଜ୍ୟର ରାଜଦୁହିତା ହେତୁ ଗାନ୍ଧାରୀ ନାମରେ ଥିଲେ ସେ ପରିଚିତା । ତାଙ୍କର ଅନ୍ୟ ନାମ ଥିଲା ସୌବଲେୟୀ, ସୌବାଲୀ, ସୁବଲଜା, ସୁବଳ ପୁତ୍ରୀ, ସୁବଲାତ୍ମଜା ଓ ତାଙ୍କର ଭାଇ ଥିଲେ ସମସ୍ତ ଅନର୍ଥର କାରଣ ମହାଭାରତର ପ୍ରସିଦ୍ଧ ଶକୁନୀ । ତାଙ୍କୁ କୁରୁ ରାଜକୁଳର ଜ୍ୟେଷ୍ଠପୁତ୍ର ତଥା ହସ୍ତିନା ନରେଶ ଧୃତରାଷ୍ଟ୍ରଙ୍କୁ ବିବାହ କରାଇଥିଲେ ଉଭୟ କୁରୁ ଓ ପାଣ୍ଡବକୁଳର ପିତାମହ ରୂପେ ପରିଚିତ ଭୀଷ୍ମ । ଜଣେ ଅନ୍ଧକୁ ବିବାହ କରୁଥିବାର କଥା ସେ ଆଗରୁ ଜାଣିନଥିଲେ । କେତେକ ଗବେଷକ ସେଥିପାଇଁ ଭୀଷ୍ମଙ୍କୁ ଦୋଷୀ କରିଥାନ୍ତି । ଏପରି ଅପମାନର ପ୍ରତିଶୋଧ ପାଇଁ କୌରବ ରାଜକୁଳକୁ ଭୀଷ୍ମ ଧ୍ୱଂସ କରିଥିବାର କାରଣ ରହିଛି ବୋଲି ମଧ୍ୟ ମତ ଦେଇଥାନ୍ତି ।

ବିବାହ ପରେ ଗାନ୍ଧାରୀଙ୍କର ପତିବ୍ରତାରେ ସନ୍ତୁଷ୍ଟ ହୋଇ ମହର୍ଷି ବେଦବ୍ୟାସ ତାଙ୍କୁ ଶତପୁତ୍ରର ମାତା ହେବା ନିମନ୍ତେ ଆଶୀର୍ବାଦ ଦେଇଥିଲେ । ସେ ଅନ୍ତସତ୍ତ୍ୱା ହେବାପରେ ତାଙ୍କ ଗର୍ଭର ପିଲା ବହୁଦିନ ପର୍ଯ୍ୟନ୍ତ ଜନ୍ମ ନନେଇ ସେହିପରି ମାତୃଗର୍ଭରେ ରହିଥିଲା । ଗାନ୍ଧାରୀ ପରେ ଶୁଣିପାରିଲେ ଯେ ଧୃତରାଷ୍ଟ୍ରଙ୍କ ସାନଭାଇ ପାଣ୍ଡୁଙ୍କ ସ୍ତ୍ରୀ କୁନ୍ତୀ ତିନି ଓ ମାଦ୍ରୀ ଦୁଇ ଏହିପରି ପାଞ୍ଚଜଣ ପୁତ୍ରଙ୍କୁ ଜନ୍ମ ଦେଇଛନ୍ତି । ପୁଣି ଅନ୍ୟ ତଥ୍ୟ ଅଛି ଯେ ଗାନ୍ଧାରୀଙ୍କ ଗର୍ଭରୁ ଏକ ଧୂସର ରଙ୍ଗର ମାଂସ ପିଣ୍ଡୁଳା ବାହାରିବା ପରେ ମହର୍ଷି ବେଦବ୍ୟାସ ତାକୁ ନେଇ ଗୋଟାଏ ସୁଶୀତଳ ଜଳପୂର୍ଣ୍ଣ ମାଟିପାତ୍ରରେ ୧୦୧ ଭାଗ କରି ରଖିଥିଲେ ଓ ସେହି ପ୍ରତ୍ୟେକ ଖଣ୍ଡମାନଙ୍କରୁ ଜଣେ ଜଣେ ପିଲା ଜନ୍ମ ନେଇଥିଲେ । ପ୍ରଥମେ ଦୁର୍ଯ୍ୟୋଧନ ଜନ୍ମନେବା ପରେ ଅନ୍ୟ ୯୯ ପୁତ୍ର ଓ ଶେଷରେ ଆସିଥିଲେ କନ୍ୟାରତ୍ନ ଦୁଃଶିଳା । ଦୁର୍ଯ୍ୟୋଧନ ଜନ୍ମ ନେବାପରେ ବହୁ ଅଶୁଭ ଲକ୍ଷଣମାନ ହସ୍ତିନା ରାଜ୍ୟରେ ଦେଖାଗଲା । ଏଥିରେ ବ୍ୟାସଦେବ, ଭୀଷ୍ମ ଓ ବିଦୁର ବଡ଼ ବିବ୍ରତ ହୋଇପଡ଼ିଥିଲେ । ସେହି ପିଲାଟିକୁ ପ୍ରଥମରୁ ମାରିଦେବା ନିମନ୍ତେ ସେମାନେ ନିଷ୍ପତ୍ତି ନେଇଥିଲେ । ମାତ୍ର ଧୃତରାଷ୍ଟ୍ର ଓ ଗାନ୍ଧାରୀ ସେଭଳି ନିଷ୍ପତ୍ତିରେ ହସ୍ତକ୍ଷେପ କରି ସେଥିରୁ ଓହରି ଯିବାକୁ ଅନୁରୋଧ କରିଥିଲେ । ଅନ୍ୟ ଗବେଷକମାନଙ୍କ ମତରେ ଗାନ୍ଧାରୀ ଏକାକୀ ଶତପୁତ୍ର ଜନ୍ମ ଦେଇନଥିଲେ । ମାତ୍ର ରାଜକୁଳର ଅନ୍ୟ ରାଣୀ ବା ଦାସୀପୁତ୍ର ଯେଉଁମାନେ କି ଦୁର୍ଯ୍ୟୋଧନ ପରି ଖଳ ପ୍ରକୃତିର ଥିଲେ ସେମାନଙ୍କୁ ନିଜର ପୁତ୍ରଭାବେ ଗ୍ରହଣ କରିନେଇଥିଲେ ଓ ଏହିଭଳି ସେମାନଙ୍କର ସଂଖ୍ୟା ହୋଇଗଲା ଏକଶତ । ସେହିଭଳି ଚରିତ୍ରର ଝିଅଟି ମଧ୍ୟ ଦୁଃଶିଳା ନାମରେ ପରିଚିତ ହୋଇପାରିଥିଲେ । ଧୃତରାଷ୍ଟ୍ର ତ ସହଜେ ଅନ୍ଧ ଥିଲେ । ମାତ୍ର ଗାନ୍ଧାରୀ ପୁତ୍ରମାନଙ୍କର ସମସ୍ତ ପ୍ରକାର କୁକର୍ମମାନ ନଦେଖିବା ନିମନ୍ତେ ଆଖିରେ ପଟି ବାନ୍ଧୁଥିଲେ । ତେବେ ଆଖିରେ ନ ଦେଖିଲେ ବି କାନରେ ତ ଶୁଣୁଥିଲେ ? ଗାନ୍ଧାରୀଙ୍କ ବିବାହ ପାଇଁ ଭୀଷ୍ମଙ୍କୁ ଏଥିପାଇଁ ଗାନ୍ଧାର ରାଜକୁଳ ପକ୍ଷରୁ ଦାୟୀ କରାଯାଇଥିଲା ଓ ସେପରି ଅନୈତିକ କାର୍ଯ୍ୟ ନିମନ୍ତେ ତାଙ୍କୁ ଭର୍ତ୍ସିତ ମଧ୍ୟ କରାଯାଇଥିଲା । ଏଥିରେ ଅତ୍ୟନ୍ତ କ୍ଷୁବ୍ଧ ହୋଇ ଭୀଷ୍ମ ସେହି ରାଜବଂଶର ପୁରୁଷ ଓ ନାରୀମାନଙ୍କୁ ବନ୍ଦୀ କରି ଏକ ପାଷାଣ ତିଆରି ଘରେ ମୃତ୍ୟୁ ହେବା ପର୍ଯ୍ୟନ୍ତ ରଖିଥିଲେ ଓ ସେମାନଙ୍କ ମଧ୍ୟରୁ କେବଳ ଶକୁନୀ ବଞ୍ଚି ଯାଇଥିଲେ ଯିଏ କି ସମସ୍ତ କୁରୁବଂଶ ଧ୍ୱଂସ କରିଦେବାକୁ ନେଇଥିଲେ ବଜ୍ର ଶପଥ । ତେଣୁ ସେ ହସ୍ତୀନାପୁରରେ ଆସି ରହିବା ପରେ କୌରବ ଓ ପାଣ୍ଡବ ରାଜକୁଳ ମଧ୍ୟରେ ବିଭେଦତା ଆରମ୍ଭ ହୋଇଥିଲା । ଗାନ୍ଧାରୀଙ୍କର ପ୍ରଚ୍ଛନ୍ନ ସମର୍ଥନ ଏହା ସହ ଥିବାର ଅନ୍ୟ ଏକ ଯୁକ୍ତି ରହିଛି । ଯଦି ଭୀଷ୍ମ ଏପରି ଘୃଣିତ କାର୍ଯ୍ୟ ସହିତ ଜଡ଼ିତ ଥିଲେ ତେବେ ସମଗ୍ର କୌରବକୁଳ ଏଥିପାଇଁ ଦାୟୀ କାହିଁକି ରହିବେ ? ନିଜ ପିଲାମାନଙ୍କର ଦୁଷ୍କର୍ମରୁ ସମସ୍ତ କୁରୁବଂଶକୁ ଧ୍ୱଂସ କରିଦେବା ପାଇଁ ଗାନ୍ଧାରୀ କ'ଣ ଚାହୁଁଥିଲେ ? ନିଜ ପରିବାର ଗଢ଼ିବାପରେ ଜଣେ ଜନନୀ ପକ୍ଷରେ ଏହା ସମ୍ଭବ ହୋଇପାରେ କି ? ତେବେ ସେତେବେଳର ପରିସ୍ଥିତି କ'ଣ ଥିଲା ତାହାର ସ୍ୱଚ୍ଛ ଚିତ୍ରକୁ ନେଇ ଆଲୋଚନାର ଆବଶ୍ୟକତା ଅଛି ।

ଗାନ୍ଧାରୀ ଅନ୍ଧପୁଟୁଳି ଖୋଲି ଜ୍ୟେଷ୍ଠପୁତ୍ର ଦୁର୍ଯ୍ୟୋଧନକୁ ପ୍ରଥମେ ଦେଖିବାକୁ ଚାହିଁଥିଲେ । କାରଣ ଥିଲା ତାଙ୍କ ଚକ୍ଷୁରୁ ବାହାରୁଥିବା ଜ୍ୟୋତିରେ ଦୁର୍ଯ୍ୟୋଧନର ସମସ୍ତ ଶରୀରକୁ ବଜ୍ର ଭଳି ଶକ୍ତ କରିଦେବା । ଯାହାଫଳରେ ତାହାର ଦେହରେ କୌଣସି ଅସ୍ତ୍ର ଗଳିଯିବ ନାହିଁ ଓ ସେ ଅଜୟ ହୋଇ ରହିଯିବ । ସେଥିପାଇଁ ଦୁର୍ଯ୍ୟୋଧନ ଗଙ୍ଗା ସ୍ନାନ ସାରି ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ସମ୍ମୁଖକୁ ଆସିବାକୁ ଥିଲା ତାଙ୍କର ନିର୍ଦ୍ଦେଶ । ଗଙ୍ଗା ସ୍ନାନ ସାରି ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ପାଦରେ ଚାଲିଚାଲି ଆସୁଥିବାବେଳେ ହଠାତ୍ ଭଗବାନ୍ ଶ୍ରୀକୃଷ୍ଣ ତାହାଙ୍କୁ ଦେଖି ଏପରି ଅବସ୍ଥାରେ ମାତୃଦେବୀଙ୍କ ସମ୍ମୁଖକୁ ଯିବା ନିମନ୍ତେ ବାରଣ କରିଥିଲେ । ଶ୍ରୀକୃଷ୍ଣଙ୍କ ଉପଦେଶରେ ଦେହର ଗୁପ୍ତାଙ୍ଗକୁ ଘୋଡ଼ାଇବା ପାଇଁ ଅଣ୍ଟାଠାରୁ ଗୋଟାଏ କଦଳୀ ପତ୍ରକୁ ବାନ୍ଧି ସେ ମାତାଙ୍କ ସମ୍ମୁଖରେ ପହଞ୍ଚିଥିଲେ । ଗାନ୍ଧାରୀ ପୁଟୁଳି ଖୋଲିଦେଇ ଚାହିଁବାରୁ ଚକ୍ଷୁଦ୍ୱୟର ତେଜରେ ତାହାଙ୍କ ଦେହର ସବୁ ଅଂଶ ବଜ୍ରଭଳି ଦୃଢ଼ ହୋଇଗଲେ ମଧ୍ୟ କଦଳୀପତ୍ର ବନ୍ଧା ଥିବା ଅଂଶରେ କୌଣସି ପ୍ରଭାବ ପଡ଼ିପାରିଲା ନାହିଁ । ପରବର୍ତ୍ତୀ କାଳରେ ଦ୍ୱିତୀୟ ପାଣ୍ଡବ ଭୀମଙ୍କର ଶକ୍ତ ଗଦାଘାତରେ ତାଙ୍କର ଜାନୁଭଗ୍ନ ହେବାରୁ ସେ ମୃତ୍ୟୁମୁଖରେ ପଡ଼ିଥିଲେ । ଏହା କେବଳ ଥିଲା ସମ୍ପୂର୍ଣ୍ଣ ବିଷ୍ଣୁ ମାୟା । ଦୁର୍ଯ୍ୟୋଧନ ଭଳି ଜଣେ ଅତ୍ୟାଚାରୀ ଶାସକକୁ ବଜ୍ର ଭଳି ଶକ୍ତି ନେଇ ବଞ୍ଚି ରହିବାକୁ ଗାନ୍ଧାରୀ ଚାହୁଁଥିଲେ । ସେହି ଦୁର୍ଯ୍ୟୋଧନ ମହାଭାରତ ଯୁଦ୍ଧ ଆରମ୍ଭରେ ତାଙ୍କଠାରୁ ଆଶୀର୍ବାଦ ନେବାପାଇଁ ଗଲାବେଳେ ସେ କହିଥିଲେ "ଧର୍ମର ହେଉ ଜୟ" । କୁରୁସଭାରେ ଦ୍ରୌପଦୀଙ୍କୁ ବିବସନା କଲାବେଳେ ସେ ତ ରାଜ ଦରବାରରେ ସମ୍ରାଟ ଧୃତରାଷ୍ଟ୍ରଙ୍କ ପାଖରେ ଉପସ୍ଥିତ ଥିଲେ । ମାତ୍ର ନିଜର ପୁତ୍ରମାନଙ୍କୁ ସେଥିରୁ କାହିଁକି ନିବୃତ୍ତ କରିପାରି ନଥିଲେ ? ସେ ଚାହିଁଥିଲେ ଦ୍ରୌପଦୀଙ୍କୁ ଆଦୌ କୁରୁସଭାକୁ ଆସିବାକୁ ପଡ଼ିନଥାନ୍ତା । ମାତ୍ର ଗାନ୍ଧାରୀଙ୍କ ପକ୍ଷରେ ତାହା ସମ୍ଭବ ହୋଇନଥିଲା । ନିଜର ଭାଇ ଶକୁନୀ ଏହିସବୁ ଦୁଷ୍କର୍ମ କରିବାକୁ ଦୁର୍ଯ୍ୟୋଧନ ସମେତ ଅନ୍ୟ ଭାଇମାନଙ୍କୁ ଉତ୍ସାହିତ କରୁଥିବାବେଳେ ସେ ସେଥିରୁ ତାଙ୍କୁ ବିରତ ବି କରାଇନଥିଲେ । ଶତପୁତ୍ରର ଜନନୀ ତଥା କୌରବକୁଳର ପଟ୍ଟମହିଷୀ ହେଲେ ମଧ୍ୟ କୁରୁକୁଳର ଧ୍ୱଂସ ନିମନ୍ତେ ଭାଇ ଶକୁନୀ ସହିତ ତାଙ୍କର କ'ଣ ଥିଲା ନୀରବ ସମର୍ଥନ ? ଅବଶ୍ୟ ବେଦବ୍ୟାସଙ୍କ ରଚିତ ମୂଳ ମହାଭାରତରେ ଏପରି ଗଳ୍ପ ନାହିଁ ।

ଦ୍ୱିତୀୟ ପାଣ୍ଡବ ଭୀମଙ୍କଦ୍ୱାରା କୌରବକୁଳର ଦୁର୍ଯ୍ୟୋଧନ ସମେତ ଶତପୁତ୍ର ମରିଯିବା ପରେ ଗାନ୍ଧାରୀ କ୍ରୋଧାନ୍ୱିତା ହୋଇ ସମସ୍ତ ଅଘଟଣ ପାଇଁ ଶ୍ରୀକୃଷ୍ଣଙ୍କୁ ଦାୟୀ କରି ଅଭିଶାପ ଦେଇଥିଲେ ଯାହାକି ପ୍ରଥମରୁ ଆଲୋଚନା ହୋଇଯାଇଛି ।

ଭଗବାନ୍ ଶ୍ରୀକୃଷ୍ଣ ମଧ୍ୟ ସେପରି ଅଭିଶାପକୁ ସାଦରେ ଗ୍ରହଣ କରିନେଇଥିଲେ । କାରଣ ସେ ଥିଲେ ସତ୍ୟ, ନ୍ୟାୟ ଓ ଧର୍ମର ପ୍ରତୀକ । ତାଙ୍କ ପ୍ରତି ଦିଆଯାଇଥିବା ଅଭିଶାପର କୌଣସି ଅର୍ଥ ନଥିଲା । ମାତ୍ର କୌରବବଂଶ ଭଳି ଅସତ୍ୟ, ଅଧର୍ମ, ଅନ୍ୟାୟ ପ୍ରବୃତ୍ତିକୁ ଯେଉଁମାନେ ଆବୋରି ନେଇଥାନ୍ତି ସେମାନଙ୍କୁ ସେହିଭଳି ଦଣ୍ଡ ତ ଭୋଗିବାକୁ ନିଶ୍ଚିତ ପଡ଼ିବ । ମହାଭାରତ ମହାସମର ଶେଷ ହେବାପରେ ଶ୍ରୀକୃଷ୍ଣଙ୍କ ଯାଦବକୁଳ ମଧ୍ୟ ସେହିଭଳି ଚରିତ୍ରସବୁକୁ ଆପଣେଇ ନେଇଥିଲେ । ଯାହାର ପରିଣାମ ହେଲା ଯଦୁବଂଶ ଧ୍ୱଂସ । ଅଥଳ ସାଗର ତଳେ ଲୁଚିଗଲା ହେମମୟ ପୁର ଦ୍ୱାରକା । ଆଉ ରହିଗଲା ପ୍ରଭୁଙ୍କର ଦିବ୍ୟ ନିବାସ । ସୃଷ୍ଟିରେ ଉଭୟ ଚରିତ୍ରର ସ୍ରଷ୍ଟା ହେଉଛନ୍ତି ନିଜେ ପ୍ରଭୁ । ସେହିସବୁକୁ ନେଇ ତାଙ୍କର ନିତ୍ୟ ଲୀଳା ଚାଲିଛି । ଅଯୋନୀସମ୍ଭୂତା ଯୋଗମାୟା କୃଷ୍ଣା ହେଉଛନ୍ତି ତାଙ୍କର ମହାଶକ୍ତି । ପ୍ରଭୁଙ୍କ ଇଚ୍ଛାକୁ ସେ କେବଳ ରୂପାୟିତ କରିଥାନ୍ତି । ତାଙ୍କ ବିନା ଲୀଳା ବିସ୍ତାରିତ ହୁଏନାହିଁ । ସେଥିପାଇଁ ଗାନ୍ଧାରୀଙ୍କ ଅଭିଶାପ ଶୁଣି ଅଟ୍ଟହାସ କରିଥିଲେ ସେ । ସେପରି ଅଟ୍ଟହାସର ମାର୍ମିକ ଅର୍ଥ ବୁଝିବାକୁ ଗାନ୍ଧାରୀ ଓ ଧୃତରାଷ୍ଟ୍ର ଥିଲେ ବହୁ ଦୂରରେ ।

ଶେଷରେ ଧୃତରାଷ୍ଟ୍ର, ଗାନ୍ଧାରୀ, କୁନ୍ତୀ ଓ ବିଦୁର ପ୍ରମୁଖ ହସ୍ତିନା ରାଜପ୍ରାସାଦ ଛାଡ଼ି ଅରଣ୍ୟକୁ ତପସ୍ୟା ପାଇଁ ଚାଲିଗଲେ ଓ ସେଠାରେ ଉପୁଜିଥିବା ବନାଗ୍ନିରେ ପୋଡ଼ି ହୋଇ ମରିଯାଇଥିଲେ । ଗାନ୍ଧାରୀଙ୍କ ଜୀବନ ଥିଲା ସର୍ବଦା ଯନ୍ତ୍ରଣାଦାୟକ । ଧୃତରାଷ୍ଟ୍ରଙ୍କୁ ବିବାହ ପରେ ସେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼ିଥିଲେ । ତାଙ୍କର ନିଜ ପରିବାର ବନ୍ଦୀ ହୋଇ ଜଣକ ପରେ ଜଣେ ମରିଥିଲେ । ଶତପୁତ୍ରର ଜନନୀ ହୋଇ ମଧ୍ୟ ତାଙ୍କରି ଆଗରେ ସମସ୍ତେ ପ୍ରାଣ ତ୍ୟାଗ କରିଥିଲେ । ତଥାପି ଗାନ୍ଧାରୀ ଧର୍ମର ଜୟ ହେବା ନିମନ୍ତେ ସର୍ବଦା କହିଆସୁଥିଲେ ।

ମାତା ଗାନ୍ଧାରୀଙ୍କ ସ୍ମୃତି ନିମନ୍ତେ ମହିଶୂର ରାଜ୍ୟର ନାନଜାନଗୁଡ଼ର ହେବୟା ଗ୍ରାମରେ ମନ୍ଦିର ନିର୍ମାଣ ଆରମ୍ଭ ହୋଇଛି ଯାହାର ଶୁଭ ତା. ୧୯.୦୬.୨୦୦୮ରେ ଦିଆସରିଛି । ସମ୍ପୂର୍ଣ୍ଣ ମନ୍ଦିର ନିର୍ମାଣ ହେବା ନିମନ୍ତେ ପ୍ରାୟ ୨.୫୦ କୋଟି ଟଙ୍କାର ଅଟକଳ ହୋଇଛି । ତାଙ୍କ ସ୍ମୃତି ନିମନ୍ତେ ଦେଶର ଅନ୍ୟତ୍ର କିଛି ରହିଥିବାର ଏପର୍ଯ୍ୟନ୍ତ ଦୃଷ୍ଟିକୁ ଆସିନାହିଁ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢ଼ି ଥୋକେ
ଭଗବାନ ହେଲେ
ରାମାୟଣ ପଢ଼ି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢ଼ିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢ଼ିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢ଼ି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢ଼ି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡ଼ି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢ଼ି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡ଼ି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)
(କ୍ରମଶଃ)

# ମର୍ଯ୍ୟାଦା ସମ୍ପନ୍ନ ପୁଷ୍ୟାଭିଷେକ (ରାମାଭିଷେକ)



କୁନ୍ତଳତା ତ୍ରିପାଠୀ
କଟକ,
ଫୋନ- ୮୩୩୯୦୫୧୧୭୩

ମୁଖ୍ୟ ଅଷ୍ଟାଦଶ ପୁରାଣ ମଧ୍ୟରେ ସ୍କନ୍ଦ ପୁରାଣ ବ୍ୟାସଦେବଙ୍କର ଏକ ଅନବଦ୍ୟ ସୃଷ୍ଟି ସମ୍ଭାର । ଏହି ପୁରାଣର ବୈଷ୍ଣବ ଖଣ୍ଡ ଅନ୍ତର୍ଗତ ଉତ୍କଳ ଖଣ୍ଡରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ସୁବିସ୍ତୃତ ବର୍ଣ୍ଣନା କରାଯାଇଛି । ଏଥିରେ ଦାରୁଦିଅଁଙ୍କର ପୁଷ୍ୟସ୍ନାନୋତ୍ସବ ସମ୍ବନ୍ଧରେ ସ୍ୱତନ୍ତ୍ର ଆଲେଖ୍ୟ ରହିଛି । ଯାତ୍ରା ଭାଗବତ, ବାମଦେବ ସଂହିତା, ପଦ୍ମ ପୁରାଣ, ନୀଳାଦ୍ରି ମହୋଦୟ ଇତ୍ୟାଦି ଗ୍ରନ୍ଥ ଓ ଅନ୍ୟାନ୍ୟ ପ୍ରଥା ଓ ପରମ୍ପରାର ଏ କ୍ଷେତ୍ର ଓ କ୍ଷେତ୍ରାଧୀଶ ମହିମାନ୍ୱିତ । ଅପୂର୍ବ ଅନନ୍ୟ ଭାବାବେଗକୁ ବହନକରି ଏ କ୍ଷେତ୍ର ସର୍ବାକର୍ଷଣର କେନ୍ଦ୍ରବିନ୍ଦୁ । ପୂତ ପୟୋନିଧି ମହୋଦଧି ଯାହାଙ୍କ ପଦ ଧୌତପୂର୍ବକ ନିଜକୁ କୃତ୍ୟକୃତ୍ୟ ମନେକରି ଆନନ୍ଦରେ ଉତଫେନିଳ ହେବା ସହିତ କୁଳୁ କୁଳୁ ନିନାଦିନୀ ହୋଇ ମସ୍ତକ ଲୋଟାଇ ଚରଣାଶ୍ରିତ ହେଉଥାଏ, ସେ କ୍ଷେତ୍ର ତ ଅବର୍ଣ୍ଣନୀୟ । ସେହି କ୍ଷେତ୍ରବରରେ ବିରାଜିତ କ୍ଷେତ୍ରାଧୀଶ ଏକର ଅନେକ ( ଚତୁର୍ଦ୍ଧା ମୂର୍ତ୍ତି), ଯାହାଙ୍କୁ ବେଦ ନେତି ନେତି ଅର୍ଥାତ ନ ଇତି ନ ଇତି ବୋଲି ବ୍ୟାଖ୍ୟା କରେ, ଚିନ୍ତା ଚେତନାର ଅଗମ୍ୟ ସେହି ବ୍ରହ୍ମାଣ୍ଡନାୟକଙ୍କୁ ବର୍ଣ୍ଣନା କରିବାକୁଯାଇ ଭାଷା, ବାଣୀ ନିଜକୁ ଅକ୍ଷମ ମଣନ୍ତି । ପ୍ରତି ପ୍ରକାଶର ଯିଏ ପ୍ରକାଶକ, ଚନ୍ଦ୍ର ସୂର୍ଯ୍ୟ , ଅଗ୍ନି ଯାହାଙ୍କ ଛତ୍ର ଛାୟା ତଳେ ତ୍ରାହି ମାମ , ତ୍ରାହି ମାମ ବୋଲି ଆରତୀ ନିବେଦନ କରି ଆଶ୍ରିତ ହୁଅନ୍ତି , ଭକ୍ତିର ପରାକାଷ୍ଠାରେ ତାଙ୍କ ସାବଲୀଳ ତରଳ ଭାବରେ ଭିଜିଗଲେ ଅନ୍ତରରୁ ଅନ୍ତରୀକ୍ଷ ଦୃଶ୍ୟମାନ ହୁଅନ୍ତି ସେହି ଭାବଗ୍ରାହୀ । ତାଙ୍କ ଶରଣାଗତିରେ ଅମୃତତ୍ୱ ପ୍ରାପ୍ତ ହୁଏ । ତାଙ୍କ କୃପାକୈବଲ୍ୟରେ ବ୍ରହ୍ମାନୁଭୂତି ଲାଭ କରାଯାଏ । ରୁକବେଦରେ ବର୍ଣ୍ଣିତ ଏକ ଅଭିବ୍ୟକ୍ତି ଏଠାରେ ଉଦ୍ଧାର କରାଯାଇପାରେ-

'ଅଦୋ ଯଦ୍ଦାରୂ ପ୍ଲବତେ ସିନ୍ଧୋହ ପାରେ ଅପୁରୂଷମ ।
ତଦାରଭସ୍ୱ ଦୁର୍ହଣୋ ତେନ ଗଛ ପରସ୍ତରମ । ।
ଯତ୍ର ଦେବୋ ଜଗନ୍ନାଥଃ ପରପାରମ ମହୋଦଧେଃ ।
ବଳଭଦ୍ରହ୍ ସୁଭଦ୍ରା ଚ ତତ୍ର ମାମମୃତମ କୃଧୀ । ।

ବେଦ ବର୍ଣ୍ଣିତ ଏ ପାବନ କ୍ଷେତ୍ରରେ ଦିନେ ଯେଉଁଠି ( ଶ୍ରୀ ନୀଳସୁନ୍ଦର ପର୍ବତର ଅଗମ୍ୟ ଶୀର୍ଷ ଦେଶରେ) ପ୍ରଭୁ ସ୍ୱୟଂ ନାରାୟଣ ଅବଲୀଳାକ୍ରମେ ନୀଳ-କାନ୍ତମଣିମୟ ବିଗ୍ରହ ଶ୍ରୀନୀଳମାଧବ ରୂପେ ଆବିର୍ଭାବ ହୋଇ ଦେବତାମାନଙ୍କ ଦ୍ୱାରା ଅର୍ଚ୍ଚନା-ବନ୍ଦନା ଓ ସେବା ପୂଜା ଗ୍ରହଣ କରୁଥିଲେ, ଯିଏ ପୁଣି ଶବରରାଜ ବିଶ୍ୱାବସୁଙ୍କ ଭକ୍ତିରେ ପ୍ରୀତ ହୋଇ ତାଙ୍କ ଆରାଧ୍ୟ ପାଲଟି ତାଙ୍କୁ ସେବା ଦେବାର ସୁଯୋଗଟିଏ ପ୍ରଦାନ କରିଥିଲେ ସେହି ନୀଳମାଧବ ସ୍ୱର୍ଣ୍ଣ ବାଲୁକା ରାଶିରେ ନିଜକୁ ଅପ୍ରକାଶ୍ୟ କରିଦେଲେ । ସେହି ଇଚ୍ଛାମୟ ଇଚ୍ଛାକରି ସ୍ୱୟଂଭୁବ ମନୁଙ୍କ ପ୍ରଥମ ମନ୍ୱନ୍ତରରେ ଅର୍ଥାତ ଦ୍ୱିତୀୟ ସମ୍ବତ୍ସର ଆରମ୍ଭରେ ପୁଣି ଦାରୁବିଗ୍ରହ ଧାରଣ କରି ସେହି ଏକୈକ ଶକ୍ତି ଚତୁର୍ଦ୍ଧା ମୂର୍ତ୍ତିରୂପେ ଏହି କ୍ଷେତ୍ରରେ ବିରାଜିତ ହୋଇ ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ଅଚଳା ଭକ୍ତି ନିବେଦନକୁ ଗ୍ରହଣକରି ଲୋକାଭିମୁଖୀ ମାନବୀୟ ଲୀଳାରେ ପ୍ରବୃତ୍ତ ହେଲେ । ତ୍ରୟୋବିଂଶ ଅଧ୍ୟାୟର ୬୨ତମ ଶ୍ଳୋକରେ ଉଲ୍ଲେଖ ଅଛି – "ଭୋଗାନ ଭୋକ୍ତୁମ ତ୍ରିଲୋକସ୍ଥାନ ଦାରୁ ବର୍ଷ୍ମା ଜନାର୍ଦ୍ଦନହ । ଅନେକ ଜନ୍ମ ସାହସ୍ରଇ ଭକ୍ତି ଯୋଗେନ ଭାବିତହ" । ଅର୍ଥାତ ସତ୍ୟପୁରୁଷ ଜନାର୍ଦ୍ଦନ ବହୁ ସହସ୍ର ଜନ୍ମାର୍ଜିତ ଭକ୍ତମାନଙ୍କ ଭକ୍ତିରେ ଭାବିତ ହୋଇ ତ୍ରିଲୋକସ୍ଥିତ (ଭକ୍ତାର୍ପିତ) ସମସ୍ତ ଭୋଗ ଭୋଗିବା ପାଇଁ ଦାରୁବିଗ୍ରହ ଧାରଣ କରିଅଛନ୍ତି । ତ୍ରୟୋବିଂଶ ଅଧ୍ୟାୟର ୭୦ତମ ଶ୍ଳୋକରେ ପିତାମହ ବ୍ରହ୍ମଦେବ ଦେବତାମାନଙ୍କୁ କହିଛନ୍ତି ଯେ ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରତି ଅନୁଗ୍ରହ କରି ପ୍ରଭୁ ଦାରୁବ୍ରହ୍ମ ରୂପେ ପ୍ରକାଶିତ ହୋଇଛନ୍ତି ଏବଂ ୭୧ତମ ଶ୍ଳୋକରେ କହିଛନ୍ତି –" ଯା ଯାତ୍ରା ପ୍ରତିମା ତ୍ୱସ୍ୟ ସ୍ୱୟମେବ ବଦିଷ୍ୟତି ବରାନ ପ୍ରଦାସ୍ୟତି ବହୁନ ଭଗବାନ ଭକ୍ତବତ୍ସଳ" । ୭୧ । ଅର୍ଥାତ ପ୍ରତି ମାସର ଯେଉଁ ଯେଉଁ ଯାତ୍ରା ଉତ୍ସବମାନ ବିଧି ବିଧାନ ସହିତ ପାଳନ କରାଯିବ ପ୍ରଭୁ (ପ୍ରତିମା ) ସ୍ୱୟଂ ବ୍ୟକ୍ତ କରିବେ । ଆଉ ମଧ୍ୟ ଭକ୍ତ ବତ୍ସଳ ଭଗବାନ ବହୁ ବର ପ୍ରଦାନ କରିବେ ।

ଶ୍ରୀମନ୍ଦିର ପ୍ରତିଷ୍ଠା ଓ ରତ୍ନ ସିଂହାସନରେ ଚତୁର୍ଦ୍ଧାମୂର୍ତ୍ତି ବିରାଜିତ ହେବା ପରେ ଶ୍ରୀଜଗନ୍ନାଥ ଯେତେବେଳେ ଉଗ୍ର ନୃସିଂହ ରୂପ ଧାରଣ କରିଛନ୍ତି, ସେତେବେଳେ ଭୟଭୀତ ହୋଇପଡିଛନ୍ତି ସମସ୍ତେ । ପରମ ଭକ୍ତ ଇନ୍ଦ୍ରଦ୍ୟୁମ୍ନଙ୍କ ସ୍ତୁତିରେ ପ୍ରୀତ ହୋଇ ପ୍ରତିମା ତାଙ୍କୁ ବରଦାନ ସହିତ ବିଭିନ୍ନ ସେବା ନିର୍ଦ୍ଦେଶ ଦେଇଛନ୍ତି । ତନ୍ମଧ୍ୟରୁ ପୁଷ୍ୟସ୍ନାନ ମହୋତ୍ସବ ଅନ୍ୟତମ । ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ୩୧ ଅଧ୍ୟାୟରେ ସ୍ନାନଯାତ୍ରା ବିଧି କଥନ ଅବସରରେ ୪୫ ଓ ୪୬ତମ ଶ୍ଳୋକରେ ପ୍ରତିମାଙ୍କ ମୁଖରୁ ନିସୃତ ହୋଇଛି – " 'ମମୋତ୍ଥାନମ ମମ ସ୍ୱାପଂ ମତ୍ପାର୍ଶ୍ୱପରିବର୍ତ୍ତନମ" । 'ମାର୍ଗେ ପ୍ରାବରଣ ଚୈବ ପୁଷ୍ୟସ୍ନାନମହୋତ୍ସବମ । ଫଲ୍ଗୁନ୍ୟାମ କ୍ରିଡନମ କୁର୍ଯ୍ୟାଦୋଳାୟାମ ମମ ଭୂମିପ' । ଅର୍ଥାତ ମୋର ଶୟନ, ପାର୍ଶ୍ୱପରିବର୍ତ୍ତନ, ଉତ୍ଥାପନ ତଥା ମାର୍ଗଶୀର ମାସରେ ପ୍ରାବରଣ, ପୁଷ୍ୟାଭିଷେକ ଏବଂ ଫଲ୍ଗୁନ ମାସରେ ଦୋଳଯାତ୍ରା ପ୍ରଭୃତି ମହୋତ୍ସବ କରିବେ । ଏହି ମହୋତ୍ସବମାନ ପୌରାଣିକ ତଥ୍ୟ ସମ୍ବଳିତ ।

ସ୍କନ୍ଦ ପୁରାଣ ଅନୁସାରେ ଯେଉଁ ବର୍ଷ ପୌଷମାସ ପୂର୍ଣ୍ଣିମାରେ ପୁଷ୍ୟା ନକ୍ଷତ୍ର ଯୋଗ ହେବ, ସେହି ବର୍ଷ ପ୍ରଭୁଙ୍କର ପୁଷ୍ୟସ୍ନାନ ମହୋତ୍ସବ ଅନୁଷ୍ଠିତ ହୁଏ । ପରବର୍ତ୍ତୀକାଳରେ ପରମ୍ପରାକ୍ରମେ ପୁଷ୍ୟାଭିଷେକ ପ୍ରତିବର୍ଷ ପୌଷ ପୂର୍ଣ୍ଣିମାରେ ହିଁ ପାଳନ କରାଯାଉଛି । ସ୍କନ୍ଦ ପୁରାଣ , ଅନ୍ୟାନ୍ୟ ଶାସ୍ତ୍ର ପୁରାଣ ଆଧାରରେ ତଥା ପରମ୍ପରାକ୍ରମେ ପ୍ରଚଳିତ ପ୍ରଥା ତଥା ନାନା ବିଧି ବିଧାନ, ରୀତି ନୀତି ଅନୁସାରେ ଏହି ପାବନ ପୁଷ୍ୟସ୍ନାନମହୋତ୍ସବମ ଏକ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇ ଭକ୍ତମାନଙ୍କୁ ଅଶେଷ ଆଧ୍ୟାତ୍ମିକ ଆନନ୍ଦପ୍ରଦାନ କରିଥାଏ ।

ଜ୍ୟୋଷ୍ଠ ପୂର୍ଣ୍ଣିମାରେ ସ୍ୱୟଂ ଚତୁର୍ଦ୍ଧାବିଗ୍ରହଙ୍କର ମହାସ୍ନାନ ପ୍ରତ୍ୟକ୍ଷଭାବରେ ସମୁଦାୟ ୧୩୫ କୁମ୍ଭ ଜଳରେ ସ୍ନାନ ମଣ୍ଡପରେ ଅନୁଷ୍ଠିତ ହେଉଥିବା ବେଳେ, ପୌଷ ପୂର୍ଣ୍ଣିମାରେ ବିଗ୍ରହମାନଙ୍କର ଗର୍ଭ ଗୃହରେ ରତ୍ନ ସିଂହାସନ ଅର୍ଥାତ ମହାବେଦୀ ଯେଉଁଠି ପ୍ରଭୁ ସ୍ୱୟଂ ବିରାଜିତ ରହିଛନ୍ତି ସେଠାରେ ୧୦୮ କୁମ୍ଭ ଜଳରେ ଦର୍ପଣୀ ସ୍ନାନ କରାଯାଇଥାଏ । ଅନ୍ୟ ଭାବରେ ଏହାକୁ ପ୍ରତିବିମ୍ବ ସ୍ନାନ ବା ବିମ୍ବ ସ୍ନାନ ମଧ୍ୟ କୁହାଯାଏ । ଏଥିପାଇଁ ପୂର୍ବ ରାତ୍ରରୁ ଅର୍ଥାତ ଚତୁର୍ଦ୍ଦଶୀ ରାତ୍ରରୁ ଅଧିବାସ କର୍ମ କରାଯାଇଥାଏ । ଶ୍ରୀମନ୍ଦିରର ଯାତ୍ରା ଯୋଗାଣିଆ ( ପର୍ବ ଯୋଗାଣିଆ) ସେବକମାନଙ୍କ ଦ୍ୱାରା ୮୭ କୁମ୍ଭ ଜଳ ଓ ୨୧ କୁମ୍ଭ ଘୃତ ଅଣାଯାଇ ଭୋଗ ମଣ୍ଡପରେ ସମୁଦାୟ ୧୦୮ କୁମ୍ଭ ରଖାଯାଇଥାଏ । ଶ୍ରୀମନ୍ଦିରର ଦେଉଳ ପୁରୋହିତ ଏଥିରେ ଚେମେଣୀପତନୀ, ଚନ୍ଦନ ଓ ପୁଷ୍ପ ଇତ୍ୟାଦି ପକାଇ ଅଭିମନ୍ତ୍ରିତ କରିଥାନ୍ତି । ଏହାହିଁ ଜଳାଧିବାସ । ବଡସିଂହାର ବେଶ ଓ ଧୂପ ପରେ ପଞ୍ଚୋପୋଚାରରେ ଦର୍ପଣୀ ଅଧିବାସ ମଧ୍ୟ କରାଯାଏ । ମହାସ୍ନାନର ପ୍ରଥମ ପର୍ବ ହିଁ ପବିତ୍ର ଅଧିବାସ କର୍ମ । ଏହାପରେ ପରେ ରାତ୍ର ପହୁଡ ହୁଏ ପ୍ରଭୁଙ୍କର । ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରେ ମଙ୍ଗଳ ଆରତି ଇତ୍ୟାଦି ସକାଳ ଧୂପ ସମାପ୍ତ ହେବାପରେ ତଥା ଦେଉଳ ପୁରୋହିତଙ୍କ ଦ୍ୱାରା ହୋମ କାର୍ଯ୍ୟ ମଧ୍ୟ ସମାପନ କରାଯାଇଥିବା ପରେ ଶୁଦ୍ଧ ସୁଆର ସେବକମାନେ ଶ୍ରୀମନ୍ଦିର ରୋଷଘରୁ ଏକ ଲୌହ ଡଙ୍କି ଆଣି ସେଥିରେ ଘୃତକୁ ଗରମ କରି ଜଳ ଓ ଘୃତକୁ ମିଶ୍ରିତ କରାଇଥାଆନ୍ତି । ଗରାବଡୁ ସେବକମାନେ ଯେଉଁମାନଙ୍କର ଗୋଷ୍ଠୀଗତ ସେବାଥାଏ ସେମାନେ ଚାରି ଧାଡିରେ, ଚାରି ପଙ୍କ୍ତିରେ ଚାରିବାଡ଼ରେ ଜଳ ଛେକକୁ ଆଣି ରଖନ୍ତି । ତା ପରେ ପୌଷ୍ୟସ୍ନାନ (ପୁଷ୍ୟାଭିଷେକ) ଆରମ୍ଭ ହୁଏ । ବଡବାଡ଼ରେ ୨୫ କୁମ୍ଭ ଜଳ ଏବଂ ୬ କୁମ୍ଭ ଘୃତ, ସାନବାଡରେ ୨୫ କୁମ୍ଭ ଜଳ ଏବଂ ୬ କୁମ୍ଭ ଘୃତ, ମଝି ବାଡରେ ୨୫ କୁମ୍ଭ ଜଳ ଏବଂ ୬ କୁମ୍ଭ ଘୃତ ଓ ସୁଦର୍ଶନଙ୍କ ବାଡରେ ୧୨ କୁମ୍ଭ ଜଳ ଏବଂ ୩ କୁମ୍ଭ ଘୃତରେ ଗନ୍ଧ, ପୁଷ୍ପ, ଧୂପ ,ଦୀପ ଓ ନୈବେଦ୍ୟ ସହ ପଞ୍ଚୋପଚାରରେ ଅଧିବାସିତ ଦର୍ପଣରେ ପ୍ରତୀକାତ୍ମକ ସ୍ନାନ ବା ବିମ୍ବ ସ୍ନାନ କରାଯାଏ । ଏହି ସ୍ନାନକୁ ପୁଷ୍ୟାସ୍ନାନ କୁହାଯାଏ । ତାପରେ ମଇଲମ ହୁଏ ତଡପ ଲାଗି ହୁଏ । ପରେ ପରେ ପ୍ରଭୁଙ୍କର ସୁବର୍ଣ୍ଣ ବେଶ କରାଯାଏ । ସୁବର୍ଣ୍ଣର ହସ୍ତ ପୟର, କିରୀଟ ଓ ବିଭିନ୍ନ ମାଳୀ , ଚକ୍ର ଓ ରୌପ୍ୟ ଶଙ୍ଖ ଇତ୍ୟାଦି ଧାରଣ କରି ରାଜା ରାଜେଶ୍ୱର ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦିଅନ୍ତି ପ୍ରଭୁ । ଏହି ବେଶ ସମୟରେ 'ମା' ମହାଲକ୍ଷ୍ମୀ ସ୍ୱରୂପା 'ଶ୍ରୀଦେବୀ' ମା' ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଯାଆନ୍ତି ଓ ସେଠି ତାଙ୍କ ମାଜଣା ହୁଏ , କନକ ଲାଗି ହୁଏ ଓ ବସ୍ତ୍ର ଅଳଙ୍କାର ଲାଗି ହୁଏ । ଏପଟେ ଭୋଗ ଛେକରେ ଯାତ୍ରାଙ୍ଗୀ ଭୋଗ ଆସି ପ୍ରଭୁଙ୍କୁ ଅର୍ପଣ କରାଯାଏ । ଏହି ସମୟରେ ମା ଶ୍ରୀଦେବୀ ପୁଣି ବାହୁଡି ଆସିନ୍ତି ଶ୍ରୀମନ୍ଦିରକୁ ଓ ଜଗନ୍ନାଥଙ୍କର ଅଙ୍ଗଲାଗି ହୁଅନ୍ତି । ଅନ୍ୟ ଏକ ପବିତ୍ର ପରମ୍ପରା ହେଉଛି ମୁଦିରସ୍ତଙ୍କ ଦ୍ୱାରା ଗଦିପ୍ରସାଦ ଲାଗି ଏବଂ ଦଣ୍ଡ ଛତ୍ର ସଂସ୍କାର ନୀତି । ପ୍ରଭୁ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଚନ୍ଦ୍ର ବନବାସ ଶେଷ କରି ମାତୃଭୂମି ଅଯୋଧ୍ୟାକୁ ଫେରିଆସି ଏହି ଦିନ ଅଭିଷିକ୍ତ ହୋଇ ସିଂହାସନ ଆରୋହଣ କରିଥିଲେ । ଗୋସ୍ୱାମୀ ତୁଳସୀ ଦାସଙ୍କ ମତରେ 'ଯୋଇ ରାମ, ସୋଇ ଜଗଦିଶା' ଅର୍ଥାତ ଯିଏ ରାମ, ସେ ହିଁ ଜଗନ୍ନାଥ । ତେଣୁ ପ୍ରଭୁ ଶ୍ରୀଜଗନ୍ନାଥ ଆଜି ଦିନରେ କୋଦଣ୍ଡ ଧାରୀ ରଘୁନାଥ ବେଶରେ ଦଣ୍ଡ ଛତ୍ର ଧାରଣ କରି ଭକ୍ତମାନଙ୍କୁ ଆନନ୍ଦ ଦେଇଥାନ୍ତି । 'ଭିତର ଛ' ମହାପାତ୍ର ପ୍ରଭୁ ଜଗନ୍ନାଥଙ୍କ ପାଖରେ ଭ୍ରାତା ଲକ୍ଷ୍ମଣ ଭାବରେ ଦଣ୍ଡ ଛତ୍ର ଧରିଥିବା ବେଳେ 'ଭଣ୍ଡାର ମେକାପ' ଭକ୍ତ ହନୁମାନଙ୍କ ସ୍ୱରୂପ ହୋଇ ପ୍ରଭୁଙ୍କ ନିକଟରେ ବସି ଏହାର ମୂଳକୁ ଧରିଥାନ୍ତି । ତିନି ପୂଜାପଣ୍ଡା ଷୋଡ଼ଶ ଉପଚାରରେ ପ୍ରଭୁଙ୍କୁ ପୁରୁଷ ସୂକ୍ତ , ଶ୍ରୀ ସୂକ୍ତ ଆଦିରେ ପୂଜା କରିଥାନ୍ତି । ଏହି ଦିନ ମଧ୍ୟ ବିଭିନ୍ନ ପୁଷ୍ପ ଅଳଙ୍କାର ପ୍ରଭୁଙ୍କୁ ଲାଗି କରାଯାଏ । ଆଜି ଆକର୍ଷଣୀୟ ପୁଷ୍ପର ଆୟୁଧ ଅର୍ଥାତ ପୁଷ୍ପ ଧନୁ ଧାରଣ କରି ଥାନ୍ତି ଓ ପୁଷ୍ପ ଅଳଙ୍କାରରେ ମଧ୍ୟ ଭୂଷିତ ହୋଇଥାନ୍ତି । ପ୍ରଭୁ ରଘୁନାଥଙ୍କ ମୂର୍ତ୍ତି ଦକ୍ଷିଣୀ ଘରୁ ଆସି ଜଗନ୍ନାଥଙ୍କ ଅଙ୍ଗ ଲାଗି ହେବାପରେ ମହାଲକ୍ଷ୍ମୀ ମନ୍ଦିରକୁ ଯାଇ ଜଗମୋହନରେ ଭଦ୍ରାସନରେ ବିଜେ ହୁଅନ୍ତି ଓ ସେଠାରେ ତାଙ୍କ ସ୍ନାନ ନୀତି ସମାପନ ପରେ ପୁଣି ଫେରି ଆସନ୍ତି ଦକ୍ଷିଣୀ ଘରକୁ । ପୁଷ୍ୟସ୍ନାନମହୋତ୍ସବମ ଦର୍ଶନ କରିବା ପାଇଁ ଦେବତମାନେ ମଧ୍ୟ ଶ୍ରୀକ୍ଷେତ୍ର ଆଗମନ କରିଥାନ୍ତି । ଏହିପରି ବିଭିନ୍ନ ନୀତି କାନ୍ତି ମଧ୍ୟରେ ଏହି ମହୋତ୍ସବର ଅନନ୍ୟ ଓ ଅନୁପମଭାବ ଭକ୍ତମାନଙ୍କୁ କୃତାର୍ଥ କରିଥାଏ । ସମ୍ପ୍ରତି ମେଘନାଦ ପ୍ରାଚୀରକୁ ଲାଗି, ଯଜ୍ଞ ସଂସ୍କାରିତ ସୁଶୋଭିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏ କ୍ଷେତ୍ରର ମାହାତ୍ମ୍ୟ ଓ ସୌନ୍ଦର୍ଯ୍ୟକୁ ବିଶ୍ୱ ପ୍ରସାରିତ କରିବାର ଅଭିନବ ପ୍ରୟାସକୁ ସେହି ଇଚ୍ଛାମୟଙ୍କ ଇଚ୍ଛା ବୋଲି ମାନିନେଇ, ଦେଶ – ବିଦେଶରୁ ବହୁଳଭାବେ ଭକ୍ତ ସମାଗମରେ ଆନନ୍ଦିତ ହେବା ।


ସମୁଦ୍ର ଆଳତୀ ମଧ୍ୟ ଏହି ପବିତ୍ର ଦିବସର ଏକ ମୁଖ୍ୟ ଆକର୍ଷଣ । ସମସ୍ତ ଦେବା ଦେବୀ, ମୁନି ଋଷି, ସିଦ୍ଧ, ସାଧକମାନେ ମହୋଦଧିରେ ସ୍ନାନ ପାଇଁ ଏଠାରେ ଏକତ୍ରିତ ହୋଇଥାନ୍ତି । ତେଣୁ ଭକ୍ତମାନେ ମହୋଦଧିଙ୍କୁ ପୂଜା ଅର୍ପଣ କରି ସମୁଦ୍ର ଆଳତି ଦର୍ଶନକରି ଏକ ଦିବ୍ୟାନନ୍ଦ ଅନୁଭବ କରନ୍ତି । ଏହି ଦିବସରେ ଗଜପତିଙ୍କର ମଧ୍ୟ ଅଭିଷେକ ନୀତି ପାଳନ କରାଯାଏ । ଅବର୍ଣ୍ଣନୀୟ ପରମ୍ପରା ଯୁକ୍ତ ଏହି ବେଦାନ୍ତ ସାର ବ୍ରହ୍ମଙ୍କ ନୀତି କାନ୍ତି ମଧ୍ୟ ବର୍ଣ୍ଣନୀୟ । ବାର ମାସରେ ତେର ପର୍ବ ପାଳନ କରୁଥିବା ଏହି ଜଗନ୍ନାଥ ସଂସ୍କୃତି ପ୍ରଭୁଙ୍କର ଭକ୍ତମାନଙ୍କ ସହିତ ଏକ ଏକ ଲୀଳା ବିନୋଦ । ସର୍ବାପେକ୍ଷା ମହାପ୍ରଭୁଙ୍କର ମହାବେଦୀ ମହୋତ୍ସବ ମର୍ଯ୍ୟାଦା ସମ୍ପନ୍ନ ପୁଷ୍ୟାଭିଷେକ ବା ଦେବାଭିଷେକ ବା ରାମାଭିଷେକ ଏକ ପୁରାଣ ପ୍ରସିଦ୍ଧ ନୀତି ଓ ଶ୍ରୀ ଜଗନ୍ନାଥ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ପ୍ରଭୁ ଶ୍ରୀରାମଚନ୍ଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଯେ ଏକ ଓ ଅଭିନ୍ନ ଏହା ଦର୍ଶାଇବା ହିଁ ପୁଷ୍ୟାଭିଷେକ ଯାତ୍ରାର ଉଦ୍ଦେଶ୍ୟ । ଏହି ଶୁଭ ଅବସରରେ ପ୍ରତ୍ୟକ୍ଷ ଭାବରେ ହେଉ କିମ୍ବା ମାନସିକ ସ୍ତରରେ ହେଉ ପ୍ରଭୁଙ୍କୁ ଦର୍ଶନ କରି ତାଙ୍କ ଚରଣାଶ୍ରିତ ହେବା ହିଁ ବିଶ୍ୱ ପାଇଁ କଲ୍ୟାଣକର ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଜାନୁଆରୀ ୨୦୨୫ ବୁଧବାର



# ଗୌତମ ବୁଦ୍ଧଙ୍କ କଥା, ଧୈର୍ଯ୍ୟରୁ ସଫଳତା ପ୍ରାପ୍ତି



ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ଓ ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ। ସେଥିପାଇଁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରା ଅବଶ୍ୟ ଆପଣାଇବା ଉଚିତ। ଏହି ପରିପ୍ରେକ୍ଷୀରେ ଧୈର୍ଯ୍ୟ ଧାରଣକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ଓ ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା।

ଏକଦା ଗୌତମ ବୁଦ୍ଧଙ୍କୁ ଗୋଟିଏ ସଭାରେ ଉପଦେଶ ଦେବାର ଥିଲା। ସେହି ସଭାରେ ୧୦୦ରୁ ଅଧିକ ଲୋକ ଉପସ୍ଥିତ ଥିଲେ ଏବଂ ସେମାନେ ସମସ୍ତେ ଗୌତମ ବୁଦ୍ଧଙ୍କ ଅପେକ୍ଷାରେ ଥିଲେ। ବୁଦ୍ଧ ଆସିଲେ କିନ୍ତୁ କିଛି ନ କହି ଚାଲିଗଲେ। ବୁଦ୍ଧଙ୍କ ଏଭଳି ବ୍ୟବହାର ଦେଖୀ ସମସ୍ତେ ଆଶ୍ଚର୍ଯ୍ୟ ଯଦିଓ ହେଲେ, ତଥାପି କେହି ତାଙ୍କୁ କିଛି ପଚାରିଲେ ନାହିଁ। ପୁଣି ତା'ପରଦିନ ସଭା ହେଲା ଓ ଉପସ୍ଥିତ ଲୋକଙ୍କ ସଂଖ୍ୟା ୮୦ରେ ପହଞ୍ଚିଲା। ସେଦିନ ମଧ୍ୟ ପୂର୍ବଦିନ ଭଳି ବୁଦ୍ଧ ସଭାରେ କାହାକୁ କିଛି ନ କହି ଚାଲିଗଲେ। ପୁଣିଥରେ ବୁଦ୍ଧଙ୍କ ଏହି ବ୍ୟବହାର ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇଥିବା ବେଳେ କେହି ତାଙ୍କୁ କିଛି ନ କହି ଚୁପ୍ ରହିଲେ। ତା'ପରଦିନ ପୁଣି ସଭାର ଆୟୋଜନ ହେଲା ଏବଂ ସେହି ସଭାରେ ମଧ୍ୟ ଲୋକଙ୍କ ସଂଖ୍ୟା ପୂର୍ବ ତୁଳନାରେ କମି ୫୦ରେ ପହଞ୍ଚିଲା। ପୁଣି ସଭାକୁ ବୁଦ୍ଧ ଆସି କିଛି ନ କହି ଚାଲିଗଲେ। ଏହାପରଦିନ ଆଉ ଥରେ ସଭା ଆୟୋଜନ ହେଲା ଏବଂ ସଭାରେ ଲୋକଙ୍କ ସଂଖ୍ୟା ଥିଲା ୩୦। ସେଦିନ ବି ବୁଦ୍ଧ କିଛି ନ କହି ହସି ଦେଇ ଚାଲିଗଲେ।

ତେବେ ଏ କଥା ପଢ଼ି ଲାଗୁଥିବ ଯେ, ଯଦି ବୁଦ୍ଧଙ୍କର କିଛି କହିବାର ନଥିଲା, ତେବେ ବାରମ୍ବାର ସଭା ଆୟୋଜନ କାହିଁକି ହେଉଥିଲା ଏବଂ ସେ ସଭାକୁ ଆସୁଥିଲେ କ'ଣ ପାଇଁ ଠିକ୍‌ସେହିପରି ସଭାରେ ଉପସ୍ଥିତ ଥିବା ଲୋକଙ୍କୁ ମଧ୍ୟ ନିତିଦିଦ ଏଭଳି ଦୃଶ୍ୟ ଦେଖୀ ବିରକ୍ତି ଲାଗୁଥିଲା କିନ୍ତୁ ସେମାନେ ବୁଦ୍ଧଙ୍କୁ କିଛି କହିପାରୁ ନଥିଲେ। ତେବେ ଉତ୍ତର ଜାଣିବା ପାଇଁ ଲୋକଙ୍କୁ ଧୈର୍ଯ୍ୟ ଧରିବାର ଆବଶ୍ୟକତା ଥିଲା। ପୁଣି ଆଉ ଥରେ ସଭା ଆୟୋଜନ ହେଲା ଏବଂ ଉପସ୍ଥିତ ଲୋକଙ୍କ ସଂଖ୍ୟା ଥିଲା ମାତ୍ର ୧୫। ଅବଶ୍ୟ ଆଜି କିନ୍ତୁ ଗୌତମ ବୁଦ୍ଧ ତାଙ୍କ ସ୍ଥାନ ଗ୍ରହଣ କରି ଲୋକଙ୍କୁ ଉପଦେଶ ଦେବା ପାଇଁ ବସିଲେ।

ବୁଦ୍ଧ ଯେଉଁ ୧୫ ଜଣଙ୍କୁ ଉପଦେଶ ଦେଲେ ସେମାନେ ବୁଦ୍ଧଙ୍କର ଶିଷ୍ୟ ପାଲଟିଗଲେ। ସେମାନେ ବୁଦ୍ଧଙ୍କ ଜ୍ଞାନକୁ ବିଭିନ୍ନ ସ୍ଥାନରେ ପ୍ରଚାର ପ୍ରସାର କଲେ। ଦିନେ ସେମାନେ ବୁଦ୍ଧଙ୍କୁ ପ୍ରଶ୍ନ କଲେ, 'ସଭା ଆୟୋଜନ ହେବା ସତ୍ତ୍ୱେ ଆପଣ କ'ଣ ପାଇଁ କିଛି ଦିନ ପର୍ଯ୍ୟନ୍ତ ପଦୁଟିଏ କଥା ନ କହି ଚାଲି ଯାଉଥିଲେ।'

ବୁଦ୍ଧ କହିଲେ, ''ମୁଁ ସେହି ଲୋକମାନଙ୍କ ସନ୍ଧାନରେ ଥିଲି, ଯେଉଁମାନେ ମୋ ଉପଦେଶକୁ ଚାରିଆଡ଼େ ପ୍ରଚାର କରିବେ। ପ୍ରଥମ ଦିନରେ ଉପସ୍ଥିତ ଥିବା ୧୦୦ ଜଣ ଲୋକ କେବଳ ସଭାରେ କ'ଣ ହେଉଛି, ତାହା ଦେଖୀବାକୁ ଆସିଥିଲେ। କିନ୍ତୁ ମୁଁ ସେଭଳି ଲୋକଙ୍କୁ ଖୋଜୁ ନଥିଲି। ମୁଁ ଜଣିବାକୁ ଚାହୁଁଥିଲି, ସେମାନେ କିଏ ଯେଉଁମାନେ ମୋ ଉପଦେଶକୁ ଶୁଣିବାକୁ ଓ ଜାଣିବାକୁ ଚାହୁଁଛନ୍ତି। ଯେଉଁମାନଙ୍କ ପାଖରେ ଧୈର୍ଯ୍ୟ ଥିଲା ସେମାନଙ୍କୁ ମୁକ୍ତି ମାର୍ଗ ମିଳିଲା। ଯେଉଁମାନେ ବ୍ୟସ୍ତ ରହିଲେ, ସେମାନେ ଆଜି ଘରେ ବସିଲେ।' ବୁଦ୍ଧ ପୁଣି କହିଲେ, 'ଧୈର୍ଯ୍ୟ ନଥିବା ଲୋକେ କେବେ ବି ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ନାହିଁ। ଧୈର୍ଯ୍ୟ ଧରିବାର କ୍ଷମତା ଯେଉଁମାନଙ୍କର ଅଛି, ସେମାନେ ଜୀବନରେ କିଛି ବି କରିବାକୁ ସକ୍ଷମ। ବିନା ଧୈର୍ଯ୍ୟରେ ସଫଳତା ପ୍ରାପ୍ତି ସମ୍ଭବ ନୁହେଁ।'

# କର୍କଟ ରୋଗ ଆଶଙ୍କାକୁ ହ୍ରାସ କରେ ଆଖୁରସ



ଆଖୁରସରୁ ସୋଡିୟମ୍, କ୍ୟାଲସିୟମ୍, ଲୌହସାର ଆଦି ପୋଷକତତ୍ତ୍ୱ ମିଳିଥାଏ। ଆଖୁରସ କର୍କଟ ରୋଗ ଆଶଙ୍କାକୁ ହ୍ରାସ କରିବା ସହ ଯକୃତ୍ ସମସ୍ୟା, ପାଚନସମ୍ବନ୍ଧୀୟ ସମସ୍ୟାକୁ କମ୍ କରି ଅସ୍ଥିକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ତେଣୁ ପ୍ରତିଦିନ ଏକ ଗ୍ଲାସ ଆଖୁରସ ପିଇବା ଫଳପ୍ରଦ।

ଆଖୁରସରେ କ୍ୟାଲସିୟମ୍, ପୋଟାସିୟମ୍, ଆଇରନ, ମ୍ୟାଗ୍ନେସିୟମ୍ ମାତ୍ରା ଅଧିକ ରହିଥାଏ। ଏଥିରେ ମିଳୁଥିବା ସ୍ୱତନ୍ତ୍ର ତତ୍ତ୍ୱ କର୍କଟ ରୋଗ ଆଶଙ୍କାକୁ ହ୍ରାସ କରାଏ। ବିଭିନ୍ନ କର୍କଟ ରୋଗ ସମେତ ପ୍ରୋଷ୍ଟେଟ ଏବଂ ସ୍ତନ୍ୟ କର୍କଟ ସହ ଲଢ଼େଇ କରିବାରେ ଏହା ବେଶ୍ ସହାୟକ ହୁଏ। ଆଖୁରସରେ ପ୍ରାକୃତିକ ଶର୍କରା ମିଳୁଥିବାରୁ ଏହା ଶରୀରର ଗ୍ଲୁକୋଜ ମାତ୍ରାକୁ ବୃଦ୍ଧି କରାଏ। ଏହି ରସ ପିଇବା ଦ୍ୱାରା ଶରୀର ମଜଭୁତ ରହିବା ସହ ଖରାଦିନେ ଅଜୀର୍ଣ୍ଣ ସମସ୍ୟାରୁ ମଧ୍ୟ ରକ୍ଷା ମିଳିଥାଏ। ଆଖୁରସରୁ ମିଳୁଥିବା ପୋଟାସିୟମ୍ ପାଚନତନ୍ତ୍ର ପାଇଁ ଲାଭପ୍ରଦ। ପେଟଜନିତ ସମସ୍ୟାକୁ ଏହା ଦୂର କରେ। କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ରୁହେ ନାହିଁ । ଏଥିରେ ଥିବା ଫାଇବର ଓଜନ ନିୟନ୍ତ୍ରଣ କରେ । ଅଲ୍‌ଫା ହାଇଡ୍ରୋକ୍ସି ଏସିଡ (ଏଏଚ୍‌ଏଏସ୍) ପଦାର୍ଥ ତ୍ୱଚା ସମ୍ବନ୍ଧୀୟ ସମସ୍ୟାକୁ ଦୂର କରେ। ଆଖୁ ରସ ଶରୀରର କୋଲେଷ୍ଟ୍ରଲ ଏବଂ ଟ୍ରାଇଗ୍ଲିସରାଇଡ ସ୍ତରକୁ ହ୍ରାସ କରେ । ପ୍ରୋଟିନ୍‌ଯୁକ୍ତ ଆଖୁରସ ପିଇବା ଦ୍ୱାରା ବୃକ୍କ ସଂକ୍ରମଣ, ପରିସ୍ରା ସଂକ୍ରମଣ, ଅମ୍ଳ, ପଥର ସମସ୍ୟାରୁ ମୁକ୍ତି ମିଳେ। ସେହିପରି ଆଖୁରସରେ ଆଣ୍ଟି ଅକ୍ସିଡାଣ୍ଟ ମାତ୍ରା ଅଧିକ ଥିବାରୁ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ରକ୍ତହୀନତା ଦୂର କରେ। ଦାନ୍ତଜନିତ ସମସ୍ୟା ଦୂର କରିବାରେ ମଧ୍ୟ ଆଖୁ ରସ ବେଶ୍ ଫଳପ୍ରଦ।

# ସପ୍ତାହକୁ ମାତ୍ର ଗୋଟିଏ ଦିନ ଉପବାସ ନିହାତି କରିବା ଜରୁରୀ

ଉପବାସ କରିବା କେବଳ ଆଧାତ୍ମିକ ଭାବରେ ଆବଶ୍ୟକ ନୁହେଁ । ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଆବଶ୍ୟକ । ହିନ୍ଦୁ ଧର୍ମରେ କୌଣସି ନା କୌଣସି ପୂଜା ପର୍ବ ବର୍ଷ ବର୍ଷ ଧରି ଚାଲିଥାଏ । ଏହାର ଅନେକ ଗୁଡିଏ ଲାଭ ମଧ୍ୟ କୁହାଯାଇଛି । ମେଡିକାଲ ସାଇନ୍ସ ରେ ଇଣ୍ଟର ମିଡିଏଟ ଫାଂଷ୍ଟିଙ୍ଗକୁ ନେଇ ଅନେକ ଗୁଡିଏ ଗବେଷଣା କରାଯାଇଛି । ଅନେକ ଗବେଷକ ଉପବାସ କୁ ଶରୀର ପାଇଁ ହିତକର ମଧ୍ୟ କହିଛନ୍ତି । ଗବେଷକଙ୍କ ମତରେ ସପ୍ତାହ କୁ ମାତ୍ର ଗୋଟିଏ ଦିନ ଉପବାସ ନିହାତି କରିବା ଜରୁରୀ । ଆସନ୍ତୁ ଜାଣିବା ସପ୍ତାହ କୁ ଗୋଟିଏ ଦିନ ଉପବାସ କରିବା ଦ୍ୱାରା କେଉଁସବୁ ଲାଭ ମିଳିଥାଏ ।

ସପ୍ତାହ ରେ ଗୋଟିଏ ଦିନ ଉପବାସ କରିବାର ପ୍ରଭାବ –

ଯେତେବେଳେ ଆମେ ସପ୍ତାହ ରେ ଗୋଟିଏ ଦିନ ଉପବାସ କରିଥାଉ ଓ ୨୪ ଘଣ୍ଟା ଭୋଜନ କରିନଥାଉ, ସେତେବେ ଆମ ଏନର୍ଜି ପାଇଁ ଶରୀରରେ ଜମା ରହିଥିବା ଫ୍ୟାଟ କାମରେ ଆସିଥାଏ । ଏହି ଉପବାସ ସମୟ ରେ ଆମେ କୌଣସି ଖାଦ୍ୟ ଗ୍ରହଣ ନକରି କେବଳ ଜଳ ଗ୍ରହଣ କରିବା ଜରୁରୀ । ଯଦି ଆମେ ଚାହିଁବା ତେବେ ଯେ କୌଣସି କ୍ୟାଲୋରୀ ବିହୀନ ଡ୍ରିଂକ୍ସ ସେବନ କରିପାରିବା ।

– ଆଣେ ରିସର୍ଚ୍ଚ ରୁ ଜଣା ପଡିଛି ଯେ ଏପରି କରିବା ଦ୍ୱାରା ଓଜନ ହ୍ରାସ ହୋଇଥାଏ ଓ ଆମ ମେଟାବୋଲିଯିମ ଉପରେ ସକାରାତ୍ମକ ପ୍ରଭାବ ପଡିଥାଏ । ଏହାଛଡା ହାର୍ଟ ର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ ହିତକର ।

କ'ଣ ଉପବାସ ରେ ଓଜନ ହ୍ରାସ ହୋଇଥାଏ –

– ଗବେଷକ ଙ୍କ ମତରେ ସପ୍ତାହ ରେ ଗୋଟିଏ ଦିନ ଉପବାସ ରହିବ ଦ୍ୱାରା ଓଜନ ହ୍ରାସ ପାଇଁ ସାହାଯ୍ୟ ମିଳିଥାଏ । କିନ୍ତୁ ଏଥିପାଇଁ ଠିକ ଉପାୟ ଜଣାଥିବା ଜରୁରୀ । ଉପବାସ ସମୟରେ ଅଧିକ ରୁ ଅଧିକ ପାଣି ପିଇବା ଜରୁରୀ ଯାହାକି ପରିଶ୍ରା ମାଧ୍ୟମ ରେ ଶରୀର ଡ଼ିଟକ୍ସ ହୋଇଥାଏ।

– ୨୪ ଘଣ୍ଟା ପର୍ଯ୍ୟନ୍ତ ଉପବାସ ରହିବ ଦ୍ୱାରା ହାର୍ଟ ମଧ୍ୟ ସୁସ୍ଥ ରହିଥାଏ । ଏହି ଅଧ୍ୟୟନ ରେ ଜୀବଜନ୍ତୁ ଙ୍କୁ ନିଆଯାଇ ଅଧ୍ୟୟନ କରାଯାଇ ଥିଲା । ଯେଉଁଥିରେ ଜଣା ପଡିଥିଲା ଯେ ସପ୍ତାହ କୁ ଠାରେ ଉପବାସ କରିବା ଦ୍ୱାରା କ୍ୟାନ୍ସର ଭଳି ମାରାତ୍ମକ ବ୍ୟାଧି ରୁ ଦୁରେଇ ହୋଇ ରହିବା।

# ଏହି ଏକ ଖରାପ ଅଭ୍ୟାସ ଯୋଗୁଁ ରୋଗର ଶିକାର ହେଉଛି ଶରୀର

ଆପଣ ନିଶ୍ଚୟ ଧ୍ୟାନ ଦେଇଥିବେ ଯେ କିଛି ଲୋକ ଶୀଘ୍ର ଖାଦ୍ୟ ଖାଆନ୍ତି । ଲାଗୁଛି ଯେପରି ସେମାନେ ତରବରିଆ ଅଛନ୍ତି ଏବଂ ଖାଦ୍ୟକୁ ନ ଖାଇ ଗିଳିଦିଅନ୍ତି । ଯେଉଁମାନେ ନିୟମିତ ଭାବରେ ଏହା କରୁଛନ୍ତି ସେମାନଙ୍କ ଶରୀରରେ ଆପେ ଆପେ ରୋଗ ସୃଷ୍ଟି ହେବା ଆରମ୍ଭ କରିଥାଏ । ଏପରି ପରିସ୍ଥିତିରେ ଶରୀର ଭିନ୍ନ ଭାବରେ ପ୍ରତିକ୍ରିୟା କରେ ଏବଂ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ । ଏହା ବ୍ୟତୀତ ଶରୀରରେ ଅନେକ କାର୍ଯ୍ୟ ଏହି ଖରାପ ଅଭ୍ୟାସ ହେତୁ ପ୍ରଭାବିତ ହୁଏ, ତେଣୁ ଶୀଘ୍ର ଖାଦ୍ୟ ଖାଇବାବେଳେ କ'ଣ କ୍ଷତି ହୋଇପାରେ ତାହା ଜାଣନ୍ତୁ ।

**୧. ଫୁଲିବା ସମସ୍ୟା** ଯେତେବେଳେ ଆମେ ଶୀଘ୍ର ଖାଇଥାଉ, ଏହା ଶରୀରରେ ଫୁଲିବା ସମସ୍ୟାକୁ ବଢ଼ାଇଥାଏ । ଏହା ଫୁଲିବା ଏବଂ ଗ୍ୟାସର ସମସ୍ୟାକୁ ବଢ଼ାଇଥାଏ । ଏହା ବ୍ୟତୀତ ଯେତେବେଳେ ଆପଣ ଖାଦ୍ୟକୁ ସଠିକ୍ ଭାବରେ ନଚୋବାଇ ଖାଆନ୍ତି, ସେବେ ଇନଡାଇଜେସନର ସମସ୍ୟା ଦେଖାଯାଏ ଯାହା ଫୁଲିବା ସମସ୍ୟାକୁ ଆହୁରି ବଢ଼ାଇଥାଏ, ପେଟ ଫୁଲିଯାଏ ଏବଂ ସମସ୍ୟା ଆହୁରି ବଢ଼ିଯାଏ । ଏପରି ପରିସ୍ଥିତିରେ ଶୀଘ୍ର ଖାଇବା ଅଭ୍ୟାସ ଛାଡିଦିଅ ।

**୨. ମେଦବହୁଳତା ବୃଦ୍ଧି ପାଇଥାଏ**

ମୋଟାପଣର ଏକ ମୁଖ୍ୟ କାରଣ ହେଉଛି ଶୀଘ୍ର ଶୀଘ୍ର ଖାଇବା । ବାସ୍ତବରେ, ଯେତେବେଳେ ଆପଣ ଖାଦ୍ୟ ଶୀଘ୍ର ଖାଆନ୍ତି, ମେଟାବୋଲିଜିମ୍ ମନ୍ଥର ହୋଇଯାଏ ଏବଂ ତା'ପରେ ଖାଦ୍ୟ ସଠିକ୍ ଭାବରେ ହଜମ ହୁଏନି ଏବଂ ଏହା ଓଜନ ବୃଦ୍ଧି ହେବାର କାରଣ ପାଲଟିଯାଏ । ଏଭଳି ପରିସ୍ଥିତିରେ ମେଦବହୁଳତାର ସମସ୍ୟା ଦ୍ରୁତ ଗତିରେ ବଢ଼ିଯାଏ ଏବଂ ତା'ପରେ ଏହାର ମୁକାବିଲା କରିବା କଷ୍ଟକର ହୋଇଯାଏ । ଏହା ବ୍ୟତୀତ ମେଦବହୁଳତା ଫୁଲିବା କାରଣରୁ ମଧ୍ୟ ହୋଇପାରେ । ତେଣୁ ଏହି ସବୁ ସମସ୍ୟାରୁ ରକ୍ଷା ପାଇବା ପାଇଁ, ଯେତେବେଳେ ବି ଆପଣ ଖାଦ୍ୟ ଖାଆନ୍ତି ସେବେ ଲଗାତାର ଭାବରେ ୨୦ ମିନିଟ୍ ପର୍ଯ୍ୟନ୍ତ ଖାଆନ୍ତୁ । ଯଦି ଆପଣ ଏହା ନକରନ୍ତି ଏବଂ ଚୋବାଇବା ବିନା ଶୀଘ୍ର ଖାଦ୍ୟ ଗିଳିଦିଅନ୍ତି, ତେବେ ଆପଣ ଅନେକ ରୋଗର ଶିକାର ହେବାକୁ ପ୍ରସ୍ତୁତ ହୁଅନ୍ତୁ ।

## ଗବେଷଣାରୁ ମିଳିଲା ବଡ ତଥ୍ୟ

# ୫୫ ପ୍ରତିଶତ ଭାରତୀୟ ଅଧିକ ଶାରୀରିକ ସମ୍ପର୍କ ରଖିବାକୁ ଇଚ୍ଛୁକ



ବର୍ତ୍ତମାନ ଭାରତରେ ବିବାହର ଋତୁ ଚାଲିଛି। ବିବାହ ପରେ ଭାରତୀୟ ପରମ୍ପରା ଓ ସାମାଜିକ ଚକ୍ଷୁରେ ସ୍ୱାମୀ,ସ୍ତ୍ରୀଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ବୈଧ ବୋଲି ବିଚାର କରାଯାଇଥାଏ। ତେବେ ଆପଣ ମାନେ ଭାବୁଥିବେ ବିବାହ ପୂର୍ବରୁ କଣ ଅନ୍ୟ କେହି ଶାରୀରିକ ସମ୍ପର୍କ ରଖୁ ନାହାନ୍ତି ? ଯଦି ରଖୁଛନ୍ତି ତେବେ ଏହା ପଛର କାରଣ କ'ଣ ? ଏହିଭଳି ଅନେକ ପ୍ରଶ୍ନ ଆପଣଙ୍କ ମନରେ ଉଙ୍କି ମାରୁଥିବ ନିଶ୍ଚୟ। ତେବେ ନିକଟରେ 'ମାଇଁ ମ୍ୟୁସ' ନାମକ ଏକ ସଂସ୍ଥା ୨୦୨୫ ମସିହାରେ କରିଥିବା ଏକ ସର୍ଭେରେ ଯେଉଁ ରିପୋର୍ଟ ଆସିଛି ତାହା ଆପଣଙ୍କୁ ଚକିତ କରିବ ନିଶ୍ଚିନ୍ତ। ଏହି ସର୍ଭେରେ ଭାଗନେଇଥିବା ଲୋକମାନେ ଭାରତରେ ପ୍ରେମ, ଦୈହିକ ସମ୍ପର୍କ ଓ ଆନ୍ତରିକ ଇଚ୍ଛାକୁ ନେଇ ଚମକାଇଦେଲା ଭଳି ଉତ୍ତର ଦେଇଛନ୍ତି। ଏହି ସର୍ଭେରେ ଦେଶର ଅଲଗା ଅଲଗା ସ୍ଥାନରୁ ପ୍ରାୟ ୧୦,୦୦୦ରୁ ଅଧିକ ଲୋକ ଭାଗନେଇଥିଲେ। ଯେଉଁଥିରୁ ୮୭ ପ୍ରତିଶତ ଲୋକ ବିବାହ ପୂର୍ବରୁ ଦୈହିକ ସମ୍ବନ୍ଧର ମଜା ନେବାକୁ ଶାରୀରିକ ସମ୍ପର୍କ ସ୍ଥାପନା କରିସାରିଛନ୍ତି ବୋଲି କହିଛନ୍ତି। ଅନ୍ୟପଟେ ଦୈନନ୍ଦିନ ଜୀବନରୁ କିଛି ଅଲଗା କରି ଶୟନକକ୍ଷରେ କିଛି ଅଲଗା ଅନୁଭବ ନେବା ପାଇଁ ପ୍ରାୟ ୬୨ ପ୍ରତିଶତ ଲୋକ ଶାରୀରିକ ସମ୍ପର୍କ ରଖିଛନ୍ତି ବୋଲି ସ୍ୱୀକାର କରିଛନ୍ତି। ଏହି ରିପୋର୍ଟରେ ଯେଉଁ ନୂଆ ତଥ୍ୟ ସାମ୍ନାକୁ ଆସିଛି ତାହା ହେଉଛି ଭାଗ ନେଇଥିବା ଅଧାରୁ ଅଧିକ ଲୋକ ଆଗ ଅପେକ୍ଷା ଅଧିକ ଯୌନ ଉଦ୍ଦିପକ ସାମଗ୍ରୀର ବ୍ୟବହାର କରୁଛନ୍ତି ବା ବ୍ୟବହାର କରିବାକୁ ଚାହୁଁଛନ୍ତି। ସେହିଭଳି ୮୭ ପ୍ରତିଶତରୁ ଅଧିକ ଲୋକ କେବଳ ମଜା ପାଇଁ ନୁହେଁ ବରଂ ଅର୍ଥପୂର୍ଣ୍ଣ ସମ୍ବନ୍ଧ ପାଇଁ ଯୌନ କ୍ରିୟା କରୁଛନ୍ତି ବୋଲି କହିଛନ୍ତି। ପଶ୍ଚାତ୍ୟ ସଭ୍ୟତାରେ ଅନୁପ୍ରାଣିତ ହୋଇ ଭାରତର ଯୁବବର୍ଗ ଅଧିକ ଶାରୀରିକ ସମ୍ପର୍କ ରଖିବାକୁ ଚାହୁଁଛନ୍ତି। ଏହି ପରିପ୍ରେକ୍ଷିରେ ରିପୋର୍ଟରେ ଭାଗନେଇଥିବା ୫୫ ପ୍ରତିଶତରୁ ଅଧିକ ଭାରତୀୟ ଅଧିକରୁ ଅଧିକ ଶାରୀରିକ ସମ୍ପର୍କ ରଖିବାକୁ ଚାହୁଁଛନ୍ତି। ଏହି ତଥ୍ୟ ଅବିବାହିତ, ପ୍ରେମୀ ଯୁଗଳ ଓ ବିବାହିତ ମାନେ ଦେଇଛନ୍ତି। ଏହି ଡାଟାରୁ ଏହା ସ୍ପଷ୍ଟ ଯେ ଶାରୀରିକ ସମ୍ପର୍କ ପାଇଁ ଭାରତରେ ଆଉ ବିବାହର ଆବଶ୍ୟକତା ନାହିଁ। ଚାଲୁ ରହିଥିବା ଶାରୀରିକ ସମ୍ପର୍କରେ କିଛି ନୂଆ ଚାହାନ୍ତି ବୋଲି ୫୯ ପ୍ରତିଶତ ଲୋକ ଦାବି କରିଛନ୍ତି। କୌତୁହଳର ବିଷୟ ହେଉଛି ଶାରୀରିକ ସମ୍ପର୍କକୁ ନେଇ ୬୦ ପ୍ରତିଶତ ମହିଳା ଓ ୫୩ ପ୍ରତିଶତ ପୁରୁଷ ଖୁସି ନଥିବା ମତ ପ୍ରକାଶ କରିଛନ୍ତି। ଭାରତରେ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିବା ନେଇ ସମସ୍ୟା ଅଛି ବୋଲି ଅସ୍ୱୀକାର କରାଯାଇପାରିବ ନାହିଁ, କିନ୍ତୁ ଭାରତୀୟମାନେ ଶାରୀରିକ ସମ୍ପର୍କ ରଖିବା ପାଇଁ ନୂଆନୂଆ ରାସ୍ତା ଆପଣଉଛନ୍ତି। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଯୌନ ଉଦ୍ଦିପକ ସାମଗ୍ରୀକୁ ନେଇ ଭାରତର ଯୁବବର୍ଗ ମଧ୍ୟରେ ଉତ୍କଣ୍ଠା ବଢିଛି। ପ୍ରାୟ ୪୮ ପ୍ରତିଶତ ଲୋକ ଶାରୀରିକ ସମ୍ପର୍କ ରଖିବା ବେଳେ ଯୌନ ଉଦ୍ଦିପକ ସାମଗ୍ରୀ(ଲ୍ୟୁବ, ଯୌନ ଉଦ୍ଦିପକ ଖେଳନା, ଯୌନ ପ୍ରସାଧନ ସାମଗ୍ରୀ) ଭଳି ଉପକରଣ ବ୍ୟବହାର କରୁଛନ୍ତି ଯାହା ସେମାନଙ୍କର ଶାରୀରିକ ସମ୍ବନ୍ଧର ଅଭିଜ୍ଞତାକୁ ବୃଦ୍ଧି କରୁଛି ବୋଲି ଉଲ୍ଲେଖ କରିଛନ୍ତି।

# ଡାଳିମ୍ବ ଚାହା ପିଇବା ଦ୍ୱାରା ଟନ୍ସିଲ ଜନିତ ସମସ୍ୟାରୁ ମୁକ୍ତି



ଡ଼ାଳିମ୍ବ ଚୋପାରେ ଥିବା ଆଣ୍ଟିଅକ୍ସିଡ଼ାଣ୍ଟ ପାଇଁ ଏଥିରେ ପ୍ରସ୍ତୁତ ଚାହା ବହୁତ ଲାଭଦାୟକ ଅଟେ। ଖାଇବା ପରେ ଏହାକୁ ପିଇଲେ ଖାଦ୍ୟ ଭଲ ଭାବେ ହଜମ ହେବା ସହ ପାଚନ କ୍ରିୟା ଠିକ ଭାବେ କାର୍ଯ୍ୟ କରିଥାଏ।

**ତଣ୍ଟି ଗତଗତ ହେବା ଦୂର ହୋଇଥାଏ..**

ବହୁ ସମୟରେ ଗଳାରେ ଖଚଖଚ ବା ଗତଗତ ହୋଇଥାଏ। ଡ଼ାଳିମ୍ବ ଚାହା ପିଇବା ଦ୍ୱାରା ଟନ୍ସିଲ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

ଏହି ଚାହା ପିଇବା ଦ୍ୱାରା ଏଥିରେ ଥିବା ପୋଷକ ତତ୍ତ୍ୱ ହୃଦୟ ଜନିତ ସମସ୍ତ ସମସ୍ୟାକୁ ଦୂର କରିଥାଏ। ଏହା ଛଡ଼ା ରକ୍ତଚାପ, କୋଲେଷ୍ଟେରୋଲ ସ୍ତରକୁ ମଧ୍ୟ ନିୟନ୍ତ୍ରଣ କରିଥାଏ।

ଏହି ଚାହାରେ ଥିବା ଆଣ୍ଟିଅକ୍ସିଡ଼ାଣ୍ଟ ବୟସର ପ୍ରଭାବକୁ କମ କରିଥାଏ। ତେଣୁ ଅଧିକ ବୟସ ହେଲେ ମଧ୍ୟ କମ ବୟସ୍କ ଭଳି ଜଣାଯାଇଥାଏ।

ଏହା ହାଡ଼କୁ ଶକ୍ତ କରିଥାଏ। ତେଣୁ ଏହାକୁ ପିଇବା ଦ୍ୱାରା ହାଡ଼ ଓ ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଦୂର ହୋଇଥାଏ।

ଏହି ଚାହାକୁ ନିୟମିତ ପିଇବା ଦ୍ୱାରା କର୍କଟ ରୋଗରୁ ଶରୀରକୁ ଦୂରରେ ରଖେ। ମୁଖ୍ୟତଃ ଚର୍ମ କର୍କଟରୁ ଶରୀରକୁ ଦୂରରେ ରଖେ।

**ପିଆଜ ଚୋପା..**

ବହୁ ପୁରୁଷ ଓ ମହିଳାଙ୍କ ମୁହଁରେ ବିଭିନ୍ନ ଦାଗ ଥାଏ। ନିୟମିତ ପିଆଜର ଚୋପାକୁ ବ୍ୟବହାର କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ସେଥିରେ ମହୁ ଓ ହଳଦୀ ମିଶାଇ ମୁହଁରେ ଲଗାନ୍ତୁ ଏହାକୁ ମୁହଁରେ ଲଗାଇ ୧୫ ମିନିଟ ରଖି ଧୋଇ ଦିଅନ୍ତୁ ଏହାଦ୍ୱାରା ତ୍ୱଚାର ସମସ୍ତ ଦାଗ ଦୂର ହୋଇଥାଏ। ପିଆଜର ଚୋପାକୁ ପାଣିରେ ପକାଇ ୮ ଘଣ୍ଟା ରଖି ଦିଅନ୍ତୁ ଏହାପରେ ସେହି ପାଣିକୁ ସେବନ କରନ୍ତୁ । ଏପରି ପିଆଜ ଚୋପାର ସେବନ କରିବା ଦ୍ୱାରା କୋଲେଷ୍ଟେରୋଲ ମାତ୍ରା ନିୟନ୍ତ୍ରଣ ହୋଇ ରହିଥାଏ। ବହୁ ସମୟରେ ଥଣ୍ଡା ଜନିତ ସମସ୍ୟା କାରଣରୁ ଗଳାରେ ଯନ୍ତ୍ରଣା ଅନୁଭବ ହୋଇଥାଏ। ସେହି ସମୟରେ ପିଆଜର ଚୋପାକୁ ପାଣିରେ ଫୁଟାଇ ଏହାକୁ ସାମାନ୍ୟ ଥଣ୍ଡା କରନ୍ତୁ। ଏହାପରେ ସେହି ପାଣିକୁ କୁଳୁକୁଳୁ କରନ୍ତୁ। ଏପରି ଦିନକୁ ୨ଥର କରିବା ଦ୍ୱାରା ଗଳା ଯନ୍ତ୍ରଣା ଦୂର ହୋଇଥାଏ।

# ଭାରତରେ ଏବେ ଲୋକେ ବଞ୍ଚୁଛନ୍ତି ୫ ବର୍ଷ ଅଧିକ



ଭାରତରେ ଲୋକଙ୍କ ହାରାହାରି ଜୀବନଧାରଣ ବୟସ ବଢ଼ିବାରେ ଲାଗିଛି। ଏବେ ଦେଶରେ ଲୋକଙ୍କ ହାରାହାରି ଜୀବନଧାରଣ ବୟସ ୬୭.୭ ବର୍ଷ ହୋଇଯାଇଛି। ପୂର୍ବରୁ ଏହା ୬୨.୭ ବର୍ଷଥିଲା। ଫଳରେ ଏବେ ଦେଶର ଲୋକେ ହାରାହାରି ୫ ବର୍ଷ ଅଧିକ ବଞ୍ଚୁଛନ୍ତି। ସେହିପରି ଦେଶର ପ୍ରତି ଲୋକଙ୍କର ମୁଣ୍ଡପିଛା ରୋଜଗାର ବଢ଼ି ହାରାହାରି ୬୯୫୧ ଡଲାର ହୋଇଛି। ଜାତିସଂଘ ମାନବ ବିକାଶ ସୂଚକାଙ୍କ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ନୂଆ ରିପୋର୍ଟରେ ୧୯୩ ଦେଶ ମଧ୍ୟରେ ଭାରତ ୧୩୪ସ୍ଥାନରେ ରହିଛି। ପୂର୍ବ ରିପୋର୍ଟରେ ଭାରତର ସ୍ଥାନ ୧୯୨ ଦେଶ ମଧ୍ୟରେ ୧୩୫ ଥିଲା।

୨୦୨୨ରେ ଭାରତର ମାନବ ବିକାଶ ସୂଚକାଙ୍କ ମୂଲ୍ୟରେ ୦.୬୪୪ ବୃଦ୍ଧି ଘଟିଛି। ପୂର୍ବରୁ ୨୦୨୧ରେ ଏହା ୦.୬୩୩ ଥିଲା। ୟୁନଡିପିର ମାନବ ବିକାଶ ରିପୋର୍ଟ ୨୦୨୩-୨୦୨୪ର ସୂଚକାଙ୍କରେ ଭାରତ ଲିଙ୍ଗଗତ ତାରତମ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି। ୟୁନଡିପି ପକ୍ଷରୁ ଲିଙ୍ଗଗତ ଅସମାନତା ସୂଚକାଙ୍କ ୨୦୨୨ ଜାରି କରାଯାଇଛି। ରିପୋର୍ଟ ଅନୁସାରେ ଲିଙ୍ଗଗତ ଅସମାନତାରେ ୨୦୨୨ରେ ଭାରତର ସ୍କୋର ୦.୪୩୭ ରହିଛି। ୧୯୩ ଦେଶ ମଧ୍ୟରେ ଭାରତ ୧୦୮ ସ୍ଥାନରେ ରହିଛି। ୨୦୨୧ରେ ଏହି ସ୍କୋର ୦.୪୯୦ ଥିଲା ଏବଂ ୧୯୨ ଦେଶ ମଧ୍ୟରେ ଭାରତ ସ୍ଥାନ ୧୨୨ ଥିଲା। ଗତ ୧୦ ବର୍ଷରେ ଲିଙ୍ଗଗତ ଅସମାନତାରେ ଭାରତ ଅଗ୍ରଗତି କରିଛି। ମହିଳା ସଶକ୍ତିକରଣ ଦ୍ୱାରା ଏହା ସମ୍ଭବ ହୋଇ ପାରିଛି। ଭାରତ ସରକାରଙ୍କ ମହିଳା ବିକାଶ ନୀତି ଯୋଗୁ ଲିଙ୍ଗଗତ ତାରତମ୍ୟ ହ୍ରାସ ପାଇଥିବା ରିପୋର୍ଟରେ ଦର୍ଶାଯାଇଛି।

# ବାର୍ଦ୍ଧକ୍ୟାବସ୍ଥାରେ ନିରୋଗ ରହିବାର ପ୍ରଥମ ପାହାଚ ଧୂମପାନ ଓ ଚା' ଠାରୁ ଦୂରେଇବା

ବୟସ ବଢିବା ସହ ଶରୀରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଏ । ହାଡ଼ ଦୁର୍ବଳ ହେବାକୁ ଲାଗେ ଏବଂ ଅନେକ ପ୍ରକାର ରୋଗ କୁଣିଆ ହୋଇ ଶରୀରକୁ ପ୍ରବେଶ କରନ୍ତି । ଏହାରି ଭିତରୁ ଆଣ୍ଠୁଗଣ୍ଠି ବିନ୍ଧା ସମସ୍ୟା ଏକ ଜଟିଳ ସମସ୍ୟା । ବୟସ ବଢିବା ସଙ୍ଗେ ହାଡ଼ ଫ୍ୟାକ୍ଚର ହେବା ସମସ୍ୟା ମଧ୍ୟ ଲାଗିରୁହେ । ହେଲଥ୍ ଏକ୍ସପର୍ଟଙ୍କ କହିବାନୁସାରେ , ଶରୀରରେ କ୍ୟାଲସିୟମର ଅଭାବ , ଅତ୍ୟଧିକ ମଦ୍ୟପାନ , ଧୂମପାନ ସହ ସନ୍ତୁଳିତ ଆହାର ନଖାଇବା ଏବଂ ନିୟମିତ ବ୍ୟାୟାମ , ଯୋଗାଭ୍ୟାସ ନକଲେ ଶରୀରରେ ଏଭଳି ହାଡ଼ ସମସ୍ୟା ଜନ୍ମ ନେଇଥାଏ । ଲମ୍ବା ସମୟ ଧରି ଏଭଳି ଗଣ୍ଠି ସମସ୍ୟା ଦେଖାଗଲେ ଭବିଷ୍ୟତରେ ଚଲାବୁଲା କରିବାଟା ଭାରି କଷ୍ଟସାଧ ହୋଇପଡ଼େ । ଏହି କାରଣ ଯୋଗୁଁ ବୟସ ବଢିବା ସହ ଶରୀରର ମଧ୍ୟ ଧ୍ୟାନ ରଖିବାକୁ ପଡ଼ିବ । ଶରୀର ପାଇଁ ହିତକର ଖାଦ୍ୟ ଖାଇବା ସହ ବ୍ୟାୟାମକୁ ବନ୍ଧୁ କରିବାକୁ ପଡ଼ିବ । ତେବେ ଆସନ୍ତୁ ବଢୁଥିବା ବୟସର ରୋଗ କିମ୍ବା ସମସ୍ୟାକୁ ଅଭିଶାପ ନ ମାନି ଦାମୀ ଗହଣା ପରି ଯତ୍ନ ନେବା ।

ବାର୍ଦ୍ଧକ୍ୟବସ୍ଥାରେ ନିରୋଗ ରହିବାର ପ୍ରଥମ ପାହାଚ ଧୂମପାନ ନ କରିବା । ଧୂମପାନ ଶରୀର ପାଇଁ ହାନିକାରକ ଏହା ଆମେ ସିଗାରେଟ୍ କଭରରୁ ହିଁ ପଢିନେଉ କିନ୍ତୁ କେତେ ଜଣ ଏହାକୁ ଗମ୍ଭୀରତାର ସହ ନେଉଛନ୍ତି ତାହା କହିବାଟା କଷ୍ଟ । ବାର୍ଦ୍ଧକ୍ୟବସ୍ଥାରେ ତ ଏ ଅଭ୍ୟାସକୁ ଛାଡ଼ିବାଟା ନିତାନ୍ତ ଜରୁରୀ । ଶରୀର ପାଇଁ ସଇତାନର କାମ କରେ ଧୂମପାନ , ଏହାଦ୍ୱାରା ଆଣ୍ଠୁଗଣ୍ଠି ବିନ୍ଧା ସମସ୍ୟା ମଧ୍ୟ ବଢିଯାଏ । ଏହାଦ୍ୱାରା ଶରୀରରେ ଥିବା ଆବଶ୍ୟକୀୟ ପୋଷକ ତତ୍ତ୍ୱ ଯେଭଳି କ୍ୟାଲସିୟମ୍ ସ୍ତର କମିଯାଏ । ଏହି ସବୁ ସମସ୍ୟା କାରଣରୁ ଧୂମପାନ କରିବା ଅଭ୍ୟାସକୁ ଦୂରେଇଦେବା ଭଲ । ଏହା ସହ ବାରମ୍ବାର ଚା' ଓ କଫି ପିଇବା ଅଭ୍ୟାସକୁ ମଧ୍ୟ କମାଇଦିଅନ୍ତୁ । ୪୫ ବର୍ଷ ପାର୍ ହୋଇଗଲେ କିଛି ସମୟ ଅନ୍ତରରେ ସ୍ୱାସ୍ଥ୍ୟପରୀକ୍ଷା କରାଇବାକୁ ଡାକ୍ତର ମଧ୍ୟ ପରାମର୍ଶ ଦେଇଥାନ୍ତି । ମହିଳାଙ୍କୁ ବୋନ୍ ମିନେରାଲ୍ ଡେନସିଟି ଟେଷ୍ଟ୍ କରାଇବାକୁ ମଧ୍ୟ କୁହାଯାଏ । ଖାସ୍ କରି ମାସିକ ଋତୁସ୍ରାବର ସମ୍ମୁଖୀନ ହେଉଥିବା ମହିଳାଙ୍କୁ ଏହି ଟେଷ୍ଟ୍ କରାଇବା ନିହାତି ଜରୁରୀ । ଏହି ସମୟରେ ହାଡ଼ ଦୁର୍ବଳ ହେବାକୁ ଲାଗିଥାଏ । ମହିଳାମାନେ ଡାଏଟରେ କ୍ୟାଲସିୟମ୍ ଥିବା ଖାଦ୍ୟ ସାମିଲ୍ କରନ୍ତୁ । ସୁସ୍ଥ ଏବଂ ନିରୋଗ ଶରୀର ପାଇଁ ବ୍ୟାୟାମକୁ କରନ୍ତୁ ବନ୍ଧୁ । ବ୍ୟାୟାମ ଦ୍ୱାରା ଆଣ୍ଠୁଗଣ୍ଠି ବିନ୍ଧା ସମସ୍ୟା ମଧ୍ୟ ରହେନାହିଁ । ଫିଟନେସ୍ ଏକ୍ସପର୍ଟଙ୍କ କହିବାନୁସାରେ , ବୟସ୍କ ବ୍ୟକ୍ତିବିଶେଷଙ୍କୁ ପ୍ରତିଦିନ ୩୦ ମିନିଟ୍ ବ୍ୟାୟାମ ଅଭ୍ୟାସ କରିବା ନିତାନ୍ତ ଆବଶ୍ୟକ ।

# ବୁମ୍ରାଙ୍କୁ 'ପ୍ଲେୟାର ଅଫ ଦି ମନ୍ଥ' ପୁରସ୍କାର ପାଇଁ ଚୟନ କଲା ଆଇସିସି




**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ଜସ୍‌ପ୍ରୀତ ବୁମ୍‌ରାଙ୍କୁ ଏକ ସ୍ୱତନ୍ତ୍ର ପୁରସ୍କାର ମିଳିଛି। ଆଇସିସି ବୁମ୍‌ରାଙ୍କୁ 'ପ୍ଲେୟାର ଅଫ ଦି ମନ୍ଥ' ପୁରସ୍କାର ପାଇଁ ଚୟନ କରିଛି। ଡିସେମ୍ବର ୨୦୨୪ ପାଇଁ ବୁମ୍‌ରାଙ୍କୁ ଏହି ପୁରସ୍କାର ଦିଆଯିବ। ଆଇସିସି ଏହାର ଅଫିସିଆଲ ୱେବ୍‌ସାଇଟ୍ ମାଧ୍ୟମରେ ଏହି ସୂଚନା ଶେୟାର କରିଛି। ଭାରତର ଅଷ୍ଟ୍ରେଲିଆ ଗସ୍ତ ସମୟରେ ବୁମ୍‌ରା ଘାତକ ବୋଲିଂ କରିଥିଲେ। ଭାରତ-ଅଷ୍ଟ୍ରେଲିଆ ଟେଷ୍ଟ ପାଇଁ ବୁମ୍‌ରାଙ୍କୁ ପ୍ଲେୟାର ଅଫ ଦି ସିରିଜ୍ ମଧ୍ୟ ବିବେଚିତ କରାଯାଇଥିଲା।

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯାଇଥିଲା। ଏହି ସିରିଜରେ ସର୍ବାଧିକ ଉଇକେଟ ନେବାରେ ବୁମ୍‌ରା ଶୀର୍ଷରେ ଥିଲେ। ସେ ୫ଟି ମ୍ୟାଚ୍‌ରେ ୩୨ଟି ଉଇକେଟ ନେଇଥିଲେ। ବୁମ୍‌ରା ମୋଟ ୧୫୧.୨ ଓଭର ବୋଲିଂ କରିଥିଲେ। ଏହି ସମୟ ମଧ୍ୟରେ ହାରାହାରି ୧୩.୦୬ ଥିଲା। ସର୍ବଶ୍ରେଷ୍ଠ ଆଭ୍‌ରେଜ୍ ଦୃଷ୍ଟିରୁ ମଧ୍ୟ ବୁମ୍‌ରା ଶୀର୍ଷରେ ଥିଲେ। ସେ ସିରିଜରେ ତିନିଥର ପାଞ୍ଚ କିମ୍ବା ତା'ଠାରୁ ଅଧିକ ଉଇକେଟ ନେବାର କୃତିତ୍ୱ ମଧ୍ୟ ହାସଲ କରିଥିଲେ।

ଅଷ୍ଟ୍ରେଲିଆର ଘାତକ ବୋଲର କମିନ୍ସ ସର୍ବାଧିକ ଉଇକେଟ ନେବାରେ ଦ୍ୱିତୀୟ ସ୍ଥାନରେ ଥିଲେ। ସେ ୫ଟି ମ୍ୟାଚ୍‌ରେ ୨୫ଟି ଉଇକେଟ ନେଇଥିଲେ। କମିନ୍ସ 'ପ୍ଲେୟାର ଅଫ ଦି ମନ୍ଥ' ଟାଇଟଲ ପାଇଁ ଦୌଡ଼ରେ ଥିଲେ। କିନ୍ତୁ ବୁମ୍‌ରା ତାଙ୍କୁ ପଛରେ ପକାଇ ଦେଇଥିଲେ। ଏହା ସହିତ ଦକ୍ଷିଣ ଆଫ୍ରିକାର ବୋଲର ଡାନ ପିଟରସନଙ୍କୁ ମଧ୍ୟ ମନୋନୀତ କରାଯାଇଥିଲା। କିନ୍ତୁ ବୁମ୍‌ରା ତାଙ୍କୁ ମଧ୍ୟ ପଛରେ ପକାଇ ଦେଇଥିଲେ।

# ଏଣିକି ଖେଳାଳିଙ୍କ ସାଙ୍ଗରେ ଯାଇପାରିବେନି ପତ୍ନୀ : ବିସିସିଆଇ

**ନୂଆଦିଲ୍ଲୀ**

କଠୋର ହେବ ବିସିସିଆଇ। ଏଣିକି ଆଉ ଖେଳାଳିଙ୍କ ସାଙ୍ଗର ଯାଇପାରିବେନି ପତ୍ନୀ ତଥା ପରିବାର। ଗାର୍ଲଫ୍ରେଣ୍ଡମାନଙ୍କୁ ମଧ୍ୟ ଯିବାକୁ ମିଳିବନି ଅନୁମତି। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ହାରିବା ପରେ ଖେଳାଳିଙ୍କ ପାଇଁ ଏଭଳି କିଛି କଠୋର ନିୟମ ଆଣିବାକୁ ଯୋଜନା କରୁଛି ବିସିସିଆଇ।

ନିକଟରେ ଭାରତ ବର୍ଡର ଗାଭାସ୍କର ଟ୍ରଫି ହାରିଛି। ଅଷ୍ଟ୍ରେଲିଆ ଠାରୁ ସେ ପରାଜୟର ସମ୍ମୁଖୀନ ହୋଇଛି। ଏହାପରେ ଅଧିନାୟକ, ଖେଳାଳି ଏବଂ ପ୍ରଶିକ୍ଷକଙ୍କୁ କେବଳ ସମାଲୋଚନା କରାଯାଇ ନ ଥିଲା ବରଂ ବିସିସିଆଇ ମଧ୍ୟ ଟାର୍ଗେଟକୁ ଆସିଛନ୍ତି। ଏହାପରେ ଏବେ ଖେଳାଳିଙ୍କୁ ନେଇ କିଛି କଠୋର ନିୟମ ଆଣିବାକୁ ବିସିସିଆଇ ପ୍ରସ୍ତୁତ ହେଉଥିବା ସୂଚନା ରହିଛି।

ଟିମ୍ ଇଣ୍ଡିଆର ପରାଜୟ ପରେ ବିସିସିଆଇର ଏକ ବୈଠକ ବସିଥିଲା। ଶନିବାର ମୁମ୍ବାଇରେ ଅନୁଷ୍ଠିତ ବୈଠକରେ ହେଡ୍ କୋଚ୍ ଗୌତମ ଗମ୍ଭୀର, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏବଂ ଅଧିନାୟକ ରୋହିତ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବୋର୍ଡ ଖେଳାଳି ଏବଂ ପ୍ରଶିକ୍ଷକ କର୍ମଚାରୀଙ୍କ ପାଇଁ ନୂତନ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରୁଛି।



ନୂଆ ନିୟମ ଅନୁଯାୟୀ, ଯଦି କୌଣସି ସିରିଜ୍ ୪୫ ଦିନ କିମ୍ବା ତା'ଠାରୁ ଅଧିକ ହୁଏ, ଏହି ସମୟରେ ପରିବାରକୁ ଖେଳାଳିଙ୍କ ସହିତ ୧୪ଦିନ ରହିବାକୁ ସୁଯୋଗ ମିଳିବ। ଯଦି ସିରିଜ୍ ଏହା ଠାରୁ କମ୍ ହୋଇଥିବ ତେବେ ୭ ଦିନ ରହିବାକୁ ଅନୁମତି ମିଳିବ। ଖେଳାଳିମାନେ ୭ ଦିନରୁ ଅଧିକ ସମୟ ନିଜ ପତ୍ନୀଙ୍କ ସହ ଗୋଟିଏ ହୋଟେଲରେ ରହିପାରିବେ ନାହିଁ।

ନୂଆ ନିୟମ ଅନୁଯାୟୀ, ଟୁର୍ଣ୍ଣାମେଣ୍ଟ ମଧ୍ୟରେ ପତ୍ନୀମାନେ ଖେଳାଳିଙ୍କ ସହିତ ରହି ପାରିବେ ନାହିଁ। ପରିବାରକୁ କେବଳ ଦୁଇ ସପ୍ତାହ ପାଇଁ ରହିବାକୁ ଅନୁମତି ମିଳିବ। ଏହାଛଡ଼ା ସମସ୍ତ ଖେଳାଳି ଟିମ୍ ବସ୍‌ରେ ଯାତ୍ରା କରିବା ବାଧ୍ୟତାମୂଳକ। ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ନିଜସ୍ୱ ମ୍ୟାନେଜରକୁ ଭିଆଇପି ବକ୍ସ କିମ୍ବା ଟିମ୍ ବସ୍‌ରେ ବସିବାକୁ ଅନୁମତି ମିଳିବ ନାହିଁ। ଖେଳାଳିଙ୍କ ଲଗେଜ୍ ଯଦି ୧୫୦ କିଲୋଗ୍ରାମରୁ ଅଧିକ ହୁଏ ତେବେ ଅତିରିକ୍ତ ସାମଗ୍ରୀର ଶୁଳ୍କ ବିସିସିଆଇ ପଇଠ କରିବ ନାହିଁ।

ଅଷ୍ଟ୍ରେଲିଆ ବିରୋଧରେ ଟିମ୍ ଇଣ୍ଡିଆ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ବର୍ଡର ଗାଭାସ୍କର ଟ୍ରଫିରେ ପରାସ୍ତ ହୋଇଛି। ଭାରତୀୟ ଦଳ ୧-୩ରେ ସିରିଜ ଲଜ୍ଜାଜନକ ଭାବେ ହାରିଛି। ଏହି ପରାଜୟ ପରେ ଦଳ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍‌ରୁ ବାଦ୍ ପଡ଼ିଛି। ଭାରତୀୟ ଟିମ୍‌ର ଡବ୍ଲ୍ୟୁଟିସି ଫାଇନାଲ ଖେଳିବା ସ୍ୱପ୍ନ ଭାଙ୍ଗିଯାଇଛି।

# କ୍ୟାରିୟର ବଞ୍ଚାଇବା ପାଇଁ ବଡ଼ ନିଷ୍ପତ୍ତି ନେଲେ ରୋହିତ ଶର୍ମା

**ମୁମ୍ବାଇ**

ରୋହିତ ଶର୍ମା ଏବଂ ବିରାଟ କୋହଲି ବହୁତ ଖରାପ ଫର୍ମରେ ଅଛନ୍ତି। ରୋହିତ ଫର୍ମକୁ ଫେରିବା ଏବଂ ତାଙ୍କ ଟେଷ୍ଟ କ୍ୟାରିୟରକୁ ବଞ୍ଚାଇବା ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ରଣଜୀ ଟ୍ରଫି ପାଇଁ ମୁମ୍ବାଇର ଅଭ୍ୟାସ ଅଧିବେଶନରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ତଥାପି ସେ ରଣଜୀ ମ୍ୟାଚ ଖେଳିବେ କି ନାହିଁ ସେ ବିଷୟରେ କୌଣସି ଅପଡେଟ ନାହିଁ। ରୋହିତ ମୁମ୍ବାଇର ରଣଜୀ ଦଳରେ ଯୋଗଦେବାକୁ ନିଷ୍ପତ୍ତି ନେଇ ଅନ୍ୟମାନଙ୍କ ପାଇଁ ସର୍ବୋତ୍ତମ ଉଦାହରଣ ସୃଷ୍ଟି କରିଛନ୍ତି। ରୋହିତ ୱାଙ୍ଖେଡେ ଷ୍ଟାଡିୟମରେ ନେଟ୍ସରେ ମୁମ୍ବାଇ ଦଳ ସହିତ ଅଭ୍ୟାସ କରିବେ। ଅଷ୍ଟ୍ରେଲିଆର ଏକ ବିପର୍ଯ୍ୟୟପୂର୍ଣ୍ଣ ଗସ୍ତରୁ ଫେରିବା ପରେ ରୋହିତ ପ୍ରଶିକ୍ଷଣ ଅଧିବେଶନ ଆରମ୍ଭ କରିବାକୁ ଅଧିକ ସମୟ ନେଇ ନଥିଲେ। ଏହା ସହିତ, ସେ ଚାମ୍ପିଅନ୍ସ ଟ୍ରଫି ପାଇଁ ପ୍ରସ୍ତୁତି ପାଇଁ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି।

ରଣଜୀ ଟ୍ରଫିର ପରବର୍ତ୍ତୀ ରାଉଣ୍ଡରେ ମୁମ୍ବାଇ ଜମ୍ମୁ ଏବଂ କଶ୍ମୀରକୁ ଭେଟିବ। ରୋହିତ ଏପର୍ଯ୍ୟନ୍ତ ରଣଜୀ ଦଳରେ ଚୟନ ପାଇଁ ତାଙ୍କର ଉପଲବ୍ଧତା ନିଶ୍ଚିତ କରିନାହାନ୍ତି, କିନ୍ତୁ ଲାଲ ବଲ କ୍ରିକେଟରେ ନିଜର ଦକ୍ଷତାକୁ ଉନ୍ନତ କରିବା ପାଇଁ ବିଶ୍ରାମ ନେବା ପରିବର୍ତ୍ତେ ନେଟ୍ସରେ ସମୟ ବିତାଇବାକୁ ନିଷ୍ପତ୍ତି ନେଇଛନ୍ତି। ଦଳରେ ତାଙ୍କର ଅଂଶଗ୍ରହଣ ମଧ୍ୟ ଖୁବ ଶୀଘ୍ର ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ରୋହିତ ଶେଷ ଥର ପାଇଁ ୨୦୧୫ରେ ଉତ୍ତର ପ୍ରଦେଶ ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ୍‌ରେ ମୁମ୍ବାଇ ପାଇଁ ଖେଳିଥିଲେ। ବର୍ଡର-ଗାଭାସ୍କର ଟ୍ରଫିରେ ରନ ସ୍କୋର କରିବାରେ ସଂଘର୍ଷ କରିବା ପରେ ଦେଶର ଟେଷ୍ଟ ଏବଂ ଏକଦିବସୀୟ ଅଧିନାୟକ ନିଜର ମୌଳିକ ସ୍ଥିତିକୁ ଫେରିବାର ଆବଶ୍ୟକତା ଅନୁଭବ କରିଛନ୍ତି।

ରଣଜୀ ଟ୍ରଫିର ପରବର୍ତ୍ତୀ ପର୍ଯ୍ୟାୟ ଜାନୁଆରୀ ୨୩ରୁ ଆରମ୍ଭ ହେବ। ରୋହିତଙ୍କ ବ୍ୟତୀତ ବିରାଟ କୋହଲିଙ୍କୁ ମଧ୍ୟ ଦୀର୍ଘ ଫର୍ମାଟରେ ନିଜର ଫର୍ମକୁ ଉନ୍ନତ କରିବା ପାଇଁ ଘରୋଇ କ୍ରିକେଟ ଖେଳିବା ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଛି। ଅଷ୍ଟ୍ରେଲିଆରେ ତାଙ୍କୁ ରନ ସ୍କୋର କରିବାକୁ ସଂଘର୍ଷ କରୁଥିବାର ମଧ୍ୟ ଦେଖାଯାଇଥିଲା। କୋହଲି ଶେଷ ଥର ପାଇଁ ୨୦୧୨ ମସିହାରେ ରଣଜୀ ଟ୍ରଫି ମ୍ୟାଚ ଖେଳିଥିଲେ। ପୂର୍ବରୁ, ଅଷ୍ଟ୍ରେଲିଆ ବିପକ୍ଷରେ ବର୍ଡର-ଗାଭାସ୍କର ଟ୍ରଫିରେ ୧-୩ ପରାଜୟ ପରେ, ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଖେଳାଳିମାନଙ୍କୁ ଘରୋଇ ଟୁର୍ଣ୍ଣାମେଣ୍ଟରେ ଖେଳିବା ଉପରେ ଗୁରୁତ୍ୱ ଦେଇଥିଲେ।

# ଆଣ୍ଠେଇ ଆଣ୍ଠେଇ ତିରୁପତିଙ୍କୁ ଦର୍ଶନ କରିବାକୁ ପହଞ୍ଚିଲେ ନୀତିଶ ରେଡ୍ଡି

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟରେ ଏଭଳି ଅନେକ ଖେଳାଳି ଅଛନ୍ତି ଯେଉଁମାନଙ୍କର ଭଗବାନଙ୍କ ଉପରେ ବହୁତ ଆସ୍ଥା। କିଛି ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ସେମାନେ ଭଗବାନଙ୍କଠାରୁ ଆଶୀର୍ବାଦ ନେବାକୁ ପହଞ୍ଚିଥାନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ମାରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ୍ ନୀତୀଶ ରେଡ୍ଡି କରି ଚର୍ଚ୍ଚାକୁ ଆସିଛନ୍ତି। ବର୍ଡର ଗାଭାସ୍କର ଟ୍ରଫିରେ ନୀତୀଶ ଭାରତୀୟ ଟିମ୍ ପାଇଁ ଟେଷ୍ଟ ଡେବ୍ୟୁ କରିଥିଲେ। ସେ ମେଲବର୍ଣ୍ଣ ଟେଷ୍ଟରେ ଶତକ ଲଗାଇଥିଲେ। ଅଷ୍ଟ୍ରେଲିଆରେ ଖେଳାଯାଇଥିବା ୫ ଟେଷ୍ଟ ମ୍ୟାଚ୍‌ରେ ସେ ୩୭.୨୫ ହାରରେ ୨୯୮ ରନ୍ କରିଥିଲେ। ତାଙ୍କ ବ୍ୟାଟିଂ ଅନେକଙ୍କୁ ପ୍ରଭାବିତ କରିଥିଲା। ପ୍ରଶଂସକ ମଧ୍ୟ ନୀତୀଶଙ୍କ ପ୍ରଦର୍ଶନକୁ ନେଇ ସୋସିଆଲ ମିଡିଆରେ ପ୍ରଶଂସା କରିଥିଲେ।

ଅଷ୍ଟ୍ରେଲିଆରୁ ଫେରିବା ପରେ ନୀତୀଶଙ୍କୁ ଆଉ ଏକ ଖୁସିଖବର ମିଳିଥିଲା। ବିସିସିଆଇ ତାଙ୍କୁ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଟି୨୦ ସିରିଜ୍‌ରେ ଚୟନ କରିଛି। ଏମିତିରେ ସେ ଭଗବାନଙ୍କୁ ଧନ୍ୟବାଦ ଜଣାଇବା ଏବଂ ତାଙ୍କ ଆଶୀର୍ବାଦ ନେବାକୁ ତିରୁପତିରେ ପହଞ୍ଚିଥିଲେ। କ୍ରିକେଟର ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ସେ ମନ୍ଦିର ସିଡ଼ିରେ ଆଣ୍ଠେଇ ଆଣ୍ଠେଇ ଚଢୁଥିବା ଦେଖାଯାଇଛି। ଏହା ତାଙ୍କ ଭଗବାନଙ୍କ ପ୍ରତି ଥିବା ଶ୍ରଦ୍ଧାକୁ ଦର୍ଶାଉଥିବା ପ୍ରଶଂସକ ପ୍ରତିକ୍ରିୟା ରଖୁଛନ୍ତି।

ନୀତୀଶ ଏଯାବତ୍ ୫ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ସେ ପର୍ଥ ଟେଷ୍ଟ ମ୍ୟାଚ୍‌ରେ ନିଜର ଡେବ୍ୟୁ କରିଥିଲେ। ସିରିଜରେ ସେ ୨୯୮ ରନ୍ କରିଥିଲେ। ଏଥିରେ ଗୋଟିଏ ଶତକ ଥିଲା। ଆଇପିଏଲ୍‌ରେ ସେ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳୁଛନ୍ତି। ସେଥିରେ ସେ ୧୫ ମ୍ୟାଚ୍‌ରେ ୩୩.୬୭%ରେ ୩୦୩ ରନ୍ କରିଛନ୍ତି।

# ରୋହିତ-କୋହଲିଙ୍କ ଭବିଷ୍ୟତ ସ୍ଥିର କରିପାରେ ଚାମ୍ପିଅନ୍ସ ଟ୍ରଫି

**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତ ୧-୩ରେ ପରାଜିତ ହେଲା। ଏହା ସହିତ ଭାରତୀୟ ଟିମ୍ ୧୦ ବର୍ଷ ପରେ ବର୍ଡର-ଗାଭାସ୍କର ଟ୍ରଫି ବି ହାତଛଡ଼ା କଲା। ଏପରିକି ଦଳ ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଫାଇନାଲରେ ବି ପହଞ୍ଚି ପାରି ନ ଥିଲା। ଏସବୁ ଭିତରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ରବିବାର ମୁମ୍ବଇରେ ସମୀକ୍ଷା ବୈଠକ ଡକାଇଥିଲା। ବୈଠକରେ ବିଗତ ଦିନରେ ଭାରତର ଖରାପ ପ୍ରଦର୍ଶନ ଏବଂ ଅଧିନାୟକ ରୋହିତ ଶର୍ମାଙ୍କ ସମେତ ବିରାଟ କୋହଲିଙ୍କ ପ୍ରଦର୍ଶନ ଉପରେ ବି ଆଲୋଚନା ହୋଇଥିବା ଜଣାପଡ଼ିଛି।




ଅଷ୍ଟ୍ରେଲିଆ ଗସ୍ତ ସମୟରେ ଭାରତୀୟ ଦଳ କ'ଣ ପାଇଁ ନୈରାଶ୍ୟଜନକ ପ୍ରଦର୍ଶନ କଲା ତାହାର ସମୀକ୍ଷା କରିବା ଲାଗି ବୈଠକ ଡକାଯାଇଥିଲା। ଏଥିରେ ଅଧିନାୟକ ରୋହିତ ଶର୍ମା, ମୁଖ୍ୟ କୋଚ୍ ଗୌତମ ଗମ୍ଭୀର, ବିସିସିଆଇ ଅଧ୍ୟକ୍ଷ ରୋଜର ବିନ୍ନି, ସମ୍ପାଦକ ଦେବଜିତ ସୈକିୟା ଏବଂ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ସାମିଲ ହୋଇଥିଲେ। ପ୍ରାୟ ୨ ଘଣ୍ଟା ଧରି ବୈଠକ ଚାଲିଥିଲା। ବୈଠକରେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଦର୍ଶନ ଉପରେ ବି ଆଲୋଚନା ହୋଇଥିଲା। ନ୍ୟୁଜିଲାଣ୍ଡଠାରୁ ଭାରତୀୟ ଦଳ ଘରୋଇ ମାଟିରେ ୦-୩ରେ ଟେଷ୍ଟ ସିରିଜ୍ ହାରିଥିଲା।

ସୂତ୍ର ଅନୁସାରେ, ସମୀକ୍ଷା ବୈଠକରେ ରୋହିତ ଏବଂ ବିରାଟ କୋହଲିଙ୍କ ପ୍ରଦର୍ଶନ ଉପରେ ଆଲୋଚନା ହୋଇଛି। ଉଭୟଙ୍କୁ ପଡ଼ିଆରେ ଭଲ ପ୍ରଦର୍ଶନ କରିବାକୁ କୁହାଯାଇଥିବା ଜଣାପଡ଼ିଛି। ଚାମ୍ପିଅନ୍ସ ଟ୍ରଫିରେ ରୋହିତ ଅଧିନାୟକ ରହିପାରନ୍ତି। କିନ୍ତୁ ସେଥିରେ ପ୍ରଦର୍ଶନରେ ସୁଧାର ନ ଆସିଲେ ଅଧିନାୟକ ପଦ ସମ୍ପର୍କରେ ବିସିସିଆଇ ପକ୍ଷରୁ କିଛି ନିଷ୍ପତ୍ତି ନିଆଯାଇପାରେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ଏପରି ବି ରୋହିତ ଏବଂ କୋହଲିଙ୍କ ପ୍ରଦର୍ଶନ ଭଲ ନ ଥିବାରୁ ସେମାନଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗାମୀ ଚାମ୍ପିଅନ୍ସ ଟ୍ରଫିରେ ଉଭୟଙ୍କ ପ୍ରଦର୍ଶନ ସେମାନଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି।

# ଆରମ୍ଭ ହେଲା ସର୍ବଭାରତୀୟ ପାଟଣାକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ଯୋଗଦେଲେ ୮ ଦଳ

**ପାଟଣାଗଡ଼**

ବଲାଙ୍ଗୀର ଜିଲା ପାଟଣଗଡ଼ ଏନ୍‌ଏସି ରମାଇ ହାଇସ୍କୁଲ ଖେଳପଡିଆରେ ସୋମବାର ୨୦ତମ ସର୍ବଭାରତୀୟ ପାଟଣାକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପାଟଣାଗଡ଼ ଉପ ଜିଲାପାଳ ସୁନୀଲ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ।

ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ଯୋଗଦେଇ ଥିଲେ। ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟବାହାରୁ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦଳରେ ରଣଜୀ ଖେଳାଳି ଖେଳୁଥିବା ସୂଚନା ମିଳିଛି।

ଉଦ୍‌ଘାଟନୀ ମ୍ୟାଚ୍ ପୋଳ ଏ'ରେ ବିଲାସପୁର ଏବଂ ପଶ୍ଚିମବଙ୍ଗ ଆସନସୋଲ ମଧ୍ୟରେ ହୋଇଥିଲା। ବିଲାସପୁର ଟସ୍ ଜିତି ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରେ ୯ ଉଇକେଟ ହରାଇ ବିଲାସପୁର ୧୬୮ ରନ୍ କରିଥିଲା। ଫଳରେ ଆସନସୋଳ ଦଳକୁ ୧୬୯ ରନ୍‌ର ବିଜୟ ଟାର୍ଗେଟ ଦେଇଥିଲା ବିଲାସପୁର। ଆସନସୋଲ ଦଳ ୧୬୮ ରନ୍‌ର ପିଛାକରି ୧୮ ଓଭର ୫ ବଲରେ ୨ ଉଇକେଟ ହରାଇ ୧୬୯ ରନ୍ କରି ବିଜୟୀ ହୋଇଥିଲା। ମ୍ୟାଚକୁ ଓସିଏ ଅମ୍ପାୟର ପୃଥିରାଜ ମିଶ୍ର ଏବଂ ସତ୍ୟ ରଥ ପରିଚାଳନା କରିଥିଲେ।



# କମିଶନରେଟ୍ ପୋଲିସର ପ୍ରତିଷ୍ଠା ଦିବସ : ବକ୍ସି ବଜାରରୁ ପୋଲିସ ଗ୍ରାଉଣ୍ଡ ଯାଏଁ ମିନି ମାରାଥନ




**କଟକ, ନ୍ୟୁଜ୍‌ବ୍ୟୁରୋ**

କମିଶନରେଟ ପୋଲିସର ପ୍ରତିଷ୍ଠା ଦିବସ ଅବସରରେ କଟକରେ ଅନୁଷ୍ଠିତ ହୋଇଛି ଏକ ରୋଡ୍ ରନ କାର୍ଯ୍ୟକ୍ରମ। ବକ୍ସି ବଜାର ପୋଲିସ ଗ୍ରାଉଣ୍ଡରୁ ଆରମ୍ଭ ହୋଇ ଇଣ୍ଡୋର ଷ୍ଟାଡିଅମରେ ଶେଷ ହୋଇଥିଲା ମିନି ମାରାଥନ। ଏହି କାର୍ଯ୍ୟକ୍ରମକୁ ପତକା ଦେଖାଇ ଉଦ୍‌ଘାଟନ କରିଥିଲେ କଟକ ମେୟର ସୁବାସ ସିଂ ଓ ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋସ। ସେହିପରି ଏହି ଗଣଦୌଡ଼ରେ ବିଭିନ୍ନ ବୟସ ବର୍ଗର ବ୍ୟକ୍ତି ବିଶେଷ ଓ କଟକର ବିଭିନ୍ନ ଥାନାରୁ ଆସିଥିବା କର୍ମଚାରୀ ସାମିଲ ହୋଇଥିଲେ। ସାମାଜିକ ଦାୟିତ୍ୱ ସହ ଲୋକଙ୍କ ସେବା ଓ ସୁରକ୍ଷା ଆମର କର୍ତ୍ତବ୍ୟ ବୋଲି କହିଛନ୍ତି ପୋଲିସ ଡିସିପି। ତେବେ ଆଗକୁ କମିଶନରେଟ ପୋଲିସ କଟକରେ କିପରି ଭଲ କାମ କରିବ ତାହା ଆମର ଲକ୍ଷ୍ୟ ବୋଲି କହିଛନ୍ତି ଡିସିପି ଜଗମୋହନ ମିନା। ଏହାବ୍ୟତୀତ ପୋଲିସ ହୁଅନ୍ତୁ କି ସାଧାରଣ ଜନତା ସମସ୍ତେ ଫିଟ୍ ରହିବା ପାଇଁ କମିଶନରେଟ ପୋଲିସ ସର୍ବଦା ଆହ୍ୱାନ ଦେଇଆସିଛି। ତେଣୁ ଏହି ପ୍ରତିଷ୍ଠା ଦିବସରେ ଦୈନନ୍ଦିନ ଜୀବନରେ ଫିଟ୍ ରହିବା ଯଥେଷ୍ଟ ଆବଶ୍ୟକ ବୋଲି ମତ ରଖିଥିଲେ ଅନ୍ୟାନ୍ୟ ଅତିଥିଗଣ।

# ସନ୍ତୋଷପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିବେକାନନ୍ଦ ଜୟନ୍ତୀ ଓ ବାର୍ଷିକ କ୍ରୀଡ଼ା

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସନ୍ତୋଷ ପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ପରିସରରେ ଜାତୀୟ ଯୁବ ଦିବସ ପାଳନ ଓ କାର୍ତ୍ତିକ ଡିହ ଗ୍ରାମ ଠାକୁରାଣୀ ପୀଠରେ ମଶାଲ ଜଳାଇ ବିବେକାନନ୍ଦ ଜୟନ୍ତୀ ଓ ବାର୍ଷିକ କ୍ରୀଡ଼ାର ଶୁଭ ଉଦ୍‌ଘାଟନ ଅନୁଷ୍ଠାନର ପ୍ରତିଷ୍ଠାତା ରାମକୃଷ୍ଣ ଭକ୍ତ ବଟକୃଷ୍ଣ ତ୍ରିପାଠୀ କରିଥିଲେ। ମଶାଲ ଗ୍ରାମମାନଙ୍କରେ ବୁଲାଯାଇଥିଲା। କ୍ରୀଡ଼ା ଦିବସର ପ୍ରଥମ ଦିବସରେ ଶିକ୍ଷାର୍ଥୀ ମାନଙ୍କ ବନ୍ଦନା ଓ ଗାୟତ୍ରୀ ମନ୍ତ୍ର ଓ ନୃତ୍ୟ ଝୁମ୍ ସାକାଲାକା



ପ୍ରତିଯୋଗିତା କରାଯାଇଥିଲା। ସଂଗୀତର ତାଳେ ତାଳେ ସମସ୍ତ ଶିକ୍ଷାର୍ଥୀ ନୃତ୍ୟରେ ଝୁମିଥିଲେ। ଉପ ପ୍ରଧାନ ଆଚାର୍ଯ୍ୟ ଅପରାଜିତା ରଥ, ମିନାକ୍ଷୀ, ମୋନାଲିସା, ନିହାରିକା, ଇନ୍ଦିରା, ପିଙ୍କି, ଜ୍ୟୋତି, ସଞ୍ଜୟ ଗୁରୁଜୀ ଓ ଆଲୋକ ଗୁରୁଜୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ଏଣିକି ଖରାପ ପ୍ରଦର୍ଶନ କଲେ କଟିବ ପଇସା !

**ନୂଆଦିଲ୍ଲୀ**

ଭାରତୀୟ ଦଳ ନିକଟରେ ଅଷ୍ଟ୍ରେଲିଆ ଗସ୍ତରେ ବର୍ଡର ଗାଭାସ୍କର ଟ୍ରଫି ୨୦୨୪-୨୫ ଖେଳିଥିଲା। ୫ ମ୍ୟାଚ ବିଶିଷ୍ଟ ସିରିଜରେ ଟିମ୍ ଇଣ୍ଡିଆକୁ ୧-୩ରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଏବେ ଦଳ ଏବଂ ଖେଳାଳିଙ୍କ ଖରାପ ପ୍ରଦର୍ଶନକୁ ବିଚାର କରି ଏକ ବଡ଼ ନିଷ୍ପତ୍ତି ନିଆଯାଇପାରେ। ଏହି ନିଷ୍ପତ୍ତି ଅନୁଯାୟୀ, ଖରାପ ପ୍ରଦର୍ଶନ କରୁଥିବା ଖେଳାଳିଙ୍କ ଦରମା ହ୍ରାସ ପାଇବ।

ଅଷ୍ଟ୍ରେଲିଆ ଗସ୍ତରେ ଟିମ ଇଣ୍ଡିଆର ଖରାପ ପ୍ରଦର୍ଶନର ସମୀକ୍ଷା କରାଯାଇଥିଲା। ସମୀକ୍ଷା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏବଂ ଭାରତୀୟ ଅଧିନାୟକ ରୋହିତ ଶର୍ମା ଉପସ୍ଥିତ ଥିଲେ। ରିପୋର୍ଟ ଅନୁଯାୟୀ, ଏହି ବୈଠକରେ ହିଁ ଖେଳାଳିଙ୍କ ଦରମା କାଟ୍ ପ୍ରସଙ୍ଗ ଉପରେ ବିଚାର କରାଯାଇଥିଲା। ସୂତ୍ର ଅନୁଯାୟୀ, ଏହା ଦିଆଯାଇଥିବା ପରାମର୍ଶ ମଧ୍ୟରୁ ଗୋଟିଏ ଥିଲା ଯେ ଖେଳାଳିମାନଙ୍କୁ ଦାୟୀ କରାଯିବା ଉଚିତ୍ ଏବଂ ଯଦି ସେମାନଙ୍କର ପ୍ରଦର୍ଶନ ଆଶାନୁରୂପ ନ ହୁଏ ତେବେ ସେମାନଙ୍କୁ ଦରମା କାଟ୍‌ର ସମ୍ମୁଖୀନ ହେବାକୁ ପଡ଼ିବ। ତଥାପି ଏ ବିଷୟରେ ଆନୁଷ୍ଠାନିକ ସୂଚନା ଏ ପର୍ଯ୍ୟନ୍ତ ଆସିନାହିଁ। ଏବେ ଏହା ପ୍ରକୃତରେ ଘଟିବ କି ନାହିଁ ତାହା ଦେଖିବା ଆକର୍ଷଣୀୟ ହେବ।

# ଆଜିଠୁ ୨୬ତମ ଜଗତସିଂହପୁର ପୁସ୍ତକମେଳା

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ସାଂସ୍କୃତିକ ପରିଷଦର ଆନୁକୂଲ୍ୟରେ ୨୬ତମ ଜଗତସିଂହପୁର ପୁସ୍ତକମେଳା-୨୦୨୫ ଆୟୋଜନ ନିମନ୍ତେ ସାମ୍ବାଦିକ ସମ୍ମିଳନୀ ଜିଲ୍ଲାପାଳଙ୍କ ସମ୍ମୁଖସ୍ଥ ପଡ଼ିଆ ପୁସ୍ତକମେଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପ୍ରଶାସନ ପକ୍ଷରୁ ପୁସ୍ତକମେଳାକୁ ସଫଳ କରିବାକୁ ସମସ୍ତ ପ୍ରକାର ସହଯୋଗ ଦିଆଯାଇଛି। ଷ୍ଟଡି ଜୋନ୍, ବ୍ୟାଙ୍ଗ କବି ସମ୍ମିଳନୀ, ଓଡ଼ିଶାର ପ୍ରତିଷ୍ଠିତ ସାଂସ୍କୃତିକ ଦଳ, ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସାଂସ୍କୃତିକ ଦଳ, ବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ ଦଳ, ବିଭିନ୍ନ ସାହିତ୍ୟ ଅନୁଷ୍ଠିତ ଦ୍ୱାରା କବିତା ପାଠୋତ୍ସବ, ପ୍ରତ୍ୟେକ ଦିନ କୁଇଜ୍ ପ୍ରତିଯୋଗିତା



ଆଦି କରାଯିବା ସହ ସ୍ୱତନ୍ତ୍ର ଭାବରେ ୧୭ ତାରିଖ ଦିନ ପାଇଁ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ୨ଟି ପର୍ଯ୍ୟାୟରେ ମିଡିଆ କନକ୍ଲେଭ କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି। ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ପୂର୍ବତନ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ କୁମାର ରଥ, ସମ୍ପାଦକ ସାରଦା ପ୍ରସାଦ ଦାସ, ଉପାଧ୍ୟକ୍ଷ ବିଜୟ କୁମାର ରାଉତ, ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, ଯୁଗ୍ମ ସମ୍ପାଦକ ଡ଼ ସୁଧୀର କୁମାର ମହାନ୍ତି, ଡ ଜ୍ୟୋତିର୍ମୟୀ ମହାନ୍ତି, ପ୍ରଜ୍ଞା ପାରମିତା ଚୌଧୁରୀ, ଅବନୀକାନ୍ତ ମହାରଣା, ପ୍ରଦିପ୍ତ କୁମାର ମିତ୍ର, ପ୍ରଭାତ ଦାଶ ପ୍ରମୁଖ ଉପସ୍ଥିତ ରହି ପୁସ୍ତକମେଳାକୁ ସଫଳ କରିବାକୁ ଜଗତସିଂହପୁର ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ।

# ପ୍ରବାସୀ ଭାରତୀୟ ଦିବସରେ ସୋନପୁର ସନ୍ତରଣକାରୀଙ୍କ କମାଲ




**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଗତ ୮ ରୁ ୧୦ ତାରିଖ ଯାଏଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ହୋଇଥିବା ବିଭିନ୍ନ ସନ୍ତରଣ ପ୍ରତିଗୋଗିତାରେ ସୋନପୁରର ସନ୍ତରଣକାରୀମାନେ କମାଲ କରିଛନ୍ତି। ୫୦ ମିଟର ବ୍ୟାକ୍ ଷ୍ଟ୍ରୋକ୍, ୫୦ ମିଟର ବଟର ଫ୍ଲାଏ, ୧୦୦ ମିଟର ଫ୍ରି ଷ୍ଟାଇଲ ଏବଂ ୫୦ ମିଟର ଫ୍ରି ଷ୍ଟାଇଲରେ ଆଦ୍ୟାଶମାନ ମେଣ୍ଡେଲୀ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ରାଧାରାଣୀ ରାଜେଶ୍ୱରୀ ସେଠୀ ୧୦୦ ମିଟର ଏବଂ ୫୦ ମିଟର ଫ୍ରି ଷ୍ଟାଇଲ ରେ ସ୍ୱର୍ଣ୍ଣ, ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ରୌପ୍ୟ ଏବଂ ୫୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଠିକ୍ ସେହିପରି ସିଦ୍ଧେଶ୍ୱର ବାଘ ୫୦ ମିଟର ବଟର ଫ୍ଲାଏରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସନ୍ତରଣକାରୀଙ୍କ ଏହି କୃତିତ୍ୱ ପାଇଁ ସୁବର୍ଣ୍ଣପୁର ଜିଲ୍ଲା ସନ୍ତରଣ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

GOVERNMENT OF ODISHA
OFFICE OF THE EXECUTIVE ENGINEER,
R.W.S.&. S. DIVISION, NABARANGPUR
O-1223
2ND CORRIGENDUM NOTICE FOR BID IDENTIFICATION OF E.E.(R. W.S.&S) 05/2024-25/RWSS/NABARANGPUR

1. Due to unavoidable circumstances, the online bidding period for bid identification No:- **05/2024- 25/RWSS/ NABARANGPUR** has been revised. The updated details are provided in the table below:

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Last date of receipt of confirmation letter &other | Date of opening of Bid |
|---|---|---|---|---|---|---|
| | | From | To | | | |
| Executive Engineer, RWSS Division, Nabarangpur | RWSS_NGP_ONLINE_05 of 2024-25 | 20.01.2025 at 05.00PM | 31.01.2025 at 05.00PM | 30.01.2025 up to 5.00 PM | 31.01.2025 up to 05.00P.M. | 01.02.2025 at 11.00 A.M. |

Sd/- Executive Engineer
R.W.S&S. Division, Nabarangpur
OIPR-25028/11/0009/2425

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION : RAYAGADA
e-mail ID: nv_rayagada@yahoo.co.in
O-1230
**E-Procurement Notice**
**Bid Identification No: EERWRGD - Online - 06/2024-25**
No- 255 Date.10.01.2025

1. Name of the Work : Maintenance of Road works for the year 2024-25.
2. Total No. of Works : 08 Nos (Percentage rate tender)
3. Estimated Cost : Varies from 24.14 lakhs to 47.75 lakhs
4. Class of Contractor : "C", "B"
5. Time of Completion : Specified in DTCN.
6. Mode of submission of tender : Tender should be submitted only in online https://www.tendersodisha.gov.in
7. Other details : Detailed tender condition specified in DTCN.

| Procurement Officer | Bid Identification No. | No. of works | Availability of Tender online for Bidding | | Date & Time of opening of tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Rayagada | EERWRGD Online – 06/2024-25 | 08 (Eight)Nos | 17.01.25 at 11.00 A.M. | 28.01.2025 up to 5.00 P.M. | 28.01.2025 at 5.30 P.M. |

Further details can be seen from the website: www.tendersodisha.gov.in
Sd/- Executive Engineer
Rural Works Division, Rayagada
OIPR-25072/11/0010/2425

Government of Odisha "e" Procurement Notice
O-1204
Bid Identification No 12 of 2024-25

1. Name of the Work: "Construction of Section office building of RWS&S section, Phiringia with boundary wall". (Refer DTCN available in the website: - tendersorissa.gov.in)
2. Total No of work : - 1 No.
3. Estimated Cost : - Rs. 28.92 Lakh
4. Eligible Bidder : - 'C' & 'B' class Contractor
5. Period of Completion : - 06 (Six) months (Refer DTCN available in the Website tendersorissa.gov.in)
6. Other Details :-

| Procurement Officer | Bid Identification No. | Availability of Tender online for bidding | | Date and time for opening of Technical Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 12 of 2024-25 | Dt. 20.01.2025 At. 10.00 Hrs | Dt. 03.02.2025 Up to. 17.00 Hrs | Dt. 04.02.2025 at 11 00 A.M |

Further details can be seen from the website www.tendersorissa.gov.in
Corrigendum, if any, will be uploaded in website only.
Sd/- Executive Engineer
RWS&S Division, Phulbani
OIPR-25006/11/0004/2425





# ଆଜି ବିଏମ୍‌ସି କର୍ପୋରେସନ ବୈଠକ : ୮୫୦ କୋଟିର ଚିଠା ବଜେଟ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜସ୍ୱ ଆୟ କମିଗଲା । ଯାହା ଟଙ୍କା ଥିଲା ସରିଗଲାଣି । ସରକାର ଟଙ୍କାଟିଏ ଦେଇନାହାନ୍ତି । ବିଏମ୍‌ସି ଭଣ୍ଡାର ଖାଲି । ୨୦୨୫-୨୬ ଆର୍ଥିକ ବର୍ଷ ବଜେଟ୍‌କୁ ନେଇ ବିଏମ୍‌ସି ଏବେ ଚିନ୍ତାରେ । ଏହାରି ଭିତରେ ଟାଣିଟୁଣି ୮୫୦ କୋଟି ଟଙ୍କାର ଚିଠା ବଜେଟ୍ ପ୍ରସ୍ତୁତ ହୋଇଛି । ବୁଧବାର କର୍ପୋରେସନ ବୈଠକରେ ବଜେଟ୍ ଉପସ୍ଥାପନା ହୋଇପାରେ । ଏହା ସହ ଅନେକ ଗୁଡ଼ିଏ ପ୍ରସଙ୍ଗ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି । ଡିସେମ୍ବର ୨୭ ତାରିଖରେ ବିଏମ୍‌ସିର କର୍ପୋରେସନ ବୈଠକ ବସିବାର ଥିଲା । ହେଲେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗ ଯୋଗୁଁ ଏହାକୁ ସ୍ଥଗିତ ରଖାଯାଇଥିଲା । ଏହି



ବୈଠକ ୧୫ ତାରିଖକୁ ଧାର୍ଯ୍ୟ ହୋଇଛି । ତେବେ ଏଥର ବିଏମ୍‌ସି ବୈଠକ ବେଶ୍ ସରଗରମ ହେବ ବୋଲି ଜଣାପଡ଼ିଛି । ନୂଆ ସରକାର ଆସିବା ପରେ ବିଏମ୍‌ସି ଭାଗ ଟଙ୍କା ନ ମିଳିବା ପ୍ରସଙ୍ଗ ଉଠାଇବେ ବିଏମ୍‌ସିର ଶାସକ ଦଳ ବିଜେଡି । ନିର୍ବାଚନ ପୂର୍ବରୁ କଚ୍ଚାପକ୍କା ରାସ୍ତାରେ ସିଂହ ଭାଗ ଟଙ୍କା ଖର୍ଚ୍ଚ ହେଲା । ସେହିପରି ମୁକ୍ତା ଯୋଜନାରେ ୧୪୦ କୋଟି ଗଲା । ନିର୍ବାଚନ ପରେ ସରକାର ବଦଳିଲା । ଏହି ଟଙ୍କା ଏବେ ବିଏମ୍‌ସିକୁ ଦିଆଯାଇନି । ଫଳରେ ବିଏମ୍‌ସି ପାଣ୍ଠି ଖାଲି ହୋଇଯାଇଛି । ତେବେ ଏହାରି ଭିତରେ ୮୫୦ କୋଟି ଟଙ୍କାର ଚିଠା ବଜେଟ୍ ପ୍ରସ୍ତୁତ ହୋଇଛି । କେଉଁ ଯୋଜନାରେ କେତେ ଟଙ୍କା ରଖିବେ ତାକୁ ନେଇ ଭାଗ ଛିଣ୍ଡୁନି । ସେପଟେ ବିଏମ୍‌ସି ମୁଖ୍ୟ ବିତ୍ତ ଅଧିକାରୀଙ୍କ ବଦଳି ହୋଇଛି । ନୂଆ ବିତ୍ତ ଅଧିକାରୀ ଆସିନାହାନ୍ତି । ତେଣୁ ବିଦାୟୀ ବିତ୍ତ ଅଧିକାରୀଙ୍କୁ ବିଏମ୍‌ସି ଛାଡୁନାହିଁ । ବିଏମ୍‌ସି ବୈଠକ ପୂର୍ବରୁ ବିଭାଗ ସ୍ତରରେ ଅବଦଳବଦଳ ହୋଇଛି । ଭେହିକିଲ ବିଭାଗ ଅଧିକାରୀ ବଦଳିଛନ୍ତି । ନୂଆ କରି ଯୋଗ ଦେଇଥିବା ବିଏମ୍‌ସି ଡେପୁଟି କମିଶନର ରଶ୍ମି ପ୍ରଧାନଙ୍କୁ ଏବିସି ଦାୟିତ୍ୱ ପ୍ରଦାନ କରାଯାଇଛି । ଆସନ୍ତା ବୈଠକରେ ମଶା ପ୍ରସଙ୍ଗ ମଧ୍ୟ ଉଠାଇବେ କିଛି କର୍ପୋରେଟର । ଏହା ସହ ପ୍ରବାସୀ ଭାରତୀୟ ଦିବସରେ ଖର୍ଚ୍ଚ ହୋଇଥିବା ଟଙ୍କା ପ୍ରସଙ୍ଗ ମଧ୍ୟ ଉଠିବ ବୋଲି ଜଣାପଡ଼ିଛି ।

# ପବିତ୍ର ମକର ସଂକ୍ରାନ୍ତି, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତି ସମ୍ପନ୍ନ

**ପୁରୀ ୧୪।୦୧ ନ୍ୟୁଜବ୍ୟୁରୋ**

ମଙ୍ଗଳବାର ପବିତ୍ର ମକର ସଂକ୍ରାନ୍ତି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତି କାନ୍ତି ପାଳିତ ହୋଇଛି । ଶ୍ରୀଜୀଉମାନଙ୍କୁ ଘଣ୍ଟ, ଛତା ମାଧ୍ୟମରେ ମକର ବେଢ଼ା କରାଯାଇ ମକର ଚାଉଳ ଭୋଗ କରାଯାଇଛି । ମକର ସଂକ୍ରାନ୍ତି ଅବସରରେ ମକର ଚଉରାଶି ବେଶରେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ମହାପ୍ରଭୁ । ଶ୍ରୀଜୀଉଙ୍କ ଏହି ବେଶରେ ମକର ଚୁଳ ଲଗାଯିବାର ପରମ୍ପରା ରହିଛି । ମକର ବେଢ଼ା ଓ ମକର ଚାଉଳ ଭୋଗ ହେବା ପାଇଁ ଏକ ବୃହଦକାୟ ମକର ତାଡ଼ ହେବାର ପରମ୍ପରା ମଧ୍ୟ ରହିଛି । କୁମ୍ଭକାର ସେବାୟତଙ୍କ ଦ୍ୱାରା ପ୍ରସ୍ତୁତ ମକର



ତାଡ଼କୁ ଅଲାମ ଚଣ୍ଡି ମନ୍ଦିରରୁ ଶ୍ରୀମନ୍ଦିରକୁ ଏକ ବିରାଟ ଶୋଭାଯାତ୍ରାରେ ସୋମବାର ରାତିରେ ନିଆଯାଇଥିଲା । ଏହି ମାଟିତାଡ଼ ସାହାଯ୍ୟରେ ମହାପ୍ରଭୁଙ୍କ ପାଖରେ ଏହା ଭୋଗ କରାଯିବା ପରେ ଭକ୍ତଙ୍କୁ ବାଣ୍ଟି ଦିଆଯାଇଥିଲା । ସେପଟେ ମକର ସଂକ୍ରାନ୍ତିକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଭକ୍ତମାନେ କିପରି ସୁରୁଖୁରୁରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ ସେଥିପାଇଁ ଅନେକ ବ୍ୟବସ୍ଥା କରାଯାଇଥିଲା । କୁହାଯାଏ ପହିଲି ଭୋଗ ମାସରେ ମହାଲକ୍ଷ୍ମୀ ଶ୍ରୀମନ୍ଦିର ଛାଡ଼ି ତାଙ୍କ ବାପ ଘରକୁ ଯାଇଥାନ୍ତି । ଏଣୁ ଶ୍ରୀହୀନ ପଡ଼ିଥାଏ ବଡ଼ଦେଉଳ । ମକର ସଂକାନ୍ତିରେ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ଫେରିଆସନ୍ତି । ସେଥିପାଇଁ ଚୁନରା ସେବକମାନେ ରଙ୍ଗ ଲେପି ବଡ଼ଦେଉଳର ଶ୍ରୀବୃଦ୍ଧି କରିଥିଲେ । ଏହା ଶ୍ରୀମନ୍ଦିରର ଅନନ୍ୟ ପରମ୍ପରା କୁହନ୍ତି ଚୁନରା ସେବକ । ଲୋକ କଥାରେ ରହିଛି ମହାଲକ୍ଷ୍ମୀ ବଡ଼ଦେଉଳକୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଚୂନ ଓ ଗେରୁ ଭାର ପଠାଇଥାନ୍ତି । ସୋମବାର ଚୁନରା ସେବକଙ୍କ ଦ୍ୱାରା ଚୁନ ଲେପନ କାର୍ଯ୍ୟ ଆରମ୍ଭ କରିଥିଲେ । ମକରସଂକ୍ରାନ୍ତିରେ ଗେରୁରେ ରାମାନନ୍ଦୀ ଚିତା ଅଙ୍କନ ହୋଇ ନୀଳଚକ୍ର ମାଜଣା କରାଯାଇଛି । ଚୁନରା ସେବକମାନେ ବଡ଼ ଦେଉଳର କଳସ ଓ ବେକିରେ ଚୁନ ଲେପନ କରିଥିଲେ ।

# ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷୟକ୍ଷତି ଆକଳନ ଶେଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅମଳ ପରବର୍ତ୍ତୀ ଫସଲ କ୍ଷତି ଆକଳନ କାର୍ଯ୍ୟ ଶେଷ ହୋଇଛି । ସୋମବାର ସୁଦ୍ଧା ପ୍ରାୟ ୧ ଲକ୍ଷ କ୍ଷତିଗ୍ରସ୍ତ ପ୍ଲଟ ବାବଦକୁ ମୋଟ ୨୧ କୋଟି ୯୬ ଲକ୍ଷ ଟଙ୍କା କ୍ଷତିପୂରଣ ସିଧାସଳଖ ଚାଷୀମାନଙ୍କର ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି । ବୀମା କମ୍ପାନୀମାନଙ୍କ ପକ୍ଷରୁ ଏହି କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ସୂଚାରୁ ରୂପେ ଜାରି ରହିଛି ।

ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ମାସରେ ଦୁଇ ଥର ଅଦିନିଆ ବର୍ଷା ଯୋଗୁଁ ରାଜ୍ୟରେ ଖରିଫ ଫସଲ ବିଶେଷ କରି ଅମଳ ହୋଇ ସାରି ଜମିରେ ଥିବା ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ପରିଲକ୍ଷିତ ହୋଇଥିଲା । ଏଥିପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ୭୨ ଘଣ୍ଟା ମଧ୍ୟରେ ଫସଲ ବୀମା ପୋର୍ଟାଲରେ କ୍ଷୟକ୍ଷତିର ସୂଚନା ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଅନୁମତି କ୍ରମେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୂଚନା ପ୍ରଦାନ କରି ନଥିବା ଚାଷୀମାନଙ୍କୁ ସୂଚନା ପ୍ରଦାନ ନିମନ୍ତେ ପୁନର୍ବାର ଆଉ ତିନି ଦିନ ସୁଯୋଗ ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ହୋଇଥିବା ପଞ୍ଜୀକୃତ ଚାଷୀ ଫସଲବୀମା ପୋର୍ଟାଲରେ ମୋଟ ୨,୦୦,୭୨୯ଟି ପ୍ଲଟରେ କ୍ଷତି ହୋଇଥିବାର ଆବେଦନ କରିଥିଲେ । ତନ୍ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪୭,୯୬୯ ସଂଖ୍ୟକ ଆବେଦନ ପତ୍ର ମିଳିଥିବା ବେଳେ ଗଞ୍ଜାମ ସମେତ ଗଜପତି, ପୁରୀ, କେନ୍ଦ୍ରାପଡ଼ା, ନୟାଗଡ, କଟକ, ଖୋର୍ଦ୍ଧା ଏବଂ ଜଗତସିଂହପୁର ଜିଲ୍ଲାରୁ ମୋଟ ୧,୬୨,୯୭୨ ସଂଖ୍ୟକ ଆବେଦନ ପତ୍ର ମିଳିଥିଲା । ଏହି ସମସ୍ତ ଆବେଦନକୁ ଭିତ୍ତି କରି ତୁରନ୍ତ କ୍ଷେତ୍ରୀୟ ସ୍ତରରେ ଫସଲ କ୍ଷତି ଆକଳନ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ଚାରି ଗୋଟି ବୀମା କମ୍ପାନୀଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା । ବୀମା କମ୍ପାନୀ ପକ୍ଷରୁ ଅମଳ ପରବର୍ତ୍ତୀ ଫସଲ କ୍ଷୟକ୍ଷତି ଆକଳନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବୀମା କମ୍ପାନୀ ପକ୍ଷରୁ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ସୁଚାରୁରୂପେ ଜାରି ରହିଛି । ଚାଷୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ କ୍ଷତିପୂରଣ ରାଶି ପ୍ରଦାନ ପ୍ରକ୍ରିୟାକୁ ରାଜ୍ୟ ସରକାରଙ୍କ କୃଷି ବିଭାଗ ଓ ସମବାୟ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ତଦାରଖ ଓ ସମୀକ୍ଷା କରୁଛନ୍ତି ।

# ଶ୍ରୀକ୍ଷେତ୍ରରେ ମଥୁରାନରେଶ : ପ୍ରାୟଶ୍ଚିତ ପାଇଁ ମହୋଦଧିରେ ସ୍ନାନ କଲେ ଭୁବନେଶ୍ୱର ପ୍ରଧାନ

**ପୁରୀ ନ୍ୟୁଜ ବ୍ୟୁରୋ**

ଶ୍ରୀକ୍ଷେତ୍ରରେ ମଥୁରାନରେଶ କଂସ ମହାରାଜ । ମହୋଦଧିରେ ବୁଡ଼ ପକାଇ ପାପ ଧୋଇଲେ ବରଗଡ଼ ଧନୁଯାତ୍ରାରେ କଂସ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ । ପରେ ଶ୍ରୀମନ୍ଦିରରେ ମହାପ୍ରଭଙ୍କୁ ଦର୍ଶନ କରିବା ସହ କ୍ଷମା ପ୍ରାର୍ଥନ କରିଥିଲେ । ସେଠାରେ ବିଶେଷ ପୂଜା ମଧ୍ୟ କରିଥିବା ସୂଚନା ମିଳିଛି । ସୂଚନା ମୁତାବିକ, ବିଶ୍ୱର ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ବରଗଡ଼ ଧନୁଯାତ୍ରା ଶେଷ ହୋଇଛି । ଭଣଜା କହ୍ନେଇଙ୍କ ହାତରେ ନିହତ ହୋଇ ମୋକ୍ଷପ୍ରାପ୍ତି ହୋଇଛନ୍ତି ମାମୁଁ କଂସାସୁର । ଅନ୍ୟାୟ ଅତ୍ୟାଚାରର



ପ୍ରତୀକ କଂସ ନିଧନ ପରେ ମଥୁରା କଟକର ଘରେ ଘରେ ପାଳିତ ହୋଇଛି ପୁଷପୁନୀ ଉତ୍ସବ । ଅନ୍ତିମ ଦିବସ ନାଟ୍ୟାଭିନୟରେ କୃଷ୍ଣ-ବଳରାମ ମଥୁରା ପରିଭ୍ରମଣ କରିଥିଲେ । ଅପରାହ୍ନରେ ଗୋପାଳ ବାଳକଙ୍କ ଗହଣରେ କଂସ ଦରବାରରେ ପହଞ୍ଚି କୁବଳୟା, ଚାଣୁର, ମୁଷ୍ଟିକ, ହଂସଧ୍ୱଜ, ପ୍ରଦ୍ୟୁତ, ଚନ୍ଦ୍ରକେତୁ, ଧୂମକେତୁ, ସିଂହଧ୍ୱଜ, ଚନ୍ଦ୍ରଧ୍ୱଜ ଆଦି ରାକ୍ଷସଙ୍କୁ ନିଧନ କରିଥିଲେ । ଶିବଧନୁ ଭାଙ୍ଗିଥିଲେ । ସମ୍ମୁଖ ଯୁଦ୍ଧରେ କଳାକହ୍ନେଇଙ୍କ ହାତରେ କଂସ ନିହତ ହୋଇଥିଲେ । କୃଷ୍ଣ-ବଳରାମ ମଥୁରା ସିଂହାସନରେ ଉଗ୍ରସେନଙ୍କୁ ସିଂହାସନରୁଢ଼ କରାଇ ଧର୍ମର ବିଜୟବାନା ଉଡ଼ାଇଥିଲେ । ପରେ କାରାଗାରରେ ବନ୍ଦୀ ମାତା ଦେବକୀ ଓ ପିତା ବସୁଦେବଙ୍କୁ ମୁକୁଳାଇଥିଲେ । ଫଳରେ ଧନୁଯାତ୍ରାର ନାଟ୍ୟାଭିନୟରେ ପରିସମାପ୍ତି ଘଟିଥିଲା । ଏଥିପୂର୍ବରୁ ରାଜଦରବାରରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମଙ୍ଗଳବାର କଂସ ଚରିତ୍ରରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ମହୋଦଧିରେ ସ୍ନାନ କରି ନିଜର ପଇତା ବିସର୍ଜନ ଓ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ । ଗୋବର୍ଦ୍ଧନ ପୀଠରେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଆଶିଷ ଭିକ୍ଷା କରିଥିଲେ । ଏହା ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିବା ସମୟରେ ପ୍ରଭୁ କୃଷ୍ଣ-ବଳରାମଙ୍କ ପ୍ରତି ଉଚ୍ଚାରଣ କରିଥିବା କଟୁ ମନ୍ତବ୍ୟ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ । ସେହିପରି ମୁନିଋଷିଙ୍କ ପ୍ରତି ଅତ୍ୟାଚାର କରିଥିବାରୁ ସେ କ୍ଷମା ମାଗିଛନ୍ତି ।

## ।। ଆଦିବାସୀ ଅସୁରକ୍ଷିତ ।।

# ୫ ମାସରେ ବିଭିନ୍ନ ହଷ୍ଟେଲରେ ୧୦ ଛାତ୍ରଛାତ୍ରୀଙ୍କ ମୃତ୍ୟୁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୫ ମାସରେ ସାରା ରାଜ୍ୟରେ ବିଭିନ୍ନ ଆଦିବାସୀ ହଷ୍ଟେଲରେ ୧୦ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଲାଣି । ଆଦିବାସୀଙ୍କୁ ସୁରକ୍ଷା ଦେବାକୁ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ଦାବି କରିଛନ୍ତି । ଆଗାମୀ ବିଧାନସଭାରେ ଏ ପ୍ରସଙ୍ଗ ଉଠାଇବା ସହ ସରକାରଙ୍କୁ ଜବାବ ମଗାଯିବ ବୋଲି କହିଛନ୍ତି ମଙ୍ଗୁ । ସେହିପରି କାହିଁକି ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି ତାହାର ତଦନ୍ତ ଦାବି କରିଛନ୍ତି ଅନ୍ୟତମ କଂଗ୍ରେସ ବିଧାୟକ ନୀଳମାଧବ ହିକକା । ଅବହେଳା ଯୋଗୁଁ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହେଉଛି । ସରକାର ଆଦିବାସୀ ମାରଣନୀତି ଅବଲମ୍ବନ କରିଛନ୍ତି । ରାଜ୍ୟରେ ଡବଲ ଇଞ୍ଜିନ ସରକାର । ହେଲେ ସେଥିପ୍ରତି କାହାରି ନିଘା ନାହିଁ ବୋଲି କହିଛନ୍ତି ନୀଳମାଧବ । ପ୍ରତ୍ୟେକ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଆର୍ଥିକ ସାହାଯ୍ୟ ଦେବାକୁ ସେ ଦାବି କରିଛନ୍ତି । ସରକାର ତୁରନ୍ତ ଏ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି । ସୋମବାର ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ଗୋଡିଗୁଡା ଆଦିବାସୀ ସେବାଶ୍ରମରେ ଜଣେ ଦଶମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଛନ୍ତି । ୨୦୨୪ ମସିହା ଗତ ଜୁଲାଇ ମାସରୁ ଗତ ନଭେମ୍ବର ମଧ୍ୟରେ ପ୍ରାୟ ୧୦ ଜଣ ଛାତ୍ରଛାତ୍ରୀଙ୍କ ରାଜ୍ୟର ବିଭିନ୍ନ ଆଦିବାସୀ ହଷ୍ଟେଲରେ ମୃତ୍ୟୁ ଘଟିଛି । ରାୟଗଡ଼ାରେ ବଦରସିଂହ ସ୍କୁଲରେ ମ୍ୟାଲେରିଆରେ ଚନ୍ଦୁ କୋଲାକାଙ୍କ ମୃତ୍ୟୁ ହୋଇଥିଲା । ସେହିପରି କାଶୀପୁରରେ କୁଚେଇପଦର ସ୍କୁଲର ଅଶୋକ ଝୋଡ଼ିଆ, କୋଲନରା ଭୋଇମୋଡ଼ା ସ୍କୁଲର ଜ୍ୟାକସନ ମାଣ୍ଡାଙ୍ଗି ଓ ପାଇକୋପଦା ସ୍କୁଲର ସାମନ୍ତ ବିଡ଼ିକା, ରାୟଗଡ଼ାର ବିଲେସୁ ସ୍କୁଲର ସରୋଜ ତାଡ଼ିଙ୍ଗୀ, ଗୁଦାରୀ ସୌରପେଣ୍ଡିଲି ସ୍କୁଲର ଅନନ୍ୟା ନିର୍ମଳ, ବିଶମକଟକ ଡୁକୁମୁ ସ୍କୁଲର ଝରଣା ଜାଗରଣ ଏବଂ କାଶୀପୁରର ଚନ୍ଦ୍ରଗିରି ସ୍କୁଲର ଖଗେଶ୍ୱର ଝୋଡ଼ିଆହଙ୍କ ମୃତ୍ୟୁ ହୋଇଛି । ଏହାର ସତ୍ୟତା ପଦାକୁ ଆଣିବାକୁ ମଧ୍ୟ ସେ ଦାବି କରିଛନ୍ତି ।

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପକୁ ବଡ଼ ଉପଲବ୍ଧି : ଟି୩ ଟନେଲ୍ ନିର୍ମାଣ ଶେଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ରେଳ ଲାଇନ ପ୍ରକଳ୍ପକୁ ବଡ଼ ଉପଲବ୍ଧି । ନୟାଗଡ଼ ଜିଲ୍ଲା ବୁଗୁଡ଼ା ଏବଂ ବାଣିଗୋଛା ମଧ୍ୟରେ ଅବସ୍ଥିତ ସୁଡ଼ଙ୍ଗ ନମ୍ବର ଟି୩ର ସଫଳ ନିର୍ମାଣ । ଜାନୁଆରୀ ୧୩ ତାରିଖରେ ନୂତନ ଅଷ୍ଟ୍ରିଆନ୍ ଟନେଲିଂ ପଦ୍ଧତିରେ ୨,୬୨୦ ମିଟର ଲମ୍ବ ଏବଂ ୨-ଡିଗ୍ରୀ ବକ୍ର ବିଶିଷ୍ଟ ଏହି ସୁଡ଼ଙ୍ଗର ଖନନ ସମାପ୍ତ ହୋଇଛି । ଟି୩ ହେଉଛି ନୟାଗଡ଼ ଜିଲ୍ଲାର ସବୁଠାରୁ ଲମ୍ବା ସୁଡ଼ଙ୍ଗ । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ମଧ୍ୟରେ ଚାଲୁଥିବା ସମଗ୍ର ରେଳ ଲାଇନ ପ୍ରକଳ୍ପରେ ଟି୩ ହେଉଛି ଦ୍ୱିତୀୟ ଲମ୍ବା ସୁଡ଼ଙ୍ଗ । ସୁଡ଼ଙ୍ଗର ଖନନରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ମେସିନ୍ ନିୟୋଜିତ କରାଯାଇଥିଲା । ଯାହା ପୂର୍ବ ଘାଟର ଦୁର୍ଗମ ଭୂଖଣ୍ଡ ପାଇଁ ଡିଜାଇନ୍ କରାଯାଇଥିଲା । ଏହି ଐତିହାସିକ ସଫଳତା ଓଡ଼ିଶାର ପୂର୍ବ ଏବଂ ପଶ୍ଚିମ ଅଂଶକୁ ସଂଯୋଗ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଅଞ୍ଚଳର ପରିବହନ ଏବଂ ଆର୍ଥିକ ସମ୍ଭାବନାକୁ ବୃଦ୍ଧି କରିବ । ସୁଡ଼ଙ୍ଗ ନିର୍ମାଣରେ ପ୍ରମୁଖ ଚ୍ୟାଲେଞ୍ଜ : ୩୦୧ କିଲୋମିଟର ବିଶିଷ୍ଟ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପରେ ଅନେକ ଚ୍ୟାଲେଞ୍ଜ ରହିଛି । ବିଶେଷ କରି ଟନେଲ୍ ନିର୍ମାଣ କରିବା ଆହ୍ୱାନପୂର୍ଣ୍ଣ ଥିଲା । ଏହି ପ୍ରକଳ୍ପରେ ୭୫ କିଲୋମିଟର ମଧ୍ୟରେ ୭ଟି ସୁଡ଼ଙ୍ଗ ରହିଛି । ସବୁ ଟନେଲ୍ ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ରହିଛି । ଏହି ସୁଡ଼ଙ୍ଗର ନିର୍ମାଣ



ପ୍ରକଳ୍ପର ସବୁଠୁ ଜଟିଳ କାମ ଥିଲା । ଏହି ଟନେଲ ଗୁଡ଼ିକ ମଧ୍ୟରୁ, ୪.୮୮୫ କିଲୋମିଟର ବିଶିଷ୍ଟ ୭ ନଂ ସୁଡ଼ଙ୍ଗ ପୂର୍ବରୁ ସଫଳତାପୂର୍ବକ ନିର୍ମାଣ ସରିଛି । ଏତଦ୍ ବ୍ୟତୀତ ୧ନଂ, ୩ନଂ, ଏବଂ ଅନ୍ୟ ଟନେଲ ଗୁଡ଼ିକର ନିର୍ମାଣ ସରିଛି । ମାଟିର ଘନତା ଏବଂ ପଥର ଗଠନ ସମେତ ଭୌଗୋଳିକ ପରିସ୍ଥିତି ପରିଚାଳନା ପାଇଁ ନୂତନ କୌଶଳ ବ୍ୟବହାର କରି ସୁଡ଼ଙ୍ଗ ଗୁଡ଼ିକ ନିର୍ମାଣ କରାଯାଉଛି । ସୁଡ଼ଙ୍ଗ ସହ ଜଡ଼ିତ ମୁଖ୍ୟ ତଥ୍ୟ: ନିର୍ମାଣାଧୀନ ସାତଟି ସୁଡ଼ଙ୍ଗର ମୋଟ ଲମ୍ବ ୧୨.୭୬ କିଲୋମିଟର । ବୁଗୁଡ଼ା ଏବଂ ବାଣିଗୋଛା ମଧ୍ୟରେ ଅବସ୍ଥିତ ସୁଡ଼ଙ୍ଗ ନମ୍ବର ଟି୩ର ଲମ୍ବ ୨୬୨୦ ମିଟର ଏବଂ ୨-ଡିଗ୍ରୀ ବକ୍ର । ସବୁଠାରୁ ଲମ୍ବା ସୁଡ଼ଙ୍ଗ ୪.୮୮୫ କିଲୋମିଟର ବ୍ୟାପିଛି । ଯାହା ଆଧେନିଗଡ଼ ନିକଟରେ ଅବସ୍ଥିତ । ଯେଉଁଥିରେ ସୁରକ୍ଷା ପାଇଁ ୭୦୦ ମିଟର ଏସ୍କେପ୍ ଟନେଲ୍ ରହିଛି । ଏପର୍ଯ୍ୟନ୍ତ ସାତଟି ସୁଡ଼ଙ୍ଗ ମଧ୍ୟରୁ ୪ଟିର ନିର୍ମାଣ ସଫଳତାର ସହ ସମାପ୍ତ ହୋଇଛି । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଆଞ୍ଚଳିକ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ପ୍ରକଳ୍ପରେ ମୋଟ ୨୧୫ କିଲୋମିଟର ରେଳ ଲାଇନ ସମ୍ପୂର୍ଣ୍ଣ ହୋଇଛି । ଯେଉଁଥିରେ ଖୋର୍ଦ୍ଧା ରୋଡ୍ ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କିଲୋମିଟର ଏବଂ ବଲାଙ୍ଗୀରରୁ ପୁରୁଣାକଟକ ପର୍ଯ୍ୟନ୍ତ ୧୦୯ କିଲୋମିଟର ଅନ୍ତର୍ଭୁକ୍ତ । ପୁରୁଣାକଟକରୁ ଆଧେନିଗଡ଼ ପର୍ଯ୍ୟନ୍ତ ଅବଶିଷ୍ଟ ଅଂଶଗୁଡ଼ିକ ଆଗାମୀ ମାସଗୁଡ଼ିକରେ ସମାପ୍ତ ହେବାର ଆଶା କରାଯାଉଛି । ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ପରେ, ଏହି ରେଳ ଲାଇନ ଭୁବନେଶ୍ୱର ଏବଂ ବଲାଙ୍ଗୀର ମଧ୍ୟରେ ଯାତ୍ରା ସମୟକୁ ବହୁ ପରିମାଣରେ ହ୍ରାସ କରିବ । ଏହି ପ୍ରକଳ୍ପ ଓଡ଼ିଶାରେ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଭାରତୀୟ ରେଳବାଇ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପଦକ୍ଷେପ । ଏହି ରେଳ ଲାଇନ ସମ୍ପୂର୍ଣ୍ଣ ହେବା ପରେ, ଏହା ଆର୍ଥିକ ବିକାଶକୁ ବୃଦ୍ଧି କରିବ । ବାଣିଜ୍ୟକୁ ସମୃଦ୍ଧ କରିବ ଏବଂ ଯାତ୍ରା ସମୟକୁ ଯଥେଷ୍ଟ ହ୍ରାସ କରିବ । ଏହାଦ୍ୱାରା ଯାତ୍ରୀ ଏବଂ ମାଲ ପରିବହନ ଉଭୟକୁ ଲାଭଦାୟକ ହେବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଏସ୍‌କେୱାଇକୁ ...

ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି । ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ହେଉଛି ସରକାରଙ୍କ ଫ୍ଲାଗସିପ ସ୍ୱାସ୍ଥ୍ୟ ବୀମା ପଲିସି, ଯାହା ସେପ୍ଟେମ୍ବର ୨୦୧୮ ରେ ଆରମ୍ଭ କରାଯାଇଥିଲା । ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଆର୍ଥିକ ନିରାପତ୍ତା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସେବା ଯୋଗାଇବା ଏହି ଯୋଜନାର ମୂଳ ଲକ୍ଷ୍ୟ । ନିଜ ଚିକିତ୍ସା ଖର୍ଚ୍ଚ ଉଠାଇବା ପାଇଁ ଗରିବ ଲୋକଙ୍କୁ ଯେପରି କୌଣସି ଅସୁବିଧା ନ ହେବ, ସେଥିପାଇଁ କେନ୍ଦ୍ର ସରକାର ଆୟୁଷ୍ମାନ ଯୋଜନା ଆରମ୍ଭ କରିଥିଲେ, ଯାହା ଅଧୀନରେ ପଞ୍ଜୀକୃତ ଲାଭାର୍ଥୀଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିଥାଏ । ଆୟୁଷ୍ମାନ ଭାରତ ସ୍କିମ ଅଧୀନରେ କାର୍ଡଧାରୀ ସରକାରୀ ହସ୍ପିଟାଲରେ ସହଜରେ ନିଜ ରୋଗର ଚିକିତ୍ସା କରେଇ ପାରିବେ ଏହା ଜରିଆରେ ସେମାନଙ୍କୁ ଚିକିତ୍ସାରେ ଲାଗିବାକୁ ଥିବା ବୀମା ପଇସା ମିଳିପାରିବ । ୭୦ ବର୍ଷରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକ, ସେମାନଙ୍କର ସାମାଜିକ-ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ଏହି ଯୋଜନାର ଲାଭ ପାଇବାକୁ ଯୋଗ୍ୟ ହେବେ । ଯୋଗ୍ୟ ବରିଷ୍ଠ ନାଗରିକମାନଙ୍କୁ ଆୟୁଷ୍ମାନ ଯୋଜନା ଅଧୀନରେ ଏକ ନୂଆ କାର୍ଡ ପ୍ରଦାନ କରାଯିବ, ଯାହା ମୋଦି କାର୍ଡ ଭାବରେ ଜଣାଶୁଣା । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ୭୦ ବର୍ଷରୁ ଅଧିକ ବୟସର ଯେକୌଣସି ବ୍ୟକ୍ତିଙ୍କର ଆଧାର ନମ୍ବର ଅଛି ସେମାନେ ଏହି ଯୋଜନାରେ ଆବେଦନ କରିପାରିବେ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହା ଏକ ଆପ୍ଲିକେସନ ବେସଡ ସ୍କିମ । ଯେଉଁଥିପାଇଁ ଲୋକଙ୍କୁ ପୋର୍ଟାଲରେ ରେଜିଷ୍ଟ୍ରେସନ କରିବାକୁ ପଡିବ । ଏହି ପୋର୍ଟାଲରେ ଫ୍ରେସ ଭେରିଫିକେସନ ସୁବିଧା ଉପଲବ୍ଧ, ଯେଉଁଥିରେ ୭୦ ବର୍ଷରୁ ଅଧିକ ବୟସ୍କ ନାଗରିକଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଲିଙ୍କ ରହିବ । ଏଥିପାଇଁ ପ୍ରଥମେ ଆୟୁଷ୍ମାନ ଭାରତ-ର ଅଫିସିଆଲ ୱେବସାଇଟକୁ ଯାଆନ୍ତୁ । ଏହାପରେ ଆପଣଙ୍କର ଆଧାର କିମ୍ବା ରାସନ କାର୍ଡ ଭେରିଫାଏ କରନ୍ତୁ । ପାରିବାରିକ ପରିଚୟ ପ୍ରମାଣ ପ୍ରଦାନ କରନ୍ତୁ । ଏହା ପରେ ଏକ ସ୍ୱତନ୍ତ୍ର ଆୟୁଷ୍ମାନ ଯୋଜନା ସହିତ ଆପଣଙ୍କର ଇ-କାର୍ଡ ପ୍ରିଣ୍ଟ କରନ୍ତୁ । ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ପରିବାରକୁ ବାର୍ଷିକ ୫ ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ମିଳିପାରିବ ।

### ସମସ୍ତେ ଏବେ...

ବିଷୟ ଯେ ଏହା କାହିଁକି ଘଟୁଛି । ନୂତନ ଭାରତ ବିଷୟରେ ଉଲ୍ଲେଖ କରି ବୈଦେଶିକ ମନ୍ତ୍ରୀ କହିଥିଲେ ଯେ ଆମେ ଆମର ଆର୍ଥିକ ଶକ୍ତି ଏବଂ ନେତୃତ୍ୱ ପାଇଁ ବିଶ୍ୱସ୍ତରରେ ଜଣାଶୁଣା । ସେ କହିଥିଲେ, ଆଜି ଆମେ ପଞ୍ଚମ ବୃହତ୍ତମ ଅର୍ଥନୀତି, ଯାହା ତୃତୀୟ ବୃହତ୍ତମ ହେବା ଆଡ଼କୁ ଅଗ୍ରସର ହେଉଛି । ସେ କହିଥିଲେ, ଯଦି ଆପଣ ବିଶ୍ୱକୁ ଯାଆନ୍ତି, ତେବେ ୧୦୦ଟି ଦେଶ କୁହନ୍ତି ଯେ ଯଦି ଆମେ ଆମର ଟୀକା ପାଇଲୁ, ତାହା ଭାରତ ଯୋଗୁଁ ହୋଇଥିଲା । ମୋର ମନେ ଅଛି ଯେ ରାଷ୍ଟ୍ରପତି ସାଞ୍ଚେଜ ହାଇଡ୍ରୋକ୍ଲାଇକ୍ରୋକ୍ୱିନ ଯୋଗାଣ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ କରିଥିଲେ । ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ କଷ୍ଟକର ସମୟରେ, ଭାରତ ଏକମାତ୍ର ଦେଶ ଯିଏ ବିଭିନ୍ନ ପକ୍ଷଙ୍କ ସହ କଥାବାର୍ତ୍ତା କରିବାକୁ ଏବଂ ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ । ଏଠାରେ ଏହା ଟଙ୍କା କିମ୍ବା ସମ୍ବଳ ବିଷୟରେ ନୁହେଁ, ଏହା ହୃଦୟ ଏବଂ ମନ ବିଷୟରେ, ଏହା ଏକ ସେତୁ ଭାବରେ ବିଶ୍ୱସନୀୟ ହେବା ବିଷୟରେ ।

### ଭାଇରାଲ ରୋକିବ ...

ମାର୍ଚ୍ଚ ୬ରେ ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ ପରୀକ୍ଷା ହେବ । ପରୀକ୍ଷାର ସମୟ ସକାଳ ୯ରୁ ପୂର୍ବାହ୍ନ ୧୧ଟା ୩୦ ଯାଏଁ ରହିଛି । ପରୀକ୍ଷାର୍ଥୀଙ୍କୁ ଗଣିତ ପାଇଁ ଅତିରିକ୍ତ ୧୫ ମିନିଟ ସମୟ ମିଳିବ ଅର୍ଥାତ ଗଣିତ ପରୀକ୍ଷା ପୂର୍ବାହ୍ଣ ୯ଟାରୁ ଆରମ୍ଭ ହୋଇ ୧୧ଟା ୪୫ମିନିଟରେ ସରିବ ।

### ପରମାଣୁ ଶକ୍ତି ...

ଅଛନ୍ତି । ଭାବା ଆଣବିକ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ବିବେକ ଭାସିନ ମଧ୍ୟ କମିଶନର ଜଣେ ପଦାଧିକାରୀ ସଦସ୍ୟ । ଏଇସି ପରମାଣୁ ଶକ୍ତି ବିଭାଗ ପାଇଁ ନୀତି ପ୍ରଣୟନ କରିବାରେ କାର୍ଯ୍ୟ କରେ । ଉଲ୍ଲେଖନୀୟ ଯେ, ଆମେରିକା ଭାରତୀୟ ପରମାଣୁ ପ୍ରତିଷ୍ଠାନଗୁଡ଼ିକ ଉପରେ ଲାଗୁ ହୋଇଥିବା ପୁରୁଣା ପ୍ରତିବନ୍ଧକକୁ ହଟାଇବା ପ୍ରକ୍ରିୟା ଆରମ୍ଭ କରିଛି । ଏହା ଆମେରିକା ଏବଂ ଭାରତ ମଧ୍ୟରେ ଶକ୍ତି ସମ୍ପର୍କକୁ ଆହୁରି ମଜଭୁତ କରିବ । ଏହା ବ୍ୟତୀତ ୨୦ ବର୍ଷ ପୁରୁଣା ଐତିହାସିକ ପରମାଣୁ ଚୁକ୍ତିନାମାକୁ ନୂତନ ଗତି ମିଳିବ । ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜ୍ୟାକ ସୁଲିଭାନ ତାଙ୍କ ନୂଆଦିଲ୍ଲୀ ଗସ୍ତ ସମୟରେ ଏହା ଘୋଷଣା କରିଥିଲେ । ଏହି ସମୟରେ ସେ କହିଥିଲେ, ଆମେରିକା ସେହି ନିୟମଗୁଡ଼ିକୁ ହଟାଇ ଦେଉଛି ଯାହା ଭାରତ ଏବଂ ଆମେରିକୀୟ କମ୍ପାନୀଗୁଡ଼ିକ ମଧ୍ୟରେ ବେସାମରିକ ପରମାଣୁ ସହଯୋଗରେ ବାଧା ସୃଷ୍ଟି କରୁଥିଲା । ଏହାର ଔପଚାରିକତା ଖୁବ ଶୀଘ୍ର ସମାପ୍ତ ହେବ । ଏହା ଦୁଇ ଦେଶ ମଧ୍ୟରେ ପରମାଣୁ ସହଯୋଗ ଖୋଲିବ । ଏହା ଦେଖି ପାକିସ୍ତାନ ଏବଂ ଋଇନାର ଟେନସନ ବଢ଼ିଯାଇଛି ।

### ମଧ୍ୟାହ୍ନ ଭୋଜନରେ...

ହୋଇଛି । ପରେ ଏହା ସବୁ ସ୍କୁଲରେ ଲାଗୁ କରାଇବା ପାଇଁ ସରକାର ଯୋଜନା କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ଏନେଇ ମନ୍ତ୍ରୀ କହିଛନ୍ତି, ଗିଫ୍ଟ ମିଲ୍କ ଦେବା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ପିଲାଙ୍କୁ ପୋଷଣ ଓ ପ୍ରୋଟିନ ଯୋଗାଇବାକୁ ଏପରି ପଦକ୍ଷେପ ନିଆଯାଇଛି । ଏହାକୁ ପାଇଲଟ ପ୍ରୋଜେକ୍ଟ ଭାବେ ନିଆଯାଇଛି । ଆଗକୁ ସମଗ୍ର ରାଜ୍ୟରେ ମଧ୍ୟାହ୍ନ ଭୋଜନରେ ବି କ୍ଷୀର ସାମିଲ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି । ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ୨ଶହ ମିଲିଲିଟର ଭିଟାମିନ ଏ ଓ ଡି ଯୁକ୍ତ କ୍ଷୀର ଦେବାକୁ ସରକାର ଯୋଜନା କରୁଥିବା ମନ୍ତ୍ରୀ କହିଛନ୍ତି । ମୁଖ୍ୟତଃ ଗ୍ରାମାଞ୍ଚଳ ପିଲା ଉପଯୁକ୍ତ ପୋଷଣ ପାଇ ପାରୁନ ଥିବାରୁ ସେମାନଙ୍କର ଠିକ ଭାବେ ବିକାଶ ହେଉନି ତଥା ସେମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ମଧ୍ୟାହ୍ନ ଭୋଜନରେବି ନିମ୍ନମାନର ଖାଦ୍ୟ ଯୋଗାଇ ଦିଆଯାଉଥିବା ନେଇ ସବୁବେଳେ ଅଭିଯୋଗ ହୋଇ ଆସୁଥିଲା । ପୂର୍ବ ସରକାର ଅମଳରେ ଏଥିରେ କୌଣସି ସୁଧାର ଆସି ନ ଥିବା ବେଳେ ନୂଆ ସରକାର ଆସିବା ପରେ ଏଥିପାଇଁ ତତ୍ପରତା ପ୍ରକାଶ କରିଛନ୍ତି । ପ୍ରଥମରୁ ପଞ୍ଚମ ପିଲାଙ୍କ ପାଇଁ ମଧ୍ୟାହ୍ନ ଖର୍ଚ୍ଚ ୭ଟଙ୍କା ୬୪ ପଇସା କରିଛନ୍ତି । ପୂର୍ବରୁ ପ୍ରଥମରୁ ପଞ୍ଚମ ପିଲାଙ୍କ ପାଇଁ ଏହି ଖର୍ଚ୍ଚ ୫ ଟଙ୍କା ୯୦ ପଇସା ଥିଲା । ସେହିପରି ଷଷ୍ଠରୁ ଅଷ୍ଟମ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୧୦ ଟଙ୍କା ୯୪ ପଇସାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୮ ଟଙ୍କା ୮୨ ପଇସା ଥିଲା । ତେବେ ଖୁବ ଶୀଘ୍ର ମଧ୍ୟାହ୍ନ ଭୋଜନରେ କ୍ଷୀର ସାମିଲ ହେବା ଖବର ଶୁଣି ଅଭିଭାବକ ତଥା ପିଲାମାନେ ଖୁବ ଉତ୍ସାହିତ ହୋଇ ପଡ଼ିଛନ୍ତି ।

# କମୁଛି ମ୍ୟାଲେରିଆ, ୨୦୩୦ରେ ମ୍ୟାଲେରିଆ ମୁକ୍ତ ହେବ ଭାରତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ୨୦୩୦ରେ ମ୍ୟାଲେରିଆ ମୁକ୍ତ ହେବ ଭାରତ । ଏଥିପାଇଁ ଯୋଜନା ପ୍ରସ୍ତୁତ ହେଉଛି । ମ୍ୟାଲେରିଆ ପ୍ରୋନ ଅଞ୍ଚଳରେ ଔଷଧୀୟ ମଶାରୀ ବଣ୍ଟନ ସହ ଲୋକଙ୍କୁ ସଚେତନ କରାଯାଉଛି । ବଲାଙ୍ଗିର ଭୀମଭୋଇ ମେଡିକାଲର ମ୍ୟାଲେରିଆ ରିପୋର୍ଟ କହୁଛି । ୨୦୨୩ ତୁଳନାରେ ୨୦୨୪ରେ ଦଶଗୁଣା କମିଛି ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା । ଦିନ ଥିଲା ବଲାଙ୍ଗିର ଜିଲ୍ଲାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଢେର ଅଧିକ ଥିଲା । ପାହାଡ ପର୍ବତ ଘେରା ତଥା ଦୁର୍ଗମ ଅଞ୍ଚଳ ଖପ୍ରାଖୋଲ, ବେଲପଡା, ପାଟଣାଗଡ, ମୁରିବାହାଲ ଗୁଡଭେଲା, ଆଗଲପୁର, ତୁରେକେଲା ଓ ବଙ୍ଗୋମୁଣ୍ଡା ଅଞ୍ଚଳରେ ମ୍ୟାଲେରିଆ ରୋଗୀ ଚିହ୍ନଟ ହେଉଥିଲେ । ଲୋକଙ୍କୁ ସଚେତନ ସହ ଔଷଧୀୟ ମଶାରୀ ବଣ୍ଟନ ଯୋଗୁଁ କ୍ରମାଗତ ଭାବରେ କମୁଛନ୍ତି ମ୍ୟାଲେରିଆ ରୋଗୀ ।



ବର୍ଷାଦିନରେ ଗ୍ରାମାଞ୍ଚଳ ଓ ସହରରେ ଡ୍ରେନ ଯୋଗୁଁ ମଶା ବ୍ୟାପିଥାଏ । ବଲାଙ୍ଗିର ଭୀମଭୋଇ ମେଡିକାଲରେ ୨୦୨୩ମସିହାରେ ମାଇକ୍ରୋସ୍କୋପି ଟେଷ୍ଟ ୮୩୯୭ ଜଣଙ୍କର କରାଯାଇଥିଲା । କାର୍ଡ ଟେଷ୍ଟ କରାଯାଇଥିଲା ୨୨,୨୯୬ ରୋଗୀଙ୍କର । ମାତ୍ର ୩୯୩ ଜଣ ମ୍ୟାଲେରିଆ ରୋଗୀ ମେଡିକାଲରେ ଭର୍ତ୍ତି ହୋଇଥିଲେ । ସେହିପରି ୨୦୨୪ ମସିହାରେ ମାଇକ୍ରୋସ୍କୋପି ୮୦୯୨ ଜଣଙ୍କର କରାଯାଇଥିଲା । କାର୍ଡ ଟେଷ୍ଟ କରାଯାଇଥିଲା ୨୭୨୪୮ ରୋଗୀଙ୍କର । ମେଡିକାଲରେ ଭର୍ତ୍ତି ହୋଇଥିଲେ ମାତ୍ର ୨୭ଜଣ ମ୍ୟାଲେରିଆ ରୋଗୀ । ଏଣୁ ୨୦୨୩ ତୁଳନାରେ ୨୦୨୪ରେ ପ୍ରାୟ ୧୦ ଗୁଣା କମିଛି ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା । କିନ୍ତୁ ପ୍ରତ୍ୟେକ ବର୍ଷ ଜୁଲାଇ ଓ ଅଗଷ୍ଟ ମାସରେ ବର୍ଷା ଦିନରେ ମଶାଙ୍କ ପ୍ରାଦୁର୍ଭାବ ରହୁଥିବାରୁ ରୋଗୀଙ୍କ ସଂଖ୍ୟା ଟିକେ ଅଧିକ ରହୁଛି ଯାହା ତଥ୍ୟ କହୁଛି । ୨୦୨୩ ଜୁଲାଇ ଓ ଅଗଷ୍ଟ ମାସରେ ୧୫୩ ଜଣ ମ୍ୟାଲେରିଆ ରୋଗୀ ଭର୍ତ୍ତି ମେଡିକାଲରେ ଭର୍ତ୍ତି ହୋଇଥିଲେ । ୨୦୨୪ରେ କିନ୍ତୁ ଜୁଲାଇ ଅଗଷ୍ଟ ମାସରେ ମାତ୍ର ୧୯ଜଣ ମ୍ୟାଲେରିଆ ରୋଗୀ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଯାହା ୨୦୨୩ ତୁଳନାରେ ୨୦୨୪ରେ ଏହା ୮ଗୁଣା କମ୍ । ମ୍ୟାଲେରିଆ ନିରାକରଣରେ ଆମ ସରକାର ପୁରା ସଚେତନ ଅଛନ୍ତି । ଡାକ୍ତରମାନେ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି । ମ୍ୟାଲେରିଆ ସଚେତନତାର ଆବଶ୍ୟକତା ରହୁଛି । ମ୍ୟାଲେରିଆ ପ୍ରାଦୁର୍ଭାବ କମାଇବା ପାଇଁ ମ୍ୟାଲେରିଆ ପ୍ରୋନ ଜିଲ୍ଲାରେ ବିଶେଷ ଧ୍ୟାନ ଦେବୁ । ନିଶ୍ଚିତ ଭାବରେ ଆଗାମୀ ଦିନରେ ମ୍ୟାଲେରିଆ କମିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ୨୦୨୩ ତୁଳନାରେ ୨୦୨୪ରେ ଯେତିକି କମୁଛି ଏହି ଅନୁପାତରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା କମିଲେ, ୨୦୩୦ରେ ମ୍ୟାଲେରିଆ ମୁକ୍ତ ହୋଇପାରିବ ଭାରତ ।

ଭୁବନେଶ୍ୱର
୧୫ ଜାନୁଆରୀ
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ମକର ସଂକ୍ରାନ୍ତିରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ



**ଭୁବନେଶ୍ୱର, ୧୪/୦୧**
**ନ୍ୟୁଜ ବ୍ୟୁରୋ**

ମକର ସଂକ୍ରାନ୍ତିରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ରହିଥିଲା। ସୋମବାର ସନ୍ଧ୍ୟାରେ ଲିଙ୍ଗରାଜ ମନ୍ଦିରର ବଡୁ ସେବାୟତ ଓ ମହାସୁଆର ସେବାୟତଙ୍କ ମଧ୍ୟରେ ବିବାଦ ହୋଇଥିଲା। ଯାହାଫଳରେ ରାତି ୮ଟା ୩୦ରୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ରହିଥିଲା। ମକର ପୂଜା ନୀତି ବନ୍ଦ ରହିଛି। ମକର ମଣ୍ଡପରେ ସୋମବାର ସନ୍ଧ୍ୟାରୁ ଠାକୁର ବସି ରହିଛନ୍ତି। ବଡୁ ସେବାୟତ ବାରମ୍ବାର ମୁନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ପବିତ୍ର ପୁଷ୍ପାଭିଷେକ ସନ୍ଧ୍ୟା ଧୂପ ପରେ ମକର ମଣ୍ଡପରେ ଶ୍ରୀଲିଙ୍ଗରାଜ ମହାପ୍ରଭୁ ବିଜେ ହେବା ପରେ ମହାସୁଆରଙ୍କ ଦ୍ୱାରା କ୍ଷୀର ଆଉଟା ହୋଇ ଘୃତ କମଳ ପ୍ରସ୍ତୁତ ହୋଇଥାଏ। ମକର ସଂକ୍ରାନ୍ତି ନିମନ୍ତେ ଘୃତ କମଳ ଲାଗି ହୁଏ। କିନ୍ତୁ ପୁନର୍ବାର ବଡୁ ସେବାୟତ ଏକା ଏହି ନୀତିକୁ ନିଜେ କରିବାକୁ ଦାବି କରିଥିଲେ। ଯେଉଁଥିଲାଗି ମହାପ୍ରଭୁ ଶ୍ରୀଲିଙ୍ଗରାଜ ସୋମବାର ସନ୍ଧ୍ୟାରୁ ମକର ମଣ୍ଡପରେ ବସି ରହିଛନ୍ତି। କୌଣସି ନୀତିକାନ୍ତି ହୋଇନି କି ଦିଅଁ ଦକ୍ଷିଣ ଦ୍ୱାରକୁ ବିଜେ କରିନାହାଁନ୍ତି। ଏହା ପ୍ରଥମ ଘଟଣା ନୁହେଁ। ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ବାରମ୍ବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ କରାଯାଉଛି। ଏପରିକି ମହାପ୍ରଭୁଙ୍କୁ ଉପାସ ରଖାଯାଉଛି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି।

# ବୈତରଣୀ ଅନୁସୂୟା ଘାଟରେ ମକର ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ



**କେନ୍ଦୁଝର, ୧୪/୧ ନ୍ୟୁଜ**

ପାଟଣା ଦେଇ ପ୍ରବାହିତ ହେଉଥିବା ପୁଣ୍ୟତୋୟା ବୈତରଣୀର ଅନୁସୂୟା ତୀର୍ଥ ଘାଟରେ ମକର ବୁଡ଼ ପକାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ତିନିଦିନିଆ କେନ୍ଦୁଝର ଗସ୍ତରେ ମଙ୍ଗଳବାର ସକାଳେ ରାଇସୁଆଁ ସ୍ଥିତ ଏୟାରଷ୍ଟ୍ରିପରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ଏବଂ ସାଧାରଣ ଜନତାଙ୍କ ପକ୍ଷରୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ପାଟଣା ଗସ୍ତ କରିଥିଲେ। ବୁଡ଼ ପକାଇବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଭୁ ଆନନ୍ଦେଶ୍ୱର ମହାଦେବଙ୍କ ଠାରେ ଜଳଲାଗି କରିଥିଲେ ଏବଂ ଉପସ୍ଥିତ ଜନସାଧାରଣଙ୍କୁ ମକର ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ମକର ସଂକ୍ରାନ୍ତି ଭଳି ଏକ ପବିତ୍ର ଦିନରେ ପୁଣ୍ୟତୋୟା ବୈତରଣୀରେ ବୁଡ଼ ପକାଇ ମହାଦେବଙ୍କ ନିକଟରେ କେନ୍ଦୁଝର ଜିଲ୍ଲା ତଥା ସମଗ୍ର ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି ଓ ରାଜ୍ୟର ସାମଗ୍ରିକ ଉନ୍ନତି ପାଇଁ ପ୍ରାର୍ଥନା କରିଛନ୍ତି।



ଭୁବନେଶ୍ୱର : ୧୯୭୪ ବ୍ୟାଚ୍ -ଏବେ ଆମେ ସମସ୍ତେ ଆମର ସେହି କ୍ଲାସ ରୁମ୍‌ରେ ବସିଛୁ, ଯେଉଁଠି ଆମର ଭବିଷ୍ୟତ ତିଆରି ହୋଇଛି । ୧୯୭୧ ମସିହାରୁ ୧୯୭୪ ମସିହା ପର୍ଯ୍ୟନ୍ତ ଏହି କ୍ଲାସ୍ ରୁମ୍‌ରେ ଆମେ ବସି ପାଠ ପଢିଥିଲୁ। (ଫଟୋ : ସମ୍ବାଦ କଳିକା)

